





# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

JEYPORE ◆VOLUME- 43 ◆ISSUE-176 ◆MONDAY ◆22 DECEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୭୬ ◆ସୋମବାର ◆୨୨ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ବଢ଼ିଲା ରେଳ ଯାତ୍ରୀ ଭଡ଼ା



**ସାଧାରଣ ଶ୍ରେଣୀରେ ୨୧୫ କିମି ଯାଏ ହେବନାହିଁ ଲାଗୁ**

**ଡିସେମ୍ବର ୨୬ରୁ ହେବ କାର୍ଯ୍ୟକାରୀ**

**ମିଳିବ ୬୦୦ କୋଟିର ଅତିରିକ୍ତ ରାଜସ୍ୱ**

■ ନୂଆଦିଲ୍ଲୀ, ୨୧।୧୨ (ଏଜେନ୍ସି): ଆଗକୁ ମହଙ୍ଗା ହେବ ରେଳ ଯାତ୍ରା। ଭାରତୀୟ ରେଳବାଇ ଏଥର ଦୂର ଯାତ୍ରା ପାଇଁ ଭଡ଼ା ବୃଦ୍ଧି ଘୋଷଣା କରିଛି। ଏହି ନୂତନ ଭଡ଼ା ଡିସେମ୍ବର ୨୬ରୁ ଲାଗୁ ହେବ। ସାଧାରଣ ଶ୍ରେଣୀରେ ୨୧୫ କିମିରୁ ଅଧିକ ଯାତ୍ରା କରୁଥିବା ଯାତ୍ରୀଙ୍କୁ ଏଣିକି ପ୍ରତି କିମି ପାଇଁ ୧ ରୁ ୨ ପଇସା ଅତିରିକ୍ତ ଭଡ଼ା ଦେବାକୁ ପଡ଼ିବ। ୫୦୦ କିମିର ଅଣ-ଏସି ଯାତ୍ରା ପାଇଁ କେବଳ ୧୦ ଟଙ୍କା ଅତିରିକ୍ତ ଖର୍ଚ୍ଚ ହେବ। ମେଲ୍ ଓ ଏକ୍ସପ୍ରେସ୍ ଟ୍ରେନ୍ ଏବଂ ସମସ୍ତ ଏସି ଶ୍ରେଣୀର ଅଣ-ଏସି କୋଚ୍ ପ୍ରତି କିମି ପିଛା ୨ ପଇସା ବୃଦ୍ଧି ପାଇବ। ତବେ ଲୋକାଲ ଟ୍ରେନ୍ ଏବଂ ସ୍ୱଳ୍ପ ଦୂର ଗାମୀ ଯାତ୍ରା ପାଇଁ ଭଡ଼ାରେ କୌଣସି ବୃଦ୍ଧି ହୋଇନାହିଁ। ଏହାଛଡା ମାସିକ ସିଜନ୍ ଟିକଟ (ଏମ୍ଏସ୍‌ଟି) ଧାରୀଙ୍କ ପାଇଁ ଭଡ଼ା ଅପରିବର୍ତ୍ତିତ ରହିଛି। ସୂଚନାଯୋଗ୍ୟ, ପୂର୍ବରୁ ଚଳିତବର୍ଷ ଜୁଲାଇ ପହିଲାରେ ସରକାର ରେଳ ଭଡ଼ା ବୃଦ୍ଧି ▶ପୃଷ୍ଠା-୭

## ରାଜ୍ୟରେ ବଢ଼ିଚାଲିଛି ଦୁଷ୍କର୍ମ ଓ ମହିଳା ଅତ୍ୟାଚାର

# ‘ଲୋକଙ୍କ ସରକାର’ ଏକ ମିଛ ପ୍ରହେଳିକା: ନବୀନ



**ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇପଡୁଛି ଭୁବନେଶ୍ୱର**

**ସୁରକ୍ଷା ସୁନିଶ୍ଚିତ କରିବାରେ ସରକାରଙ୍କ ଅପାରଗତା**

■ ଭୁବନେଶ୍ୱର, ୨୧।୧୨ (ସମିସ): ରାଜ୍ୟରେ ମହିଳା ଶିଶୁ ଅତ୍ୟାଚାର ଓ ହିଂସା ମାମଲା ବଢ଼ି ବଢ଼ି ଚାଲିଥିବା ବେଳେ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇପାରୁ ନାହାନ୍ତି। ପ୍ରତ୍ୟେକ ଦିନ ରାଜ୍ୟର କୋଣ ଅନୁକୋଣରେ ଦୁଷ୍କର୍ମ, ଅସଦାଚରଣ ପରି ଉଦ୍‌ବେଗଜନକ ଘଟଣା ସାମ୍ନାକୁ ଆସୁଛି । ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ରାଜ୍ୟର ରାଜଧାନୀ ଭୁବନେଶ୍ୱର ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇ ପଡୁଛି; ନାରୀ ହିଂସା ବୃଦ୍ଧି ଯୋଗୁଁ ଓଡ଼ିଶା କଳଙ୍କ ମୁଣ୍ଡାଉଛି ବୋଲି ଉଲ୍ଲେଖ କରି ବିଜେପି ସରକାର କେବେ ଚେତିବେ ବୋଲି ପ୍ରଶ୍ନ କରିଛନ୍ତି ନବୀନ ପଟ୍ଟନାୟକ। ସମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ଭୁବନେଶ୍ୱରରେ ଦିନ ଦ୍ୱିପ୍ରହରେ ପୁଣି ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହେବା ଅତ୍ୟନ୍ତ ସ୍ପର୍ଶକାତର ବିଷୟ। ରାଜ୍ୟରେ ଆଇନଶୃଙ୍ଖଳା କୁଆଡ଼େ ଯାଉଛି? ‘ଲୋକଙ୍କ ସରକାର’ର ମିଛ ପ୍ରହେଳିକା କରୁଥିବା ସରକାର ଲୋକଙ୍କୁ ସୁରକ୍ଷା ଦେଉଛି ତ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ଧଉଳି ଗଣଦୁଷ୍କର୍ମ ଘଟଣା ମନରୁ ନ ଲିଭୁଣୁ ପୁଣି ଏକ ବର୍ବର କାଣ୍ଡ ସାଧାରଣ ଜନତାଙ୍କୁ ଆତଙ୍କିତ କରିଦେଇଛି। ରାଜଧାନୀରେ ମା’ଭଉଣୀମାନେ ଅସୁରକ୍ଷିତ ମନେ କରୁଛନ୍ତି। ସମସ୍ତଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାରେ ବିଜେପି ସରକାରର ଅପାରଗତା ଜଳଜଳ ଦେଖାଯାଉଛି। ତେଣୁ ସ୍ଥିତି ଆହୁରି ବିଗିଡ଼ିବା ପୂର୍ବରୁ ସରକାର ସଜାଗ ହୁଅନ୍ତୁ। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ଦିଗରେ ସରକାର ଆଗୁଆ ତତ୍ପର ହେବା ସହ ଦୃଢ଼ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।





INDIA'S FIRST 5 YEAR WARRANTY *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. I CIN: L35911DL 1984PLC017354 I For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts. #Limited period offer, T&C apply.


TOLL FREE 1800 266 0018

**Authorized Dealers: Jeypore:** Supreme Hero - 9289922183, **Raygada:** Ajit Hero - 9289922819, **Authorized HeroSure Dealers: Jeypore:** Supreme Sales - 8144822656, **Associate Dealers: Laxmipur:** Tarini Motors - 7205862853, **Semiliguda:** K P Enterprises - 9437233464, **Nabarangpur:** Arun Sales & Service - 9437174795, **Gunpur:** M/s Sai Sharan Automobiles - 9437234012, **Malkangiri:** Kanishka Automobiles - 9437181980, **Kotpad:** Shai Automobiles - 7205593156, **Umerkote:** Bharat Sales - 9937455659/9777765563, **Kalimela:** Laxminiyati Motors - 9861002055, **Bissam Cuttack:** Patnaik Motors - 7008615208, **Muniguda:** Sandeep Automobiles - 9668388730, **Raighar:** Raj Laxmi Auto - 9777563641, **Koraput:** Santosh Tyres - 9438021999.

VML.5865.2025ENG

## ଲାଞ୍ଚ ନେଇ ଲେଫ୍ଟନାଣ୍ଟ କର୍ଣ୍ଣେଲ ଗିରଫ

**ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି):** ଲାଞ୍ଚ ନେବା ଅଭିଯୋଗରେ ପ୍ରତିରକ୍ଷା ମନ୍ତ୍ରଣାଳୟରେ ନିଯୁକ୍ତ ଲେଫ୍ଟନାଣ୍ଟ କର୍ଣ୍ଣେଲ ଦୀପକ କୁମାର ଶର୍ମାଙ୍କୁ ସିବିଆଇ ଗିରଫ କରିଛି। ସେ ବେଙ୍ଗାଲୁରୁର ଏକ କମ୍ପାନୀରୁ ୩ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ହୋଇଛି। ସିବିଆଇ ଦୀପକଙ୍କ ଘରୁ ୨.୩୬ କୋଟି ଟଙ୍କା ଜବତ ମଧ୍ୟ କରିଛି। ସିବିଆଇ ତାଙ୍କ ପତ୍ନୀ କର୍ଣ୍ଣେଲ କାଜଲ ବାଲିଙ୍କ ବିରୋଧରେ ମଧ୍ୟ ଏକ ମାମଲା ରୁଜୁ କରିଛି। ଚଢ଼ାଉ ସମୟରେ କାଜଲଙ୍କ ଘରୁ ମଧ୍ୟ ୧୦ ଲକ୍ଷ ଟଙ୍କା ମିଳିଛି। ସେ ରାଜସ୍ଥାନର ଶ୍ରୀଗଙ୍ଗାନଗର ଡିଭିଜନ ଅର୍ଡନାନ୍ସ ୟୁନିଟ୍ (ଡିଓୟୁ)ର କମାଣ୍ଡିଂ ଅଧିକାର ଅଛନ୍ତି। ଏହି ମାମଲାର ମଧ୍ୟସ୍ଥି ବିନୋଦ କୁମାରଙ୍କୁ ମଧ୍ୟ ଗିରଫ କରାଯାଇଛି। ଉଭୟ ଡିସେମ୍ବର ୨୩ ପର୍ଯ୍ୟନ୍ତ ସିବିଆଇ ହେପାଜତରେ ରହିବେ। ଗତ ୧୯ରେ ମିଳିଥିବା ସୂଚନା ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ସିବିଆଇ କହିବା ଅନୁସାରେ ଲେଫ୍ଟନାଣ୍ଟ କର୍ଣ୍ଣଲେ ପ୍ରତିରକ୍ଷା ଉତ୍ପାଦ ନିର୍ମାଣ ଓ ରପ୍ତାନିରେ ଘରୋଇ କମ୍ପାନୀଗୁଡିକୁ ଅହେତୁକ ଅନୁକମ୍ପା ଦେବା ପାଇଁ ଏହି ଲାଞ୍ଚ ନେଇଥିଲେ।



ଘରୁ ୨.୩୬ କୋଟି ଜବତ

## ରୁଷିଆ ସେନାରେ ୨୦୨ ଭାରତୀୟ; ୨୬ ମୃତ

**ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି):** ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଥମିବାର ନାଁ ନେଉନାହିଁ। ତେବେ ରୁଷ ଭୁଆଁ ବୁଲାଇ ଏହି ଯୁଦ୍ଧରେ ଭାରତୀୟଙ୍କୁ ସାମିଲ କରୁଛି। ଯୁଦ୍ଧରେ ସାମିଲ ହୋଇ କିଛି ଭାରତୀୟ ଯୁବକ ମଧ୍ୟ ପ୍ରାଣ ହରାଇଛନ୍ତି। ୨୦୨୨ ଫେବୃଆରୀ ୨୪ରୁ ଆରମ୍ଭ ହୋଇଥିବା ଯୁଦ୍ଧରେ ରୁଷିଆ ସେନାରେ ୨୦୨ ଜଣ ଭାରତୀୟ ଯୁବକ ନିଯୁକ୍ତି ହୋଇଛନ୍ତି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏକ ପ୍ରଶ୍ନର ଉତ୍ତର ଦେଇ ବିଦେଶ ମନ୍ତ୍ରଣାଳୟ ରାଜ୍ୟସଭାରେ ଏହି ସୂଚନା ଦେଇଛି। ତେବେ ଏମାନଙ୍କ ମଧ୍ୟରୁ ୨୬ ସହିଦ ହୋଇଛନ୍ତି ଓ ଅନ୍ୟ ୭ ଜଣ ନିଖୋଜ ହୋଇଛନ୍ତି ବୋଲି କୁହାଯାଇଛି। ରୁଷିଆ ସେନାରୁ ୧୧୯ ଜଣଙ୍କୁ ଫେରାଇ ଅଣାଯାଇଛି। କିନ୍ତୁ ଆହୁରି ୫୦ଜଣ ଭାରତୀୟ ଏବେ ମଧ୍ୟ ରୁଷିଆ ସେନାରେ ଫସି ରହିଥିବା ବିଶ୍ୱାସ କରାଯାଉଛି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। କିଛିଦିନ ତଳେ ରୁଷିଆ ତରଫରୁ ୟୁକ୍ରେନ ବିରୋଧରେ ଲଢୁଥିବା ଜଣେ ଯୁବକ ସହିଦ ହୋଇଥିଲେ। ପୈତୃକ ଗାଁରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।



## ଶ୍ରୀରାମ ଜନ୍ମଭୂମି ଟ୍ରଷ୍ଟ ପାଖରେ ୨୧୦୦ କୋଟି

**ଆଯୋଧ୍ୟା,୨୧।୧୨(ଏଜେନ୍ସି):** ଶ୍ରୀରାମ ଜନ୍ମଭୂମି ତୀର୍ଥ ଟ୍ରଷ୍ଟକୁ ମୋଟ୍ ୪୫୭୫ କୋଟି ଟଙ୍କା ପ୍ରାପ୍ତ ହୋଇଛି। ଗତ ୫ ବର୍ଷ ୯ ମାସ ମଧ୍ୟରେ ମନ୍ଦିର ନିର୍ମାଣ, ଶ୍ରୀରାମ ଜନ୍ମଭୂମି ପରିସରର ବିସ୍ତାର, ଜମି ଓ ଭବନ କ୍ରୟ ସହିତ ଅନ୍ୟ କେତେଗୁଡିଏ କାର୍ଯ୍ୟ କରିବାରେ ଅର୍ଥ ଖର୍ଚ୍ଚ ହୋଇଛି। ଏବେ ଟ୍ରଷ୍ଟ ପାଖରେ ୨୧୦୦ କୋଟି ଟଙ୍କା ରହିଛି। ବାକି ଥିବା ଅର୍ଥକୁ ନିବେଶ କରାଯାଇଛି। ଏଥିରୁ ଅଯୋଧ୍ୟାର ଭାରତୀୟ ଷ୍ଟେଟ ବ୍ୟାଙ୍କରେ ୮୮୯.୫୨ କୋଟି, ବ୍ୟାଙ୍କ ଅଫ ବରୋଦାରେ ୩୧୩.୮୭ କୋଟି ଓ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ୬୯୪.୪୯ କୋଟି ଟଙ୍କା ଜମା କରାଯାଇଛି। ଏହା ବ୍ୟତୀତ ଟ୍ରଷ୍ଟ ୮୭ କୋଟି ମ୍ୟୁଚୁଆଲ ଫଣ୍ଡ ଓ ୪୦ କୋଟି ଟଙ୍କା ଅଟୋ ସୁଇପ୍ ଖାତାରେ ନିବେଶ କରିଛି। ବୈଠକରେ ୨୦୨୦ ଫେବୃଆରୀ ୫ରୁ ୨୦୨୫ ନଭେମ୍ବର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଆୟ ଓ ବ୍ୟୟ ନେଇ ଟ୍ରଷ୍ଟ ପକ୍ଷରୁ ଏହି ସୂଚନା ଦିଆଯାଇଥିଲା। ଟ୍ରଷ୍ଟର ସେଭିଂ ଖାତାରେ ୮୯ ଲକ୍ଷ ଟଙ୍କା ରହିଛି। ସୁଧ ବାବଦରେ ବ୍ୟାଙ୍କରୁ ୨ କୋଟି ଟଙ୍କା ମିଳିଛି। ଟ୍ରଷ୍ଟ ପାଖରେ ଥିବା ୨୧୦୦ କୋଟି ଟଙ୍କାକୁ ଭବିଷ୍ୟତରେ ମନ୍ଦିର ପରିସରର ବିକାଶ ଓ ଅନ୍ୟ ଯୋଜନା ବାବଦରେ ଖର୍ଚ୍ଚ କରାଯିବ ବୋଲି କୁହାଯାଇଛି।



ମ୍ୟୁଚୁଆଲ ଫଣ୍ଡରେ ୮୭ କୋଟି ନିବେଶ

## ବିଜେପି ଦୃଷ୍ଟିକୋଣରୁ ସଂଘକୁ ଦେଖିବା ଉଚିତ୍ ନୁହେଁ: ଭାଗବତ

**କୋଲକାତା,୨୧।୧୨(ଏଜେନ୍ସି):** ରାଷ୍ଟ୍ରୀୟସ୍ୱୟଂ ସେବକ (ଆରଏସ୍ଏସ୍) ମୁଖ୍ୟ ମୋହନ ଭାଗବତ ବିଜେପି ନେଇ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ସଂଘ ଅର୍ଥାତ ଆରଏସ୍ଏସ୍‌କୁ ବିଜେପି ଦୃଷ୍ଟିକୋଣରୁ ଦେଖିବାକୁ ଠିକ୍ ନୁହେଁ। ସଂଘ କେବଳ ଏକ ସେବା ସଂଗଠନ ନୁହେଁ। ସଂଘକୁ ବୁଝିବାକୁ ହେଲେ ଏହାକୁ ଭଲ ଭାବେ ଦେଖିବାକୁ ପଡିବ। ଅନେକ ଲୋକ ବିଜେପିର ଚଷମାରେ ସଂଘକୁ ଦେଖିବାର ଭୁଲ କରିଥାନ୍ତି। ଏହା ଆଦୌ ଠିକ୍ ନୁହେଁ। ବିଜେପିକୁ ଦେଖି ସଂଘକୁ ଜଣେ ବୁଝି ପାରିବ ନାହିଁ। ଏହାକୁ ଅନୁଭବ କରିବାକୁ ହେବ ବୋଲି ଭାଗବତ କୋଲକାତାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି।

## ବିଏସ୍ଏଫ୍ ଯବାନଙ୍କୁ ଅପହରଣ କଲେ ବାଂଲାଦେଶୀ

**କୋଲକାତା,୨୧।୧୨(ଏଜେନ୍ସି):** ଭାରତ-ବାଂଲାଦେଶ ସୀମାରେ କିଛି ବାଂଲାଦେଶ ଗୋଚାଲାଣକାରୀ ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍ଏଫ୍) ଯବାନ ବେଦ ପ୍ରକାଶଙ୍କୁ ଅପହରଣ କରିଛନ୍ତି। ଘନ କୁହୁଡିର ଫାଇଦା ଉଠାଇ ସେମାନେ ଯବାନଙ୍କୁ ସାଥିରେ ନେଇଯାଇଥିଲେ। କିନ୍ତୁ ପରେ ସେମାନେ ଯବାନଙ୍କୁ ବାଂଲାଦେଶ ବର୍ଡର ଗାର୍ଡ (ବିଜିବି)କୁ ହସ୍ତାନ୍ତର କରିଥିଲେ। ଏବେ ଦୁଇ ଦେଶ ମଧ୍ୟରେ ଆଲୋଚନା ହେବା ପରେ ଯବାନଙ୍କୁ ଫେରାଇ ଆଣିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ପଶ୍ଚିମବଙ୍ଗର କୋଚ୍‌ବିହାର ଜିଲ୍ଲାର ମେଖଲିଗଞ୍ଜ ଅଞ୍ଚଳରେ ଶନିବାର ସକାଳ ୪.୪୫ରେ ଏହି ଘଟଣା ଘଟିଛି। ସେ ବିଏସ୍ଏଫ୍‌ର ୧୭୪ତମ ବାଟାଲିଅନରେ ନିୟୋଜିତ ରହିଛନ୍ତି।

## ଦକ୍ଷିଣ ଆଫ୍ରିକାରେ ଗୁଳିକାଣ୍ଡ; ୧୦ ମୃତ

**ଜୋହାନ୍ସବର୍ଗ,୨୧।୧୨(ଏଜେନ୍ସି):** ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ରବିବାର କିଛି ଅଜ୍ଞାତ ବନ୍ଧୁକଧାରୀ ସଡ଼କରେ ଲୋକଙ୍କ ଉପରକୁ ଆଖିବୁଜା ଗୁଳି ମାଡ଼ କରିଛନ୍ତି। ଏଥିରେ ୧୦ ଜଣ ମୃତ୍ୟୁବରଣ କରିଥିବାବେଳେ ସମାନ ସଂଖ୍ୟକ ଲୋକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩, ୧୨ ଓ ୧୬ ବର୍ଷର ପିଲା ସାମିଲ ଅଛନ୍ତି। ପୁଲିସ ଦେଇଥିବା ସୂଚନା ଅନୁସାରେ ଏହି ଆକ୍ରମଣର ଉଦ୍ଦେଶ୍ୟ ନେଇ କିଛି ସ୍ପଷ୍ଟ ହୋଇନାହିଁ। ଗୌଟେଙ୍ଗ ପ୍ରୋଭିନ୍ସିଆଲ ପୁଲିସ ମୁଖପାତ୍ର ବ୍ରିଗେଡିୟର ବ୍ରେଣ୍ଡା ମୁରିଡିଲ କହିଛନ୍ତି ଯେ, ବନ୍ଧୁକଧାରୀମାନେ ସଡ଼କରେ ଅଚାନକ ଗୁଳି ଚଳାଇଥିଲେ। ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିପାରି ନାହିଁ। ବେକରସଡାଲରର ଏକ ବାର୍ ନିକଟରେ ଏହି ଗୁଳିକାଣ୍ଡ ଘଟିଥିଲା। ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଆକ୍ରମଣକାରୀଙ୍କୁ ଖୋଜୁଛି। ଆକ୍ରମଣକାରୀଙ୍କ ପାଖରେ ଏକେ-୪୭ ଭଳି ଅତ୍ୟାଧୁନିକ ରାଇଫଲ ଥିଲା ବୋଲି ପ୍ରୋଭିନସିଆଲ ପୁଲିସ କମିଶନର ମେଜର ଜେନେରାଲ ଫ୍ରେଡ କେକାନା କହିଛନ୍ତି। ଗୁଳିକାଣ୍ଡ ଘଟାଇବା ପରେ ସେମାନେ ଲୋକଙ୍କ ମୋବାଇଲ ଫୋନ ସମେତ ମୂଲ୍ୟବାନ ଜିନିଷପତ୍ର ନେଇଯାଇଥିଲେ।

## ଏପିଷ୍ଟିନ ସହ ଟ୍ରମ୍ପ ଓ ମେଲାନିଆଙ୍କ ଫଟୋ ଗାଏବ

**ୱାସିଂଟନ, ୨୧।୧୨ (ଏଜେନ୍ସି):** ଯୌନ ଅପରାଧୀ ଜେଫ୍ରି ଏପିଷ୍ଟିନ ସହ ଜଡ଼ିତ ୧୬ଟି ଫାଇଲକୁ ଆମେରିକା ସରକାର ଶନିବାର ୱେବସାଇଟରୁ ହଟାଇ ଦେଇଛନ୍ତି। ଏହି ସବୁ ଫାଇଲରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ପତ୍ନୀ ମେଲାନିଆ ଟ୍ରମ୍ପଙ୍କ ଫଟୋ ରହିଥିଲା। ଏହି ଫାଇଲରେ ଏକ ଅଙ୍କା ଯାଇଥିବା ଚିତ୍ର ଏବଂ କିଛି ଫଟୋ ରହିଥିଲା। ଏହି ଫଟୋରେ ଏପିଷ୍ଟିନ, ତାର ପ୍ରେମିକା ଗିଜଲେନ ମାସ୍କୱେଲ, ଟ୍ରମ୍ପ ଏବଂ ମେଲାନିଆ ଏକାଠି ଉଠାଇ ଥିବା ଫଟୋ ସାମିଲ ଥିଲା। ତେବେ ଏହା ହଟାଇବାକୁ ନେଇ ଆମେରିକା ନ୍ୟାୟ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇ ନାହିଁ। ଏହା ପୂର୍ବରୁ ଶୁକ୍ରବାର ରାତିରେ ଏପଷ୍ଟିନଙ୍କ ୩ ଲକ୍ଷ ଦଲିଲ ଜାରି କରାଯାଇଥିଲା।

## ଅରୁଣାଚଳ ପ୍ରଦେଶରେ ପାକ୍-ଚୀନ୍ ଗୁଇନ୍ଦା ନେଟୱର୍କର ପର୍ଦ୍ଦାଫାସ୍

# ଭାରତ ସୁରକ୍ଷା ପ୍ରତି ବଡ଼ ବିପଦ

**ଇଟାନଗର, ୨୧।୧୨ (ଏଜେନ୍ସି):**

ଅରୁଣାଚଳ ପ୍ରଦେଶରୁ ଏକ ବଡ଼ ଗୁଇନ୍ଦା ନେଟୱର୍କର ପର୍ଦ୍ଦାଫାସ ହୋଇଛି। ପାକିସ୍ତାନ ସହ ଏହାର ଲିଙ୍କ ଥିବା ଜଣାପଡ଼ିଛି। ଏହା ସୁରକ୍ଷା ଏଜେନ୍ସିଗୁଡ଼ିକର ଚିନ୍ତାକୁ ବଢ଼ାଇ ଦେଇଛି। ଗତ ୧୦ ଦିନ ମଧ୍ୟରେ ପାକିସ୍ତାନ ସହ ଜଡ଼ିତ ଏହି ନେଟୱର୍କର ୪ ଜଣ ସଦସ୍ୟଙ୍କୁ ଗିରଫ କରାଯାଇଛି। ଏପରି ସମୟରେ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି) ନିକଟରେ ଚୀନ୍ ସେନାର ଉପସ୍ଥିତି ଏବଂ ସମ୍ଭାବ୍ୟ ଅନୁପ୍ରବେଶକୁ ନେଇ ସ୍ଥାନୀୟ ଅଧିବାସୀ ସୂଚନା ଦେଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ସେନାର କାର୍ଯ୍ୟକଳାପ ଏବଂ ଅନ୍ୟ ସମ୍ବେଦନଶୀଳ ସୂଚନାକୁ ଅଭିଯୁକ୍ତମାନେ ପାକିସ୍ତାନୀ ହ୍ୟାଣ୍ଡଲର୍ସଙ୍କୁ ପଠାଉ ଥିଲେ। ଏହି ନେଟୱର୍କର ଲିଙ୍କ ଚୀନ୍ ସହ ଜଡ଼ିତ ରହିଛି ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ସୁରକ୍ଷା ବିଶେଷଜ୍ଞମାନେ ଏହାକୁ 'ହାଇବ୍ରିଡ ୱାର'ର ରଣନୀତି ସହ ଯୋଡ଼ି ଦେଖୁଛନ୍ତି। ଏଥିରେ ଗୁଇନ୍ଦା ନେଟୱର୍କ, ଅନୁପ୍ରବେଶ, ସାମରିକ ଚାପର ବ୍ୟବହାର କରାଯାଇଥାଏ। ରାଜ୍ୟର ଗୃହମନ୍ତ୍ରୀ ମାମା ନାଟୁଙ୍ଗ କହିଛନ୍ତି ଯେ ଗୁଇନ୍ଦା କାର୍ଯ୍ୟକଳାପରେ ସାମିଲ ଲୋକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ।

ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ଯେ ୨୦୨୪ରେ ଚୀନ୍ ସେନା ଅଞ୍ଜାୱ ଜିଲ୍ଲାର କପାପୁ କ୍ଷେତ୍ରର ପ୍ରାୟ ୬୦ କିମି ଭିତର ପର୍ଯ୍ୟନ୍ତ କ୍ୟାମ୍ପ ନିର୍ମାଣ କରିଛି। ୨୦୨୨ ଭଳି ସ୍ଥିତି ଜାରି ରହିଛି। ତେବେ ସରକାର ଏହାକୁ 'ଓଭରଲ୍ୟାପିଂ ପାଟ୍ରୋଲିଂ' କୁହାଯାଉଛି। ଏହି ସମୟରେ ତିବ୍ବତର ଲୁହେଞ୍ଜି ଏୟାରବେସରୁ ଚୀନ୍‌ର କାର୍ଯ୍ୟକଳାପ ଉପରେ ନଜର ରଖାଯାଇଛି। ଏଠାକାର ମ୍ୟାକମୋହନ ଲାଇନରୁ ପ୍ରାୟ ୪୦ କିମି ଦୂର ୩୬ ହାର୍ଡେଣ୍ଡ ଏୟାରକ୍ରାଫ୍ଟ ସେଲଟର୍ସ ନିର୍ମାଣ ଏବଂ ଷ୍ଟେଲଥ୍ ବିମାନ ମୁତୟନ କରାଯାଇଥିବା ସୂଚନା ସାମ୍ନାକୁ ଆସିଛି। ଯାଞ୍ଚ ଏଜେନ୍ସିର ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ସ୍ଥାନୀୟ ମୁସଲମାନ ସମ୍ପ୍ରଦାୟ ଭିତରେ ରହି ସ୍ଲିପର ସେଲ୍ ବିକଶିତ କରୁଥିଲେ। କିଛି ବାଂଲାଦେଶୀ ଯୁବକଙ୍କ ଭୂମିକା ବି ସନ୍ଦେହରେ ରହିଛି। ୱେଷ୍ଟ ସିୟାଙ୍ଗର ଏସ୍‌ପି କହିଛନ୍ତି ଯେ ଏହି ମାମଲା ଆସାମ ଏବଂ ଅରୁଣାଚଳ ସହ ଜଡ଼ିତ ଏକ ବଡ଼ ଗୁଇନ୍ଦା ମଡେଲର ଅଂଶ ହୋଇପାରେ। ଏହି ମାମଲାରେ ଗତ ୧୧ ତାରିଖରେ ଇଟାନଗରରୁ ଜମ୍ମୁ-କଶ୍ମୀର କୁପୱାଡ଼ା ଜିଲ୍ଲାର ନଜିର ଅହମ୍ମଦ ମଲିକ ଏବଂ ସବିର ଅହମ୍ମଦ ମିରକୁ ଗିରଫ କରାଯାଇଥିଲା। ଉଭୟେ କମ୍ବଳ ବିକ୍ରି କରିବା ପାଇଁ ବୁଲୁଥିଲେ। ଏନ୍‌କ୍ରିପଟେଡ ଟେଲିଗ୍ରାମ ଚ୍ୟାନେଲ ମାଧ୍ୟମରେ ପାକିସ୍ତାନୀ ହ୍ୟାଣ୍ଡଲର୍ସଙ୍କ ସହ ଯୋଗାଯୋଗରେ ଥିଲେ। ଉଭୟଙ୍କୁ ବେଆଇନ ଅନୁପ୍ରବେଶରେ ସହଯୋଗ ଏବଂ ଅସ୍ତ୍ରଶସ୍ତ୍ର ପଠାଇବା ପାଇଁ କୋରିଅର ଗଢ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଗତ ୧୩ ତାରିଖରେ କଶ୍ମୀରରୁ ଆଉ ଦୁଇ ଜଣ ଯୁବକଙ୍କୁ ଗିରଫ କରାଯାଇଥିଲା। ଏହି ନେଟୱର୍କ ଆସାମ ପର୍ଯ୍ୟନ୍ତ ବ୍ୟାପିଥିବା ଜଣା ପଡ଼ିଥିଲା। ତେଜପୁରରୁ ବାୟୁସେନାର ଅବସରପ୍ରାପ୍ତ ଅଧିକାରୀ କୁଲେନ୍ଦ୍ର ଶର୍ମାଙ୍କ ଗିରଫ ମଧ୍ୟ ଏହାର ଅଂଶବିଶେଷ ବୋଲି କୁହାଯାଉଛି। ଅନ୍ୟପକ୍ଷରେ କଶ୍ମୀର ଏନଆଇଏ ମୁଖ୍ୟାଳୟ ନିକଟରୁ ଚୀନ୍ ଟେଲିସ୍କୋପ ମିଳିଛି। ଏହା ସୁରକ୍ଷା ସ୍ଥିତିକୁ ଅଧିକ ସଙ୍ଗୀନ କରିଦେଇଛି। ଏହା ମାଧ୍ୟମରେ ଭାରତରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଯାଇଥିବା ସନ୍ଦେହ କରାଯାଉଛି।


ଏବେ ଲଦାଖ, ସିକିମ ଏବଂ ଅରୁଣାଚଳ ପ୍ରଦେଶରେ ଭାରତ ପ୍ରାୟ ୧.୨୦ ଲକ୍ଷ ଯବାନଙ୍କୁ ମୁତୟନ କରିଛି। ଏହା ସତ୍ତ୍ୱେ ଗୁଇନ୍ଦା ନେଟୱର୍କ ସୁରକ୍ଷା ଦୃଷ୍ଟିରୁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏ ବିଷୟରେ ଜଣାପଡ଼ିବା ପରେ ଆସାମ ଏବଂ ପୂର୍ବୋତ୍ତର ରାଜ୍ୟରେ ତଲାସୀ ଅଭିଯାନ ଜୋରଦାର କରାଯାଇଛି। ଏହାକୁ ରାଷ୍ଟ୍ରୀୟ ସୁରକ୍ଷା ପ୍ରତି ବଡ଼ ବିପଦ ଧରାଯାଉଛି।

**ଅରୁଣାଚଳ ଓ କଶ୍ମୀରରୁ ୪ ଗୁପ୍ତଚର ଗିରଫ**

**କମ୍ବଳ ବିକ୍ରି ନାମରେ କରୁଥିଲେ ତଥ୍ୟ ସଂଗ୍ରହ**

**ଚୀନ୍ ଉପରେ ନଜର; ଏଲଏସିରେ କ୍ୟାମ୍ପ ନିର୍ମାଣ ଦାବି**

**କଶ୍ମୀରର ଏନ୍ଆଇଏ ମୁଖ୍ୟାଳୟ ନିକଟରୁ ରାଇଫଲ ଟେଲିସ୍କୋପ ଜବତ; ଅନୁପ୍ରବେଶ ଆଶଙ୍କା**




## 'ଭିବି-ଜି ରାମ ଜି ବିଲ୍'କୁ ରାଷ୍ଟ୍ରପତିଙ୍କ ଅନୁମୋଦନ

**ନୂଆଦିଲ୍ଲୀ, ୨୧।୧୨ (ଏଜେନ୍ସି):** ବିରୋଧୀ ଦଳଙ୍କ ତୀବ୍ର ବିରୋଧ ସତ୍ତ୍ୱେ ଏମ୍‌ଜିନରେଗା ବଦଳରେ ଅଣା ଯାଇଥିବା 'ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜିବୀକା ମିଶନ' ତଥା ଭିବି-ଜି ରାମ ଜି ବିଲ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର ଅନୁମୋଦନ ଦେଇଛନ୍ତି। ଏଥିସହିତ ଏହି ବିଲ୍ ଆଇନରେ ପରିଣତ ହୋଇଛି। ଏହା ଗ୍ରାମୀଣ ନିଯୁକ୍ତି କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇଲ ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଗ୍ରାମାଞ୍ଚଳ ବିକାଶ ମନ୍ତ୍ରାଳୟର ଅଧିକାରୀମାନେ କହିଛନ୍ତି। ଏହି ବିଲ୍‌ରେ କାର୍ଯ୍ୟ ଦିବସକୁ ୧୨୫ ଦିନକୁ ବଢ଼ାଇ ଦିଆଯାଇଛି। କାମ ନ ମିଳିଲେ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଛି। ଏହା ଆତ୍ମନିର୍ଭର ଭାରତର ମୂଳଦୁଆକୁ ସୁଦୃଢ଼ କରିବ ଏବଂ ଗ୍ରାମୀଣ ପରିବାରକୁ ଆର୍ଥିକ ଭାବେ ସଶକ୍ତ କରିବା ସହିତ ସମାବେଶୀ ବିକାଶରେ ଭାଗିଦାରୀ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ବିଲ୍‌ଟି ଉଭୟ ସଦନରେ ପାରିତ ହୋଇଯାଇଥିଲା। ଲୋକସଭାରେ ଏହା ଉପରେ ୧୪ ଘଣ୍ଟା ଚର୍ଚ୍ଚା ହୋଇଥିଲା। ବିରୋଧୀଙ୍କ ବିଲ୍‌କୁ ବିରୋଧ କରି ସଂସଦ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଟିଏମସି ସଦସ୍ୟ ସାରା ରାତି ଧାରଣା ଦେଇଥିଲେ। ତୁରନ୍ତ ବିଲ୍‌କୁ ପ୍ରତ୍ୟାହାର ଦାବି କରିଥିଲେ। ସରକାର ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବାକୁ ଚାହୁଁଥିବା ବିରୋଧୀ ଅଭିଯୋଗ କରିଥିଲେ। ସେହିପରି ବିଲ୍‌ରୁ ଗାନ୍ଧୀଙ୍କ ନାମ ହଟାଇବା ତାଙ୍କୁ ଦ୍ୱିତୀୟ ଥର ହତ୍ୟା କରିବା ଭଳି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି ଚିଦମ୍ବରମ କହିଛନ୍ତି।

## ମହାରାଷ୍ଟ୍ର ପୌର ନିର୍ବାଚନ; ୨୧୪ ସିଟ୍‌ରେ ଏନ୍‌ଡିଏ ବିଜୟୀ

**ମୁମ୍ବଇ, ୨୧।୧୨ (ଏଜେନ୍ସି):** ମହାରାଷ୍ଟ୍ର ପୌର ନିର୍ବାଚନରେ କ୍ଷମତାସୀନ ମହାଯୁତି ମେଣ୍ଟ ବୃହତ ବିଜୟ ହାସଲ କରିଛି। ୨୮୮ ଆସନ (୨୪୬ ନଗର ପରିଷଦ ଏବଂ ୪୨ ନଗର ପଞ୍ଚାୟତ)ରୁ ୨୧୪ଟି ମହାଯୁତି ହାତକୁ ଯାଇଛି। ତେବେ ଏହି ଫଳାଫଳକୁ ନେଇ ବିରୋଧୀ ନିର୍ବାଚନ କମିଶନ (ଇସି)ଙ୍କୁ ଦୋଷ ଦେଇଛନ୍ତି। ଇସିଙ୍କ ପାଇଁ ମହାଯୁତି ବିଜୟୀ ହେଲା ବୋଲି କଂଗ୍ରେସ ଏବଂ ଉଦ୍ଧବ ଗୋଷ୍ଠୀର ଶିବସେନା ପକ୍ଷରୁ କୁହାଯାଇଛି। ବିଜେପି ୧୨୦, ଏକନାଥ ସିନ୍ଦେଙ୍କ ଶିବସେନା ୫୭ ଏବଂ ଅଜିତ ପାୱାରଙ୍କ ଏନ୍‌ସିପି ୩୭ ଆସନ ହାତେଇଛି। ସେହିପରି ମହାବିକାଶ ଅଘାଡ଼ି କେବଳ ୫୧ଟି ଆସନ ପାଇଛି। କଂଗ୍ରେସ ୩୧, ଶିବସେନା (ୟୁବିଟି) ୧୦, ଏନସିପି (ଏସ) ୧୦ଟି ଏବଂ ଅନ୍ୟ ଦଳକୁ ୨୨ଟି ଆସନରେ ବିଜୟୀ ହୋଇଛନ୍ତି।

## ମିଥ୍ୟା ଅଭିଯୋଗରେ ହିନ୍ଦୁ ଯୁବକଙ୍କୁ ହତ୍ୟା କରି ଜାଳି ଥିଲେ

**ଢାକା, ୨୧।୧୨ (ଏଜେନ୍ସି):** ବାଂଲାଦେଶରେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କୁ ସଂଗଠିତ ଭିଡ଼ ପିଟିପିଟି ହତ୍ୟା କରିବା ପରେ ତାଙ୍କୁ ଜାଳି ଦେଇଥିଲା। ଏବେ ଏହି ମାମଲାରେ ଗୁମର ଖୋଲି ଯାଇଛି। ମିଥ୍ୟା ଈଶ ନିନ୍ଦା ଅଭିଯୋଗରେ ତାଙ୍କୁ ହତ୍ୟା କରାଯାଇଥିଲା। ସେ ଫେସ୍‌ବୁକରେ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇବା ନେଇ ପୋଷ୍ଟ କରିଥିଲେ ବୋଲି ଦାବି କରାଯାଇଥିଲା। କିନ୍ତୁ ପ୍ରକୃତରେ ସେ ଏଭଳି କୌଣସି ପୋଷ୍ଟ କରି ନ ଥିଲେ ବୋଲି ଯାଞ୍ଚରୁ ଜଣାପଡିଛି। ଏନେଇ କୌଣସି ପ୍ରମାଣ ମଧ୍ୟ ମିଳିପାରିନାହିଁ। ବାଂଲାଦେଶର ରାପିଡ୍ ଆକ୍ସନ ବାଟାଲିଅନ (ଆରଏବି)ର କମାଣ୍ଡର ମହମ୍ମଦ ସମସୁଜ୍ଜମାନ ବାଂଲାଦେଶୀ ଖବରକାଗଜ 'ଦି ଡେଲି ଷ୍ଟାର'କୁ କହିଛନ୍ତି ଯେ ଦୀପୁଙ୍କ ଈଶ ନିନ୍ଦା ନେଇ କୌଣସି ପ୍ରମାଣ ମିଳିନାହିଁ। ସେ ଢାକା ନିକଟବର୍ତ୍ତୀ ଭାଲୁକାରେ ଏକ କାରଖାନାରେ କାର୍ଯ୍ୟ କରୁଥିଲେ। ଏହି କାରଖାନା ବାହାରେ ହିଁ ତାଙ୍କୁ ହତ୍ୟା କରି ଜାଳି ଦିଆଯାଇଥିଲା। ତେବେ ଏହି ଘଟଣାରେ ପୁଲିସର ଭୂମିକା ସନ୍ଦେହରେ ରହିଛି। କାରଣ ପୁଲିସ ହିଁ ତାଙ୍କୁ ଆନ୍ଦୋଳନକାରୀଙ୍କୁ ଟେକି ଦେଇଥିଲା। ସେହିପରି ବାଂଲାଦେଶ ଛାତ୍ର ନେତା ଉସ୍ମାନ ହାଦି ହତ୍ୟା ମାମଲାରେ ନ୍ୟାୟ ପାଇଁ ଦାବି ଆହୁରି ଜୋରଦାର ହୋଇଛି। ଇନକିଲାବ ମଞ୍ଚ ବାଂଲାଦେଶର ଅନ୍ତରୀଣ ସରକାରଙ୍କୁ ଏ ନେଇ ୨୪ ଘଣ୍ଟାର ଚେତାବନୀ ଦେଇଛି। ତୁରନ୍ତ ହାଦିଙ୍କ ହତ୍ୟା ମାମଲାରେ ଜଡିତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଇନକିଲାବ ମଞ୍ଚର ସଚିବ ଅବଦୁଲ୍ଲା ଅଲ ଜାବେର କହିଛନ୍ତି। ଯଦି ଏହା ନହୁଏ, ତେବେ ଶାହବାଗ ଛକରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଆରମ୍ଭ ହେବ ବୋଲି ସେ ସତର୍କ କରାଇଛନ୍ତି। ଏହି କ୍ରମରେ ଜାବେର ଗୃହ ପରାମର୍ଶଦାତା ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ଜାହାଙ୍ଗୀର ଆଲମ ଚୌଧୁରୀ ଏବଂ ମୁଖ୍ୟ ପରାମର୍ଶଦାତାଙ୍କ ସହାୟକ ଖୁଦା ବକ୍ସ ଚୌଧୁରୀଙ୍କ ଇସ୍ତଫା ଦାବି କରିଛନ୍ତି। ଅନ୍ୟପଟେ ଭାରତ ବାଂଲାଦେଶରେ ଭିସା ସେବାକୁ ବନ୍ଦ କରିଦେଇଛି।

**ଖୋଲିଗଲା ବାଂଲାଦେଶୀ ଚରମପନ୍ଥୀଙ୍କ ମୁଖା**

## ଧଳା ଚାଦରରେ ଘୋଡ଼େଇ ହେଲା କଶ୍ମୀର

# ଆରମ୍ଭ ହେଲା ଶୀତ ଅବକାଶ 'ଚିଲାଇ-କଲାନ୍'



**ଶ୍ରୀନଗର,୨୧।୧୨(ଏଜେନ୍ସି):**

କଶ୍ମୀର ଉପତ୍ୟକାରେ ଚଳିତ ଋତୁରେ ପ୍ରଥମ ତୁଷାରପାତ ହୋଇଛି। ଏଥିସହ ଉପତ୍ୟକାରେ ୪୦ ଦିନର ଭୀଷଣ ଥଣ୍ଡା ତଥା ଶୀତକାଳୀନ ଅବଧି ଅର୍ଥାତ 'ଚିଲାଇ-କଲାନ' ଆରମ୍ଭ ହୋଇଛି। ପ୍ରତିବର୍ଷ ଡିସେମ୍ବର ୨୧ରୁ ଜାନୁଆରୀ ୩୧ ପର୍ଯ୍ୟନ୍ତ ଚିଲାଇ-କଲାନ ରହିଥାଏ। ଏହି ସମୟରେ ସର୍ବାଧିକ ତୁଷାରପାତ ହୋଇଥାଏ ଓ କଶ୍ମୀର ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ରବିବାର କଶ୍ମୀରର ପାର୍ବତ୍ୟାଞ୍ଚଳରେ ତୁଷାରପାତ ହୋଇଥିଲା। ଗୁଲମାର୍ଗରେ ପ୍ରାୟ ଦୁଇ ଇଞ୍ଚର ତୁଷାରପାତ ହୋଇଛି। ସକାଳଠାରୁ ସୋନମାର୍ଗର ତୁଷାରପାତ ଜାରି ରହିଛି। ଚିଲାଇ-କଲାନ ଆରମ୍ଭ ହେବା ସହ କାଶ୍ମୀର ଉପତ୍ୟକାର ଏକ ନୂଆ ସ୍ଥିତି ସୃଷ୍ଟି ହୋଇଥାଏ। ଏହି ସମୟରେ ଲୋକେ ନିଜର ଶୀତବସ୍ତ୍ର ଓ ଓଭରକୋଟ ପରିଧାନ କରିଥାନ୍ତି। ଗୁରେଜ, ୱାରୱାନ ଉପତ୍ୟକା ଏବଂ ଦକ୍ଷିଣ ଓ ଉତ୍ତର କଶ୍ମୀରର ଉଚ୍ଚସ୍ଥାନ, ଯେପରିକି ସିନ୍ଥନ ଟପ୍, ରାଜଦାନ ପାସ୍, ସାଧନା ଟପ୍, ଜୋଜିଲା ଓ ସୋନମାର୍ଗରେ ପ୍ରବଳ ତୁଷାରପାତ ହୋଇଥିବାର ଖବର ମିଳିଛି। ଦ୍ରାସ୍ ଓ କାର୍ଗିଲ୍ ଜିଲ୍ଲାର କିଛି ଅଞ୍ଚଳରେ ମଧ୍ୟ ପ୍ରଥମ ଥର ପାଇଁ ତୁଷାରପାତ ରେକର୍ଡ କରାଯାଇଛି। ତୁଷାରପାତ ସହ କଶ୍ମୀରର ବ୍ୟାପକ ଆଦ୍ରତା ମଧ୍ୟ ସୃଷ୍ଟି ହୋଇଛି। ପୂର୍ବରୁ ପାଗ ଶୁଖିଲା ଥିଲା। ଫଳରେ ଏହି ତୁଷାରପାତ କଶ୍ମୀର ବାସିନ୍ଦାଙ୍କ ପାଇଁ ବଡ଼ ଆଶ୍ୱସ୍ତି ଆଣିଛି। ଏଥିସହ ଜମ୍ମୁ ଓ କଶ୍ମୀରର ଉଚ୍ଚ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ତୁଷାରପାତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଗାମୀ ଦୁଇ ଦିନରେ ତୁଷାରପାତ ପ୍ରବଳ ହେବ। ସେହିପରି ବର୍ଷା ହେବା ନେଇ ସତର୍କତା ମଧ୍ୟ ଜାରି କରାଯାଇଛି। ଏହି ସମ୍ଭାବ୍ୟ ବର୍ଷା କଶ୍ମୀରରେ ପ୍ରବଳ ଶୁଷ୍କ ଥଣ୍ଡାକୁ କମ୍ କରିବ ଏବଂ ହିମବାହ, ଝରଣାଗୁଡିକୁ ପୁନର୍ବାର ବ୍ୟାପକ କରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ଶୀତକାଳୀନ ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି। ତୁଷାରପାତର ମୁକାବିଲା ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି। ଏହି ତୁଷାରପାତ କଶ୍ମୀର ବାସୀଙ୍କ ପାଇଁ ଏକ ଆଶୀର୍ବାଦ। ଏହା ଦ୍ୱାରା ବାୟୁ ସଫା ହୋଇଥାଏ। ଏହା ମଧ୍ୟ ପ୍ରଦୂଷଣକୁ ହ୍ରାସ କରିବା ସହ ଶୀତକାଳୀନ ପର୍ଯ୍ୟଟନ ଋତୁକୁ ଆରମ୍ଭ କରିବାରେ ସହାୟ ହୋଇଥାଏ। ତେବେ ସବୁ ପ୍ରକାର ସ୍ଥିତିକୁ ମୁକାବିଲା କରିବାକୁ ଆମେ ପ୍ରସ୍ତୁତ ଅଛୁ ବୋଲି ଉମର କହିଛନ୍ତି।

ସେପଟେ ଦେଶର ମଧ୍ୟ ଓ ଉତ୍ତରଭାଗରେ ପ୍ରବଳ ଶୀତ ଅନୁଭୂତ ହେଉଛି। ବିଭିନ୍ନ ଅଞ୍ଚଳରେ ଘନ କୁହୁଡି ଜାରି ରହିଛି। ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଛତିଶଗଡ଼ ସମେତ ଦେଶର ୧୮ଟି ରାଜ୍ୟରେ ଘନ କୁହୁଡିର ସତର୍କତା ଜାରି କରାଯାଇଛି। ମଧ୍ୟପ୍ରଦେଶରେ ପ୍ରଥମଥର ପାଇଁ ତାପମାତ୍ରା ୩ ଡିଗ୍ରୀ ତଳକୁ ଖସିଛି। ଶାହଡୋଲର କଲ୍ୟାଣପୁରରେ ସର୍ବନିମ୍ନ ତାପମାତ୍ରା ୨.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।


ସଟ୍‌ଲର୍ ୟଙ୍ଗଙ୍କ କୀର୍ତ୍ତିମାନ

▸ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-176 ♦MONDAY ♦22 DECEMBER 2025 ♦PAGE-12 ♦₹ 6.00
♦ବର୍ଷ-୪୩ ♦ସଂଖ୍ୟା-୧୭୬ ♦ସୋମବାର ♦୨୨ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ନାକେଦମ୍ କରିବ କୁହୁଡ଼ି

■ ଭୁବନେଶ୍ୱର, ୨୧।୧୨ (ସମିସ): ରାଜ୍ୟର ଅଧିକାଂଶ ସ୍ଥାନରେ ଶୀତ ଜାରି ରହିଛି। ଏହାସହ କିଛି କିଛି ସ୍ଥାନରେ ଘନ କୁହୁଡ଼ି ଲୋକଙ୍କୁ ନାକେଦମ୍ କରିଛି। ବର୍ତ୍ତମାନ ଏକ ପଶ୍ଚିମା ଝଡ଼ ସକ୍ରିୟ ହୋଇଥିବା କାରଣରୁ କୁହୁଡ଼ିର ପ୍ରଭାବ ବଢ଼ିଥିବା ବେଳେ ଏହା ଆହୁରି ୨-୩ ଦିନ ପର୍ଯ୍ୟନ୍ତ ଜାରି ରହିବା ନେଇ ଆକଳନ କରାଯାଇଛି। ପଶ୍ଚିମାଝଡ଼ର ଆଗମାନ ପ୍ରଭାବରେ ରାଜ୍ୟକୁ ବର୍ତ୍ତମାନ ଉଷ୍ମ ଜଳୀୟବାଷ୍ପପୂର୍ଣ୍ଣ ସାମୁଦ୍ରିକ ବାୟୁର ପ୍ରବାହ ବୃଦ୍ଧି ହୋଇଛି। ଏହାପ୍ରଭାବରେ ରାତିର ତାପମାତ୍ରା ମଧ୍ୟ କମିବାର ସମ୍ଭାବନା ରହିଛି। ମୁଖ୍ୟତଃ ବାୟୁମଣ୍ଡଳର ତଳ ସ୍ତରରେ ଜଳୀୟବାଷ୍ପର ବୃଦ୍ଧି ସହ ଘନକୁହୁଡ଼ି ପାଇଁ ପାଗ ଅନୁକୂଳ ରହିଛି। ରବିବାର ରାଜ୍ୟର ଉତ୍ତର ଏବଂ ଆଭ୍ୟନ୍ତରୀଣ ଭାଗରେ କୁହୁଡ଼ି ଦୃଶ୍ୟମାନ ହୋଇଛି। ବିଶେଷ କରି ମୟୁରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର ଏବଂ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ହେତୁ ଲୋକେ ନାହିଁ ନ



ଥିବା ସମସ୍ୟାରେ ପଡ଼ିଛନ୍ତି। ସୋମବାର ମଧ୍ୟ ସମାନ ସ୍ଥିତି ଜାରି ରହିବା ନେଇ ପାଣିପାଗ କେନ୍ଦ୍ର କହିଛି। ସୋମବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର ଓ କନ୍ଧମାଳରେ ଘନ କୁହୁଡ଼ି ଆଶଙ୍କା ▸ପୃଷ୍ଠା-୭

## 'ଭିବି ଜି-ରାମ୍ ଜି'କୁ ରାଷ୍ଟ୍ରପତିଙ୍କ ଅନୁମୋଦନ

# ଓଡ଼ିଶା ଉପରେ ୨୦୦୦ କୋଟିର ବୋଝ

### ମନରେଗା ତୁଳନାରେ ଖର୍ଚ୍ଚ ୫୫୦% ବଢ଼ିବ

### ସୁଭଦ୍ରା ଓ ଧାନ ସବ୍‌ସିଡି ପରେ ରାମ୍-ଜି ବୋଝ

■ ଭୁବନେଶ୍ୱର, ୨୧।୧୨ (ପ୍ରଦୀପ ଭାରତୀ): ସଂସଦର ଉଭୟ ଗୃହରେ ପାରିତ ହୋଇଥିବା ବିକଶିତ ଭାରତ-ରୋଜଗାରର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ)-୨୦୨୫ (ଭିବି ଜି-ରାମ୍-ଜି) ବିଲ୍‌କୁ ରାଷ୍ଟ୍ରପତିଙ୍କ ଅନମୋଦନ ମିଳିଛି। ଫଳରେ ଏହି ନୂତନ ଯୋଜନା ଏବେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା)ର ସ୍ଥାନରେ କାର୍ଯ୍ୟକାରୀ ହେବା ନିଶ୍ଚିତ ହୋଇ ଯାଇଛି। ତେବେ ପୂର୍ବ 'ମନରେଗା' ଓ ନୂତନ 'ଭିବି ଜି-ରାମ୍-ଜି' ଯୋଜନା ମଧ୍ୟରେ ପରିବର୍ତ୍ତନ ଓ ଆର୍ଥିକ ସହାୟତା ଦୃଷ୍ଟିରୁ ରାଜ୍ୟଗୁଡ଼ିକ ଉପରେ ଅଧିକ ବୋଝ ପଡ଼ିବା ନିଶ୍ଚିତ ହୋଇଛି। ଏହି




କ୍ରମରେ ମନରେଗା ପରିବର୍ତ୍ତେ 'ରାମ-ଜି' କାର୍ଯ୍ୟକାରୀ ହେବା ଦ୍ୱାରା କେବଳ ଓଡ଼ିଶା ଉପରେ ୨୦୦୦ କୋଟି ଟଙ୍କାର ଆର୍ଥିକ ବୋଝ ପଡ଼ିବ ବୋଲି ଆକଳନ କରାଯାଇଛି ।

ପୂର୍ବରୁ 'ମନରେଗା' ପାଇଁ ଅନ୍ୟ ରାଜ୍ୟଗୁଡ଼ିକ ଭଳି ଓଡ଼ିଶା ମଧ୍ୟ ନଗଣ୍ୟ ଅର୍ଥ ଖର୍ଚ୍ଚ କରୁଥିଲା। ଏହି ଯୋଜନାର ସିଂହ ଭାଗ ଅର୍ଥ କେନ୍ଦ୍ର ସରକାର ବହନ କରୁଥିଲେ ଓ ରାଜ୍ୟ ସରକାର ନିଜର ଅଂଶଧନ ବାବଦରେ ଖୁବ୍ କମ୍ ଅର୍ଥ ବ୍ୟୟ କରୁଥିଲେ। ମାତ୍ର 'ଭିବି ଜି-ରାମ୍-ଜି' ଯୋଜନାରେ ଅନ୍ୟ ପ୍ରମୁଖ ଯୋଜନା ଭଳି ୬୦-୪୦ ହାରରେ କେନ୍ଦ୍ର ଓ ରାଜ୍ୟ ସରକାର ଅର୍ଥ ଖର୍ଚ୍ଚ କରିବେ ବୋଲି ▸ପୃଷ୍ଠା-୭

## ଓଲଟିଲା ପିକ୍‌ନିକ ବସ୍

# ଜଣେ ମୃତ, ୧୭ ଆହତ

■ ପାତ୍ରପୁର, ୨୧।୧୨ (ସମିସ): ଜରଡ଼ା ଥାନା ଅନ୍ତର୍ଗତ ବୁରାତାଲ ନିକଟରେ ରବିବାର ସନ୍ଧ୍ୟାରେ ଏକ ପିକ୍‌ନିକ୍ ବସ ଓଲଟି



ପଡ଼ିଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୭ଜଣ ଆହତ ହୋଇଛନ୍ତି। ମୃତକ ହେଲେ, ବ୍ରହ୍ମପୁର ଶ୍ରୀରାମନଗର ଅଞ୍ଚଳର ରତନା ବିଷୋୟୀ (୪୮)। ଆହତମାନଙ୍କ ମଧ୍ୟରେ ଜିତେନ୍ଦ୍ର ଦାସ, ଗୋପାଳ ସେଠୀ, ମନୋଜ କୁମାର ସାହୁ, ଶିବ ପ୍ରସାଦ ପ୍ରଧାନ, ଶୁଭମ୍ କୁମାର ସାହୁ, କେ. ଗଣେଶ ▸ପୃଷ୍ଠା-୭

'ପରବ'ର ଚତୁର୍ଥ ଦିନ

# ସଂସ୍କୃତି ଓ ପରମ୍ପରା ଆମ ଜାତିର ସ୍ୱାଭିମାନ: ମୁଖ୍ୟମନ୍ତ୍ରୀ

■ କୋରାପୁଟ, ୨୧।୧୨ (ସମିସ): ସଂସ୍କୃତି ଓ ପରମ୍ପରା ଆମ ଜାତିର ସ୍ୱାଭିମାନ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି। ଜାତୀୟ ସ୍ତରୀୟ ଲୋକ ମହୋତ୍ସବ 'ପରବ-୨୦୨୫'ର ଚତୁର୍ଥ ଦିନର ମୁଖ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, 'ପରବ' ଆଜି ଜାତୀୟ ଆଦିବାସୀ ମହୋତ୍ସବ ମାନ୍ୟତା ପାଇବା ଆମ ପାଇଁ ଗର୍ବର ବିଷୟ। ଆଦିବାସୀ ସଂସ୍କୃତି ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ 'ପରବ' ପାଳନର ଯଥାର୍ଥତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ 'କୋରାପୁଟ ଜାକେଟ୍' ଉନ୍ମୋଚନ କରିବା ସହ ୫୫୦ କୋଟିର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର




### ଉନ୍ମୋଚନ ହେଲା କୋରାପୁଟ ଜାକେଟ


### ୫୫୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ସ୍ଥାପନ କରିଥିଲେ। 'ପରବ'ରେ ଆଦିବାସୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ବିଦେଶୀ ପର୍ଯ୍ୟଟକ କିଣିବା କିଣା ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ହେଉଛି ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ▸ପୃଷ୍ଠା-୭

ଗୋପାଳପୁରରେ ପୁଣି ଲଜ୍ଜା

# ଜଙ୍ଗଲରେ ମହିଳାଙ୍କୁ ଦୁଷ୍କର୍ମ

■ ବ୍ରହ୍ମପୁର, ୨୧।୧୨ (ସମିସ): ଗୋପାଳପୁରରେ ପୁଣି ଲଜ୍ଜା। ବେଳାଭୂମିରେ ଜରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ମନରୁ ନ ଲିଭୁଣୁ ପୁଣି ଏହି ଥାନା ଅଞ୍ଚଳରେ ଥିବା ଏକ ଜଙ୍ଗଲରେ ଜଣେ ମହିଳାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲା, ମଣି ଦାସ(୨୭)। ସୂଚନାନୁସାରେ, ଗୋପାଳପୁର ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଗତ ଗୁରୁବାର ସନ୍ଧ୍ୟାରେ ମଣି ଜୋରଜବରଦସ୍ତ ଏକ ସ୍କୁଟିରେ ନେଇ ନିକଟସ୍ଥ ଏକ ଜଙ୍ଗଲ ଭିତରେ ଦୁଷ୍କର୍ମ କରିଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ



ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ମଣିକୁ ପୁଲିସ ନିଜ ଗ୍ରାମରୁ ଗିରଫ କରିବା ସହ ତା'ଠାରୁ ଗୋଟିଏ ସ୍କୁଟି ଓ ମୋବାଇଲ ଜବତ କରିଛି। ଏହାସହ ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ବୟାନ ରେକର୍ଡ ସହ ଡାକ୍ତରୀମାଇନା କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।


KIIT Nanhipari
Little Miss India 2025
Silver Jubilee Celebration
25 SILVER JUBILEE CELEBRATION
KIIT NANHIPARI LITTLE MISS INDIA 25th Edition
22nd -23rd Dec. 2025 | KIIT University, Bhubaneswar
Presented by
KIIT School of Mass Communication
KIIT School of Fashion Technology | KIIT School of Film and Media Sciences
Reigning Beauty Queens to Grace the Occasion


Ms. Nikita Porwal
Femina Miss India World 2024


Ms. Rekha Pandey
1st Runner-up, Femina Miss India 2024


Ms. Nandini Gupta
Femina Miss India World 2023

Scholarships Worth ₹56 Lakhs await the WINNERS
Scholarship for the WINNERS
01 Winner ₹28 Lakhs
Rs. 10,00,000/- Cash Prize + 100% Academic fee waiver subject to a maximum of Rs. 18 lakhs for studying in any discipline in KIIT
02 1st Runner Up ₹14 Lakhs
Rs. 5,00,000/- Cash Prize + 50% Academic fee waiver subject to maximum of Rs. 9 lakhs for studying any discipline in KIIT
03 2nd Runner Up ₹12 Lakhs
Rs. 3,00,000/- Cash Prize + 50% Academic fee waiver subject to maximum of Rs. 9 lakhs for studying any discipline in KIIT

HIGHLIGHTS 35 SEMI-FINALISTS | 26 STATES | 5000+ PARTICIPANTS | 10+ COMPETITIONS
• It is a national competition among girls from 13 to 15 Age Group • Highest Prize Money • No Participation Fee • Free Accommodation and Travel Expenses

About KIIT Nanhipari : Celebrating 25 glorious years, KIIT NanhiPari began on a modest note in 2001 and has grown into a nationwide phenomenon, empowering young girls with confidence, talent and grace. A platform that goes far beyond beauty, it nurtures personality, intellect, poise and self-belief, helping teenage girls realise their fullest potential. Fuelled by the visionary guidance of Dr. Achyuta Samanta, NanhiPari has become India's finest grooming ground for future achievers. As it marks its Silver Jubilee, NanhiPari proudly continues its journey of inspiring and shaping the leaders of tomorrow.

TEN CATEGORIES with Prize money Rs. 20,000/- Each Category
• Miss Rapunzel Girl with most beautiful hair
• Miss Photogenic Girl with best pose in Photoshoot round
• Miss Selfie-Maximum likes on facebook page
• Miss Fashion Girl with best costume in both rounds
• Miss Whizkid Girl with highest marks in quiz round
• Miss Cinderella A graceful walk & pose and a positive attitude
• Miss Personality Sharp intelligence, confidence & communication skills
• Miss Monalisa Most beautiful girl with most beautiful smile
• Miss Active Most active girl in Sports round
• Miss Urvasi Girl with Best Talent

Gold Sponsors: SNM S.N. Mohanty | SWASTIK ASSETS Private Limited | evos SPREADING LOVE | MGM MINERALS LTD.
Grooming by indulge THE SALON
Event Partner | Radio Partner 90.0FM | Media Partner KALINGA | Digital Partner
KIIT, Bhubaneswar - 751024 (Odisha), India | +91 9777286878 | kiitnanhipari@gmail.com | Follow Us: /kiitnanhipari | /kiit_nanhi_pari | /kiitnanhipari | /KIIT_NanhiPari | /kiitnanhipari.in

# 'ପରବ' ମୁଖ୍ୟ ସମାରୋହର ଚତୁର୍ଥ ସନ୍ଧ୍ୟା





## ସେୱା ପେପର ମିଲ୍‌କୁ ପୁନଃ କାର୍ଯ୍ୟକ୍ଷମ ଦାବି

# ଜାନୁୟାରୀରେ ଆନ୍ଦୋଳନ ପାଇଁ ବୈଠକ



ଜୟପୁର,୨୧।୧୨(ସମିସ): ଜୟପୁରସ୍ଥିତ ଯାଦବଭବନ ଠାରେ ସ୍ଥାନୀୟ ଗାଗନାପୁରସ୍ଥିତ ସେୱା ପେପର ମିଲ୍‌କୁ ପୁନଃ କାର୍ଯ୍ୟକ୍ଷମ କରିବା ଦାବି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହିପରି ତୁରନ୍ତ କାର୍ଯ୍ୟକ୍ଷମ କରିବା ଦାବି ନେଇ ଆସନ୍ତା ଜାନୁୟାରୀ ମାସରୁ ପୁଣି ଆନ୍ଦୋଳନ ଆରମ୍ଭ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା। ଅବସପ୍ରାପ୍ତ କର୍ମଚାରୀ ପ୍ରହ୍ଲାଦ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୧ ନମ୍ବର କର୍ମଚାରୀ ସଂଘର ସଭାପତି ତଥା ଅବସରପ୍ରାପ୍ତ କର୍ମଚାରୀଙ୍କ ଆବାହକ ପ୍ରମୋଦ କୁମାର ମହାନ୍ତି ବୈଠକରେ କାରଖାନା ୨୦୨୪ ମସିହା ମେ' ୩୦ ତାରିଖରୁ ଆଉ ଏକ କମ୍ପାନୀକୁ ବିଜିନେସ୍ ଟ୍ରାନ୍ସଫର ଏଗ୍ରିମେଣ୍ଟ ଅନୁସାରେ ବିକ୍ରି ହୋଇଛି ଏବଂ ତାକୁ ଅନୁମୋଦନ କରି ରାଜ୍ୟ ସରକାର ନୂତନ କମ୍ପାନୀକୁ ଏନ୍‌ଓସି ଦେଇଛନ୍ତି। ଏଥିନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ସହିତ ସ୍ଥାନୀୟ ବିଧାୟକ ମଧ୍ୟ ପ୍ରକାଶ କରିଥିଲେ। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ କେଉଁ କମ୍ପାନୀକୁ ବିକ୍ରି ହୋଇଛି, କିଏ ମାଲିକ କିଛି ଜଣା ପଡୁ ନାହିଁ ବୋଲି ସଭାପତି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି। ଦୀର୍ଘ ୧୮ ମାସ ହେଲାଣି କାରଖାନା ବନ୍ଦ ହୋଇଥିବା ଯୋଗୁଁ କର୍ମଚାରୀ ମାନଙ୍କୁ ଦରମା ମିଳିନାହିଁ। ଅବସରପ୍ରାପ୍ତ ଓ ମୃତ କର୍ମଚାରୀ ମାନେ ବିଭିନ୍ନ ସମସ୍ୟାର ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ୫୦ ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଯାଇଛି। କିନ୍ତୁ କାରଖାନା ମୁଖ୍ୟ ଫାଟକ ଖୋଲା ହେଉଥିବା ବେଳେ କର୍ମଚାରୀ ମାନେ ନିର୍ଦ୍ଧାରିତ ସମୟରେ କରାଖାନା ଭିତରକୁ ଯାଇ ପୁଣି ସମୟରେ ଫେରୁଛନ୍ତି। ଜୟପୁରର ଅଞ୍ଚଳରେ ଏକମାତ୍ର ବୃହତ୍ ଶିଳ୍ପ ଏବଂ ଅଞ୍ଚଳର ଅର୍ଥନୈତିକ ଜୀବନ ରେଖା। ଏହି କାରାଖାନା ଉପରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ପ୍ରାୟ ୧୦ ହଜାର ଲୋକ ନିର୍ଭର କରୁଥିଲେ। ଏହି କାରାଖାନାକୁ ଚାଲୁ କରିବା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ୨ ଥର କୋରାପୁଟ ଜିଲ୍ଲା ଗସ୍ତ ସମୟରେ ଘୋଷଣା କରିଥିଲେ। ବୈଠକ ନିଷ୍ପତି ଅନୁଯାୟୀ ବିଭିନ୍ନ ସଂଘ ଓ ସଂଗଠନ ମାନଙ୍କ ସହଯୋଗରେ ଆସନ୍ତା ଜାନୁୟାରୀରୁ ଆନ୍ଦୋଳନ ଜୟପୁର ଠାରୁ ଆରମ୍ଭ କରାଯିବାକୁ ନିଷ୍ପତି ହୋଇଥିଲା। ପ୍ରକାଶ ଯେ, ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପକ୍ଷରୁ ୨୦୨୪ ମସିହା ଜୁଲାଇ ମାସ ପହିଲାରୁ ପ୍ରତିଦିନ କାରଖାନା ସମ୍ମୁଖରେ ଏକ ଘଣ୍ଟା ଧାରଣା କାର୍ଯ୍ୟକ୍ରମ ଜାରି ରହିଛି। ଆଜିର ବୈଠକରେ ବସନ୍ତ ବେହେରା, ଭାସ୍କର ମିଶ୍ର, ନରସିଂହ ମହାପାତ୍ର,ସରୋଜ ପଣ୍ଡା ଓ ଯୁଧିଷ୍ଠିର ସ୍ୱାଇଁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ




କୋରାପୁଟ,୨୧।୧୨(ସମିସ): କେନ୍ଦ୍ର ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠର ୩୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ମୁଖ୍ୟ ଅତିଥି ରୂପେ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ପୂର୍ବତନ ସମ୍ପାଦକ ଜଗବନ୍ଧୁ ସାମଲ ଯୋଗ ଦେଇ ପିଲା ମାନଙ୍କୁ ଭଲ ମଣିଷ ହେବାକୁ ହେଲେ ନିଷ୍ଠା ପୂର୍ବକ ନୀତି ନିୟମ ସହ କଠିନ ପରିଶ୍ରମ କରିବାକୁ ଉପଦେଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ. ଅମୂଲ୍ୟ ମହାପାତ୍ର ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଆଦର୍ଶକୁ ଜୀବନରେ ଗ୍ରହଣ କରିବା ପାଇଁ ଅନୁରୋଧ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଅତସୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ପିଲା ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ଡିଏଭି ସରକାରୀ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ନାରାୟଣ ପଣ୍ଡା ଯୋଗଦେଇ ପିଲା ମାନଙ୍କୁ ପାଠ ପଢ଼ିବା ସହ ଖେଳକୁଦ ତଥା ପହଁରିବା ପାଇଁ ପରାମର୍ଶ ଦେଇଥିଲେ। କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ। ଦଶମ ଶ୍ରେଣୀରେ ୯୬ ଶତକଡା ମାର୍କ ରଖି ପାସ୍ ହୋଇଥିବା ଚିନ୍ମୟ ସେଠୀଙ୍କୁ ବିଦ୍ୟାଳୟର ଷ୍ଟୁଡେଣ୍ଟ୍ ଅଫ ଦ ଇଅର୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମ୍ପାଦକ ରାମ ପ୍ରସାଦ ସରାଫ, ସଭ୍ୟ ବୃନ୍ଦାବନ ସାହୁ, ଦୁଃଶାସନ ସ୍ୱାଇଁ, ମୋହନ ସରାଫ,ଅଶୋକ ପାଢ଼ୀ, ପି.ଦାଶରଥି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଉର୍ମିଳା ପାଣିଗ୍ରାହୀ, ଚନ୍ଦ୍ର ଶେଖର ପଣ୍ଡା, ହେମନ୍ତ ଟଙ୍କ ତଥା ପ୍ରଦୀପ୍ତା ସ୍ୱାଇଁ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷା

ଡାବୁଗାଁ, ୨୧।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ୩ୟ ଶ୍ରେଣୀ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଡାବୁଗାଁ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୫୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ନାମ ପଞ୍ଜୀକରଣ କରିଥିବା ବେଳେ ୧୪୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି । ୫ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ଉକ୍ତ ପରୀକ୍ଷା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ଶେଷ ହୋଇଥିଲା । ଏଥିରେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସନୌଜ ମହାପାତ୍ରଙ୍କ ସମେତ ୫ ଜଣ ଇନ୍‌ଭିଜିଲେଟର ପରୀକ୍ଷା ଦାୟିତ୍ୱରେ ରହିଥିଲେ। ଏଥିରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ ପର୍ଯ୍ୟବେକ୍ଷକ ଭାବେ ରହିଥିବା ବେଳେ ବ୍ଲକ ଶିକ୍ଷା ଅଧିକାରୀ ରଶ୍ମିତା ନେତାମ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

## ଘର ତାଲା ଭାଙ୍ଗି ଚୋରି

ଜୟପୁର,୨୧।୧୨(ସମିସ) : ଜୟପୁର ସହରରେ ଘରର ତାଲା ଭାଙ୍ଗି ଚୋରି ହେଉଥିବା ବେଳେ ବର୍ତ୍ତମାନ ଗ୍ରାମାଞ୍ଚଳ ମଧ୍ୟ ଚୋର ମାନଙ୍କ ଦୌରାମ୍ୟ ଦେଖିବାକୁ ମିଳିଛି। ସ୍ଥାନୀୟ ସଦରଥାନା କୁମୁଲିପୁଟ ଗ୍ରାମର ୨୬ ନମ୍ବର ଜାତୀୟ ରାଜପଥ ପାଶ୍ୱର୍ରେ ଗ୍ରାମବାସୀ ଜଗନ୍ନାଥ ଶତପଥିଙ୍କ ଗୃହରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ ମାନେ ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିବା ସହିତ ଆଲମାରି ଭାଙ୍ଗି ଭିତରରୁ ୩ ତୋଳା ସୁନା ଅଳଙ୍କାର, ୭୦୦ ଗ୍ରାମ ଓଜନରା ରୂପା ପ୍ଲେଟ ଏବଂ ପାଉଁଜି, ୧ଲକ୍ଷ ୪୫ ହଜାର ଟଙ୍କା ଏବଂ ଏକ ରାଇସ୍ କୁକର ଲୁଟି ନେଇଛନ୍ତି। ଏହିପରି ଅନ୍ୟାନ୍ୟ କିଛି ସାମଗ୍ରୀ ଚୋରି ହୋଇଥିବା ନେଇ ଅଭିଯୋଗକାରୀ ଶ୍ରୀ ଶତପଥି ଅନୁମାନ କରୁଛନ୍ତି। ପ୍ରକାଶ ଯେ, ଗତ ୧୬ ତାରିଖରେ ଶତପଥି ନିଜ ପରିବାର ସହିତ ବାହାରକୁ ଯାଇଥିବା ବେଳେ ୧୯ ତାରିକ ସଂଧ୍ୟାରେ ଘରକୁ ଫେରିବା ପରେ ଗୃହର ମୁଖ୍ୟ କବାଟର ତାଲା ଭାଙ୍ଗିଥିବା ଦେଖିଥିଲେ। ଭିତରେ ପ୍ରବେଶ କରିବା ବେଳେ ଭିତର କୋଠରୀର ଆଲମାରୀ ଭଙ୍ଗା ଯାଇ ସମସ୍ତ ଲୁଗାପଟା ଓ ସାମଗ୍ରୀ ଏପଟେ ସେପଟେ ପଡିଥିବା ଦେଖିଲେ। ଯାଞ୍ଚ ବେଳେ ଉପରୋକ୍ତ ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯିବା ସହିତ ତଦନ୍ତ ଆରମ୍ଭ କରିଥିବା ନେଇ ଥାନା ପକ୍ଷରୁ ପ୍ରକାଶ କରାଯାଇଛି।

● ଇନ୍ଦ୍ରାବତୀ ବିଦ୍ୟୁତ୍ ବ୍ୟବସ୍ଥାର ବିକଳ ଚିତ୍ର

# ବଙ୍କା ହୋଇଗଲାଣି ବିଦ୍ୟୁତ୍ ଖୁଣ୍ଟ, ମୁଣ୍ଡରେ ବାଜୁଛି ତାର

**ପ୍ରଶାସନ ସାଜିଛନ୍ତି ନିରବଦ୍ରଷ୍ଟା**

ତେନ୍ତୁଳିଖୁଣ୍ଟି ୨୧।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ପ୍ରକଳ୍ପ ଅଞ୍ଚଳକୁ ଅବହେଳାର ଚରମ ସୀମା ଛୁଇଁଥିବା ବେଳେ ଲୋକଙ୍କ ଜୀବନ ବାଜିରେ ଲାଗିଛି। ଇନ୍ଦ୍ରାବତୀ ପ୍ରକଳ୍ପ କଲୋନୀ ଗୁଡିକରେ ଆଲୋକୀକରଣ ପାଇଁ ପ୍ରକଳ୍ପ ତରଫରୁ ଲୁହା ବିଦ୍ୟୁତ ଖୁଣ୍ଟ ସ୍ଥାପନ କରାଯାଇଥିଲା। ସେଗୁଡିକ ବର୍ତ୍ତମାନ ମାଟି ଛୁଇଁବାକୁ ବସିଲାଣି। ତଥାପି ଉଭୟ ବିଦ୍ୟୁତ ବିଭାଗ ଏବଂ ପ୍ରକଳ୍ପ ପ୍ରଶାସନର ନଜରକୁ ଆସୁନଥିବା ଅଭିଯୋଗ ହେଉଛି। ସମୟକ୍ରମେ ଇନ୍ଦ୍ରାବତୀ ପ୍ରତି ପ୍ରକଳ୍ପ ଅଞ୍ଚଳକୁ ପ୍ରଶାସନ ଅଣଦେଖା ପାଇଁ ରାସ୍ତାଘାଟ ସମେତ ଅଞ୍ଚଳ ସୌନ୍ଦର୍ଯ୍ୟ ଆଦି ହରାଇବସିଛି। ଜଳ ଯୋଗାଣ ବ୍ୟବସ୍ଥା ଭୁଶୁଡି ପଡ଼ିଥିବା ବେଳେ କଲୋନୀ ମରାମତି ସ୍ୱପ୍ନ ପାଲଟିଛି। ତମାମ ଅବ୍ୟବସ୍ଥା ଜନ ଅସନ୍ତୋଷ ସୃଷ୍ଟି କରୁଥିବା ବେଳେ ଲୋକଙ୍କ ଜୀବନ ବାଜି ଲାଗିବା କ୍ଷେତ୍ରରେ ମଧ୍ୟ ପ୍ରଶାସନ ନିରବ ରହିଛି । କଲୋନୀ ଗୁଡିକରେ ରହିଥିବା ଅନେକ ବିଦ୍ୟୁତ ଖୁଣ୍ଟ ବିଛା ଯାଇଥିବା କେବୁଲର ଓଜନ ସମ୍ଭାଳି ନପାରି ବଙ୍କା ହେବା ସହ ବିଦ୍ୟୁତ ତାର ଗୁଡିକ ଓହଳି ଲୋକଙ୍କ ହାତ ପାଆନ୍ତରେ ପହଞ୍ଚିଲାଣି। ପ୍ରକଳ୍ପ ଅଞ୍ଚଳରେ ଲୋକଙ୍କ ବ୍ୟତୀତ ଅନେକ ଗାଈ ଗୋରୁ ତଥା ଗୃହପାଳିତ ପଶୁ ବୁଲାବୁଲି କରନ୍ତି। ତାର ସଂସ୍ପର୍ଶରେ ଆସି ଦୁର୍ଘଟଣା ହେଲେ କିଏ ଦାୟୀ ରହିବ ବୋଲି ପ୍ରଶ୍ନ କରିଛନ୍ତି ଇନ୍ଦ୍ରାବତୀ ବାସୀ । ସମସ୍ତ କ୍ଷେତ୍ରରେ ଅବହେଳା କରି ଆଖି ବୁଜିଦେଇଥିବା ପ୍ରଶାସନ ସ୍ୱର୍ଶକାତର ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ମଧ୍ୟ ଅବହେଳାକୁ ବୁଦ୍ଧିଜୀବୀ ମହଲ ନାପସନ୍ଦ କରୁଛନ୍ତି । ପ୍ରକଳ୍ପ ଅବହେଳା ବ୍ୟତୀତ ବିଦ୍ୟୁତ ବିଭାଗର ନିରବତା ଦୁର୍ଘଟଣାର ଅପେକ୍ଷା ବୋଲି ଚର୍ଚ୍ଚା ହେଉଛି । ତୁରନ୍ତ ଉଭୟ ପ୍ରକଳ୍ପ ପ୍ରଶାସନ ଏବଂ ବିଦ୍ୟୁତ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଖୁଣ୍ଟ ଗୁଡିକୁ ମରାମତି କରିବା ପାଇଁ ଦାବି ହେଉଛି ।

# 'ପ୍ରେମ ପାହାଡ଼'ର ବିକାଶ ନେଇ ଆଲୋଚନା କଲେ ମନ୍ତ୍ରୀ



ରାୟଗଡ଼ା,୨୧।୧୨(ସମିସ): ଓଡିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଓ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ(ଏମଏସଏମଇ)ର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସରକାରୀ କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା ଗସ୍ତ ଯିବା ସମୟରେ ଆଜି ସକାଳୁ ରାୟଗଡାରେ ପହଞ୍ଚିଥିଲେ। ଯଦିଓ ରାୟଗଡାରେ ତାଙ୍କର କୌଣସି ସରକାରୀ କାର୍ଯ୍ୟକ୍ରମ ନ ଥିଲା, ତେବେ ମନ୍ତ୍ରୀ ଶ୍ରୀ ମଲ୍ଲିକ ରାୟଗଡା ସହରର ପର୍ଯ୍ୟଟନ କ୍ଷେତ୍ର ପ୍ରେମ ପାହାଡକୁ ଅଚାନକ ଗସ୍ତ କରି ସେଠାରେ ଉପସ୍ଥିତ ଥିବା ୱାକର୍ସ କ୍ଲବର ସଭ୍ୟ, ବରିଷ୍ଠ ନାଗରିକ,ସାମ୍ବାଦିକ ଓ ଜନସାଧାରଣଙ୍କ ସହ ରାୟଗଡା ଜିଲ୍ଲାର ସମସ୍ୟା ଶୁଣିବା ସହ ଏହାର ବିକାଶ ପାଇଁ ଆଲୋଚନା କରିଥିଲେ। ପ୍ରେମ ପାହାଡରେ ଥିବା ଏକ କିଲୋମିଟର ଚଲା ରାସ୍ତାରେ ଚାଲି ଚାଲି ସେ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରିଥିଲେ। ସ୍ଥାନୀୟ ଲୋକ ମାନେ ପ୍ରେମ ପାହାଡ଼ର ସୌନ୍ଦର୍ଯ୍ୟୀକରଣ, ସି. ସି. କ୍ୟାମେରା ସ୍ଥାପନା, ରାତ୍ରୀ ଜଗୁଆଳୀ, ପାହାଡ଼ର ପାଦ ଦେଶରେ ଯୋଗ କୋଠରୀ ନିର୍ମାଣ, ୨୪ ଘଣ୍ଟିଆ ପାଣି ଯୋଗାଣ ତଥା ସର୍ବାଙ୍ଗୀନ ଉନ୍ନତି ଏବଂ ରାୟଗଡ଼ା ଜିଲ୍ଲାର ସର୍ବାଙ୍ଗୀନ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ମନ୍ତ୍ରୀ ଲୋକଙ୍କ ସମସ୍ୟା ଶୁଣିବା ପରେ ତୁରନ୍ତ ରାୟଗଡା ଜିଲ୍ଲାପାଳଙ୍କୁ ପ୍ରେମ ପାହାଡର ବିକାଶ ଓ ଉନ୍ନତିକରଣ କାର୍ଯ୍ୟ ପାଇଁ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଡିପିଆର ପ୍ରସ୍ତୁତ କରିବା ପାଇଁ କହିଥିଲେ। ପ୍ରେମ ପାହଡର ବିକାଶ ପାଇଁ ସେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସହ ଆଲୋଚନା କରି କାର୍ଯ୍ୟକାରୀ କରିବି ବୋଲି ପ୍ରତିଶୃତି ଦେଇଥିଲେ। ଏହାପରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଯୁଜିଏମଆଇଟି ଛକ ନିକଟରେ ଥିବା ଏକ ଚା ଦୋକାନରେ 'ଚାଏ ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଯୋଗଦେଇ ସାଧାରଣ ଲୋକଙ୍କ ସହ ଆଲୋଚନାରେ ଭାଗ ନେଇଥିଲେ। ମନ୍ତ୍ରୀ ଶ୍ରୀ ମଲ୍ଲିକ ଲୋକଙ୍କ ସହ ଆଲୋଚନା କରି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜନତାଙ୍କ ସହଭାଗିତା ବିନା ବିକାଶ ଅସମ୍ଭବ ବୋଲି କହିଥିଲେ। ଏନେଇ ରାୟଗଡା ୱାକର୍ସ କ୍ଲବର ସଭାପତି ବ୍ରଜସୁନ୍ଦର ନାୟକ ମନ୍ତ୍ରୀଙ୍କ ଅଚାନକ ଆଗମନକୁ ପ୍ରଶଂସା କରିଥିଲେ। ଏହି ଗସ୍ତ ସମୟରେ ବିଜେପିର ଜିଲ୍ଲା ସଭାପତି ଗୋପୀ ଆନନ୍ଦ, କାଳୀରାମ ମାଝି, ଶିବ ଶଙ୍କର ଉଲାକା, ଦେବାଶିଷ ପଣ୍ଡା,ମଞ୍ଜୁଳା ମିଣିଆକା, କେ.ଅଶ୍ୱିନୀ, ରଜତ ମାଦଳା, ସୁମନ୍ତ ମହାରଣା, ସାମ୍ବାଦିକ ରାଜେଶ ପଟନାୟକ, ସମାଜସେବୀ ସୁଦର୍ଶନ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୁ ପ୍ରିମିୟର ଲିଗ୍ ଉଦ୍‌ଯାପିତ



ରାୟଗଡ଼ା,୨୧।୧୨(ସମିସ): ବିଜୁ ଜନତା ଦଳ (ବିଜେଡି)ର ୨୯ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ରାୟଗଡା ସହରର ରିଙ୍ଗ ରୋଡ଼ ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ନିକଟସ୍ଥ ଖେଳ ପଡିଆ ଠାରେ ବିଜୁ ପ୍ରିମିୟର କ୍ରିକେଟ ଲିଗ ନାଇଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସଂସ୍କରଣର ଫାଇନାଲ ମ୍ୟାଚ ଓ ଉଦ୍‌ଯାପନୀ ସମାରୋହ କାର୍ଯ୍ୟକ୍ରମ ଶତାଧିକ କ୍ରିକେଟ ପ୍ରେମୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଉପସ୍ଥିତିରେ ଆୟୋଜିତ ହୋଇଯାଇଛି। ଗତ ୧୨ ତାରିଖ ଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ଦଶ ଦିନ ଧରି ଜୁନିୟର ଓ ସିନିୟର ବର୍ଗର ଖେଳାଳିଙ୍କୁ ନେଇ ଶୀତୁଆ ରାତିରେ ଏହି ଟୁର୍ଣ୍ଣାମେଣ୍ଟ ଚାଲିଥିଲା । ଆଜିର ଫାଇନାଲ ମ୍ୟାଚର ବରିଷ୍ଠ ବର୍ଗରେ ଲଗାନ ଓ ମାଷ୍ଟର ବ୍ଲାଷ୍ଟର କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଜୁନିୟର ବର୍ଗରେ ଡେଥ ୱାରୀୟର୍ସ ଓ ଏସଜି କିଙ୍ଗସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଆଜିର ଉଦଯାପନୀ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର କୁମାର ଦାଶ, ବରିଷ୍ଠ ନେତା ସନ୍ତୋଷ ପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ରାୟଗଡା ଜିଲ୍ଲା ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୂୟା ମାଝୀ, ପୌର ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା, କାଉନସିଲର ସନ୍ତୋଷ ଦଳେଇ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଦୁଇଟି ବର୍ଗର ବିଜୟୀ ଓ ରନର୍ସ ଅପ ଟିମକୁ ଆର୍ଥିକ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତିଟି ମ୍ୟାଚ ୮ ଓଭର ଲେଖାଏଁ ଅନୁଷ୍ଠିତ ହୋଇଥିବା ବେଳେ ୮ଜଣ ଆମ୍ପାୟାର ଉପସ୍ଥିତ ଥିଲେ। ଉଭୟ ବର୍ଗର ବିଜେତା ଟିମକୁ ଆର୍ଥିକ ରାଶି ୪୪, ୪୪୪ ଟଙ୍କା ଓ ରନର୍ସ ଅପ ଟିମକୁ ଆର୍ଥିକ ରାଶି ୩୩, ୩୩୩ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ଜିଲ୍ଲା ଓ ଜିଲ୍ଲା ବାହାରର ବରିଷ୍ଠ ବର୍ଗରେ (୩୫ ବର୍ଷରୁ ଉର୍ଦ୍ଧ )୧୦ଟି ଏବଂ ଜୁନିଅର ବର୍ଗରେ ୮ ଟି ଟିମ ଅଂଶଗ୍ରହଣ କରିଥିଲେ। ରାୟଗଡା ଜିଲ୍ଲା ଯୁବ ବିଜେଡିର ଯୁବ ନେତା ଦେବାଶିଷ ଖାଡ଼ଙ୍ଗାଙ୍କ ନେତୃତ୍ୱରେ ଅନୁବନ୍ଧିତ ରାୟଗଡା ଡେଥ ୱାରୀୟର୍ସ କ୍ରିକେଟ ମ୍ୟାନେଜମେଣ୍ଟ ଆନୁକୂଲ୍ୟରେ ଅତି ସୁନ୍ଦର ଭାବେ ଏହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରାଯାଇଥିଲା । ପ୍ରତିଦିନ ପଡିଆ କୁ ଆସି ଶହ ଶହ ସଂଖ୍ୟକ କ୍ରିକେଟ ପ୍ରେମୀ ମ୍ୟାଚର ମଜା ନେଉଥିଲେ । ସୋସିଆଲ ମିଡ଼ିଆ ଜରିଆରେ ଟୁର୍ଣ୍ଣାମେଣ୍ଟର ସମସ୍ତ ଲାଇଭ ମ୍ୟାଚ ଦର୍ଶକଙ୍କ ନିମନ୍ତେ ଦେଖିବାର ବ୍ୟବସ୍ଥା କରାଯାଇଥିଲା ।

# ରାସାୟନିକ ସାର ମୁକ୍ତ ଗାଁ ଅଭିଯାନ


କୁନ୍ଦୁରା, ୨୧।୧୨ (ସମିସ) :ସଦର ପଞ୍ଚାୟତ କଟଣୀକୁଣ୍ଡ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଗତି ପକ୍ଷରୁ ରାସାୟନିକ ସାର ମୁକ୍ତ ଗାଁ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗାଁର ଚାଷୀ ଏବଂ ସ୍କୁଲ ଛାତ୍ରଛାତ୍ରୀ ମିଳିତ ଭାବେ ଗାଁ ଠାରୁ ନିକଟସ୍ଥ ଗାଁ ବାଗଦେରୀ ପଞ୍ଚାୟତ ଜାମକନାଡ଼ି ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ପରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା । ପ୍ରଗତି ଅନୁଷ୍ଠାନ ଟିମ୍ ଲିଡର ପଙ୍କଜ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ୱାଡର୍ ସଭ୍ୟ ବାଜି ସାନ୍ତା, ଜାମକନାଡ଼ି ୱାଡର୍ ସଭ୍ୟ ଲଇଛ ସାନ୍ତା, ଅଗ୍ରଣୀ ଚାଷୀ ଆଶୁ ସାନ୍ତା, ମହିଳା ଅଗ୍ରଣୀ ଚାଷୀ ପୁଷ୍ପା ସାନ୍ତା, ସାମାଜସେବୀ ଚନ୍ଦ୍ର ସଗରିଆ ପ୍ରମୂଖ ମଞ୍ଚାସୀନ ଥିଲେ। ଗାଁରେ ରାସାୟନିକ ସାର ଓ କୀଟନାଶକ ଔଷଧ ମୁକ୍ତ କରିବା ପାଇଁ ଚାଲିଛି ଏହି ଅଭିଯାନ। ରାସାୟନିକ ସାର ମୁକ୍ତ ଗାଁ କରିବାକୁ ହେଲେ ଜୈବିକ ଖତ ଓ ସାର ପ୍ରସ୍ତୁତ କରିବା, ଦେଶୀ ଗାଇ ପାଳନ, ଦେଶୀ ବିହନ ବ୍ୟବହାର କରିବା, ଜଳ, ଜଙ୍ଗଲ ଓ ମାଟିର ସୁରକ୍ଷା ଦେବା ନେଇ ସଚେତନତା କରାଯାଇଥିଲା। ଅନୁଷ୍ଠାନର ସବୁଜ ବିବର୍ତ୍ତନ ଓ ଖାଦ୍ୟ ବ୍ୟବସ୍ଥାର ରୂପାନ୍ତରଣ ପଥ ପ୍ରକଳ୍ପ ଅଧୀନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଉଭୟ ଗାଁରୁ ୭୦ ପୁରୁଷ ଓ ୩୦ ମହିଳା ଚାଷୀଙ୍କ ସମେତ ୫୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଅନୁଷ୍ଠାନର ଫିଲ୍ଡ ଅଫିସର ଅଭିଷେକ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲିପେଟା ଏସ୍‌ଏସ୍‌ଡି ହାଇସ୍କୁଲ ବାର୍ଷିକୋତ୍ସବ



ନାରାୟଣପାଟଣା,୨୧।୧୨(ସମିସ): ନାରାୟଣପାଟଣା ବ୍ଲକ ବାଲିପେଟା ଅନୁସୂଚିତ ଜାତି ଜନଜାତି ହାଇସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦେବବ୍ରତ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ଗାଲାଦି ତ୍ରିନାଥ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ମହାପାତ୍ର, କିଶୋର ଚୌଧୁରୀ, ଏସ ଏମ ସି ଅଧ୍ୟକ୍ଷ ସଞ୍ଜୟ କେଣ୍ଡୁକା, ନାଏବ ସରପଞ୍ଚ ସନ୍ତୋଷ ଚୌଧୁରୀ, ଶିକ୍ଷକଶିକ୍ଷୟିତ୍ରୀ, ସ୍କୁଲ୍ ପରିଚାଳନା କମିଟି ସଦସ୍ୟଙ୍କ ସମେତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନେ ସଫଳତାର ସୋପାନରେ ପହଞ୍ଚିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିବାକୁ ଅତିଥି ବୃନ୍ଦ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥିଲା। ଶିକ୍ଷକ ଆନନ୍ଦ ଚନ୍ଦ୍ର ବାରିକ, କାନ୍ଦରପ ଶବର ମଞ୍ଚ ସଂଚାଳନ କରିଥିବା ବେଳେ ଶେଷରେ ଶିକ୍ଷକ ଚିନ୍ମୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ସମସ୍ତ ଶିକ୍ଷକ,ପ୍ରତପ ସୁବୁଦ୍ଧି, ସୋମ୍ୟରଞ୍ଜନ ଜେନା, ଶିକ୍ଷୟିତ୍ରୀ ମିନତୀ ବଡ଼ନାୟକ, ବିଦୁଲତା ମହାନ୍ତି ପ୍ରିୟଙ୍କା ସାହୁ, ପିଙ୍କି ଦାସ, ଭାରତୀ ମାଡାମ, ପ୍ରତିଭା ସାହୁ ଓ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ହରିହର ବସନ୍ତ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ପାପଡାହାଣ୍ଡି,୨୧।୧୨(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ଅନ୍ତର୍ଗତ ପେଟୁଗୁଡା ଠାରେ ହରିହର ବସନ୍ତ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନ ମ୍ୟାଚରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁଶାନ୍ତ କୁମାର ବେହେରା ସରପଞ୍ଚ ବାବୁଲା ଭତରା, ପୂର୍ବତନ ସରପଞ୍ଚ ଶିବଲାଲ ଅଗ୍ରୱାଲ, ବବଲୁ ଖାନ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ବରିପଦର ଏବଂ ଚିକିଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଚିକିଲି ଦଳ ବିଜୟୀ ହୋଇଥିଲା । ଏହି ଟୁର୍ନାମେଣ୍ଟର ସଭାପତି ପବିତ୍ର ଦୋରା , ସମ୍ପାଦକ ଶ୍ରାବନକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଚଇତି ସାଂସ୍କୃତିକ ଉତ୍ସବ 'ଇଡିତାଲ-୨୦୨୫' କଳସ ଶୋଭାଯାତ୍ରା

# ବିଧାୟକ ଓ ଉପ ଜିଲ୍ଲାପାଳଙ୍କ ବାଦ୍ୟରେ ଝୁମିଲେ ଲୋକେ





ଗୁଣୁପୁର, ୨୧।୧୨(ସମିସ):

ଗୁଣୁପୁର ଉପଖଣ୍ଡ ସ୍ତରୀୟ ଚଇତି ପାଇଁ ଆଜି କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରା ଜଗନ୍ନାଥ ମନ୍ଦିରରୁ ଆରମ୍ଭ ହୋଇ ପୁରୁଣା ଗୁଣୁପୁର ଛକ, ବାଇପାସ୍ ଛକ, ନୂତନ ବସଷ୍ଟାଣ୍ଡ, ପୁରୁଣା ବସଷ୍ଟାଣ୍ଡ ହୋଇ ସେବା ସମାଜ ସାମ୍ନା ଶତାୟୁ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରା ପ୍ରାୟ ୭ କିଲୋମିଟର ସହର ପରିକ୍ରମା କରି ଉତ୍ସବ ପଡିଆରେ ପହଞ୍ଚି ଥିଲା। ପ୍ରଥମେ ରାୟଗଡା ଜିଲ୍ଲା ର ବିଭିନ୍ନ ବ୍ଲକ୍ ଅଞ୍ଚଳରେ ଚଇତି ଉତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇ



ସରିଥିବା ପରେ ଏବେ ଉପଖଣ୍ଡସ୍ତରିୟ ଚଇତି"ଇଡିତାଲ୍' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ଆଜି ଉପଖଣ୍ଡ ପ୍ରଶାସନ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲିପ୍‌ଙ୍କ ଅଧ୍ୟକ୍ଷତାରେ ଆଜିଠାରୁ ତିନିଦିନ ଧରି ଏହି ମହୋତ୍ସବ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ଚାଲୁ ରହିବ। ଶୋଭାଯାତ୍ରା ସମୟରେ ବିଭିନ୍ନ ପାରମ୍ପରିକ ବାଦ୍ୟଯନ୍ତ୍ର ସହ ଲୋକନୃତ୍ୟ , ସଂସ୍କୃତି, ପାରମ୍ପରିକ ନାଚଗୀତ ସହ ନାଚିଉଠିଥିଲେ ଶୋଭାଯାତ୍ରାରେ ସାମିଲ ହୋଇଥିବା ଜନସାଧାରଣ, ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀ ଓ କଳାକାର , ଲୋକପ୍ରତିନିଧି , ମହିଳା , ସରକାରୀ କର୍ମଚାରୀ ଓ ରାଜନେତା। ଶୋଭାଯାତ୍ରା ସମୟରେ ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା । ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଡାମ୍ପ ବାଦ୍ୟ ବଜାଉଥିବା ବେଳେ ଯୁବ ଆଇଏଏସ୍ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲିପ୍ ଢୋଲ ଓ ଗିନି ବଜାଇ ନାଚି ଉଠୁଥିଲେ। ସମସ୍ତେ ବିଧାୟକଙ୍କ ବାଦ୍ୟରେ ଉପଜିଲ୍ଲାପାଳଙ୍କ ସହ ନେତା ପ୍ରଶାସନିକ ଅଧିକାରୀ ମାନେ ମଧ୍ୟ ନାଚୁଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଗୁଣପୁର ଉପଜିଲ୍ଲାପାଳ, ଗୁଣୁପୁର ବିଡିଓ ସ୍ୱସ୍ତିକ ଜମାଦାର ଓ ସମସ୍ତ ସରକାରୀ କର୍ମଚାରୀ ଯୋଗ ଦେଇଥିଲେ। ଗୁଣୁପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ, ଗୁଣୁପୁର ପୌର ଅଧ୍ୟକ୍ଷା ମମତା ଗଉଡ, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ଗୁଣୁପୁର ବ୍ଲକ୍ ଉପାଧ୍ୟକ୍ଷ ସୁଦର୍ଶନ ଶବର, ଗାନ୍ଧୀ ଯାନ୍ତ୍ରିକ ମହାବିଦ୍ୟାଳୟର ଉପ ସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା, ବିଜେଡି ନେତା ରାମ ପଣ୍ଡା, ବିଷ୍ଣୁ ପଣ୍ଡା, ବିଜେପି ନେତା ୱାଇ ଗଣପତି, ଉଦୟ ପାଢି, କିର୍ତ୍ତୀ କୁମାର ପଣ୍ଡା, ରାୟଗଡ଼ା ଜିଲ୍ଲା ଅମ୍ବୁସମ୍ୟାନ ଅକ୍ଷୟ ଦାସ, ଆଇନଯିବି ରମେଶ ଲିମା, ସାମାଜସେବୀ ପିଙ୍କି ମହାପାତ୍ର ଯୋଗ ଦେଇଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଗୁଣୁପୁର ଥାନା ଅଧିକାରୀ କେକେବି କେ କହଁର ଏବଂ ଏସ୍ ଆଇ ରଞ୍ଜିତ ତ୍ରିପାଠୀ ଉପସ୍ଥିତ ରହି ଦାୟିତ୍ୱ ତୁଲାଇଥିଲେ।

■ ପିଡିଏସ୍ ସାମଗ୍ରୀରୁ ବଞ୍ଚିତ ଘଟଣା

## ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଦ୍ୱାରମୁହଁରେ ଚାଉଳ



ନନ୍ଦପୁର,୨୧।୧୨(ସମିସ): ପିଡିଏସ୍ ସାମଗ୍ରୀ ପାଇବାରେ ବଞ୍ଚିତ ନେଇ ଚାଟୁଆ ଗ୍ରାମପଞ୍ଚାୟତର କମଳା ଗେମେଲ୍ ଶନିବାର ନନ୍ଦପୁର ଲ୍ୟାମ୍ପ୍‌ସ ପରିଦର୍ଶନରେ ଆସିଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଭେଟି ଅଭିଯୋଗ ଆଣିଥିଲେ। ମନ୍ତ୍ରୀ ଶ୍ରୀ ପାତ୍ର ତୁରନ୍ତ ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ଆଦେଶ ମାନି ନନ୍ଦପୁର ଯୋଗାଣ ନିରୀକ୍ଷକ ବୃରୁ କମଳା ଗେମେଲଙ୍କ ଦୀର୍ଘ ବର୍ଷ ଧରି ବନ୍ଦ ଥିବା ଚାଉଳ କାର୍ଡର ନୂତନ କାର୍ଡ କରିବା ସହ ଚାଉଳ ସାମଗ୍ରୀ ନେଇ ଚାଟୁଆ କମଳାଙ୍କ ଘରେ ପହଞ୍ଚାଇଛନ୍ତି। ସୂଚନା ଅନୁସାରେ ସମ୍ପୃକ୍ତ ହିତାଧିକାରୀ ଗତ ଦୁଇ ବର୍ଷ ହେବ ପିଡିଏସ୍ ଚାଉଳ ପାଇବାରେ ବଞ୍ଚିତ ରହିଥିଲେ । ଗୋଟିଏ ପଟେ ଟିପ ଚିହ୍ନ ଦେଲେ ଯାଇ ହିତାଧିକାରୀ ଖାଉଟି ସାମଗ୍ରୀ ପାଇବା ହେଉଥିବା ବେଳେ ମନ୍ତ୍ରୀଙ୍କ ବିନା ଟିପ ଚିହ୍ନରେ ଖାଉଟି ସାମଗ୍ରୀ ପ୍ରଦାନ ନିର୍ଦ୍ଦେଶ ଦେଇଥିଲେ। ତତ୍ ସହିତ ଟିପ ଚିହ୍ନ ଅସୁବିଧା ଯୋଗୁ କୌଣସି ହିତାଧିକାରୀଙ୍କ ଚାଉଳ ବନ୍ଦ କରି ପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ ମନ୍ତ୍ରୀ ଶ୍ରୀ ପାତ୍ର। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପ୍ରକାରେ ରବିବାର ସକାଳୁ ଯୋଗାଣ ନିରୀକ୍ଷକ ଜନସନ୍ ବରୁ କମଳାଙ୍କ ନୂତନ ପିଡିଏସ କାର୍ଡ କରିବା ସହ ଚାଉଳ ପ୍ରଦାନ କରିଥିଲେ। ତେବେ ଦୀର୍ଘ ଦୁଇ ବର୍ଷ ଧରି ପିଡିଏସଚାଉଳପାଇବାରେବଞ୍ଚିତ ଥିଲେକମଳା ଗେମେଲଚାଉଳ। ତେବେ ନୂତନ ପିଡିଏସ କାର୍ଡ ପାଇ ସେ ଖୁସି ବ୍ୟକ୍ତ କରିଥିବା ବେଳେ ବ୍ଲକ୍‌ର ବିଭିନ୍ନ ସମସ୍ୟା କାରଣରୁ ପିଡିଏସ ଚାଉଳରୁ ବଞ୍ଚିତ ହିତାଧିକାରୀଙ୍କ ପାଇ ମଧ୍ୟ ଖୁସି ଖବର ହୋଇଛି। ପିଡିଏସ କାର୍ଡ ରେ ଦେଖା ଦେଇଥିବା କିଛି ସମସ୍ୟା ପାଇଁ ଚାଉଳ ପାଇବାରେ ବଞ୍ଚିତ ହିତାଧିକାରୀଙ୍କ ପାଇଁ କି ବ୍ୟବସ୍ଥା ଗ୍ରହଣ କରାଯାଉଛି ତାହା ସମୟ କହିବ। ହେଲେ ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ କମଳା ଗେମେଲ ପରି ବାଦ ପଡି ଥିବା ହିତାଧିକାରୀର ମୁହଁରେ ହସ ନିଶ୍ଚିତ୍ ଫୁଟିବ ବୋଲି ଆଶା କରାଯାଉଛି।

## ହୃଦ୍‌ଘାତରେ କାଉନ୍‌ସିଲରଙ୍କ ପରଲୋକ



ଜୟପୁର,୨୧।୧୨(ସମିସ) : କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥାର ୧୬ ନମ୍ବର ୱାର୍ଡର କାଉନ୍‌ସଲିର ଧନିମା ହରିଜନ (୪୭)ଙ୍କ ଗତକାଲି ରାତି ୨ଟା ସମୟରେ ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ଘଟିଛି। ଗତକାଲି ସଂଧ୍ୟାରେ ପୁରୁଣାଗଡ ସ୍ଥିତ ତାଙ୍କ ବାସଭବନ ଠାରେ ହୃଦ୍‌ଘାତ ହେବା ଯୋଗୁଁ ସ୍ଥାନୀୟ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରୁ କୋରାପୁଟ ଏସଏଲଏନ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ବ୍ରହ୍ମପୁର କିମ୍ବା ବିଶାଖପାଟଣାକୁ ନେବା ପାଇଁ କହିଥିଲେ। ସେଠାରୁ ଜୟପୁର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଆଇସିୟୁରେ ରଖାଯାଇଥିଲା। କିନ୍ତୁ ରାତିରେ ପୁଣି ହୃଦ୍‌ଘାତ ହେବା ଯୋଗୁଁ ତାଙ୍କ ମୃତ୍ୟୁ ହୋଇ ଯାଇଥିଲା। ଆଜି ଭୋରରୁ ଖବର ପ୍ରଚାରିତ ହେବା ପରେ ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ବି.ସୁନିତା, କାଉନ୍‌ସିଲର ଯଶପାଲ ସିଂ, ସୀମାଞ୍ଚଳର ବିଶୋୟୀ, କୋରାପୁଟ ଏନଏସିର ପୂର୍ବତନ ଅଧ୍ୟକ୍ଷ ଭଗବାନ ବାହିନୀପତି ଏବଂ ଅନ୍ୟାନ୍ୟ କଂଗ୍ରେସ କର୍ମୀ ମାନେ ଚିକିତ୍ସାଳୟରେ ଅନ୍ତିମ ଦର୍ଶନ କରିବା ପରେ ତାଙ୍କ ନିଜ ଗ୍ରାମ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଗ୍ରାମଠାରେ ଖ୍ରୀଷ୍ଟିଆନ ପରମ୍ପରା ଅନୁଯାୟୀ କବର ଦିଆଯାଇଛି। ତାଙ୍କର ବିୟୋଗ ଖବର ଶୁଣି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଗଭୀର ଦୁଃଖ ପ୍ରକାଶ କରିବା ସହିତ ତାଙ୍କ ସ୍ୱାମୀ ଓ ପୁଅଙ୍କୁ ଭୁବନେଶ୍ୱରରୁ ଫୋନ ମାଧ୍ୟମରେ ସମବେଦନା ଜଣାଇଛନ୍ତି।

## ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ସମାବେଶ

ଜୟପୁର,୨୧।୧୨(ସମିସ): ଜୟପୁର ଠାରେ ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାର ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। କୋରାପୁଟ ଜିଲ୍ଲା ଶାଖା ସଭାପତି ଶଶିଭୂଷଣ ଦାଶଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ବୈଠକରେ କର୍ମଚାରୀ ଓ ସଂଘର ସଦସ୍ୟ ମାନେ ଯୋଗ ଦେଇଥିଲେ। ରଥ ପଡିଆ ଛକସ୍ଥିତ ରଘୁନାଥ ମନ୍ଦିରରୁ ଏକ ପଟୁଆରରେ ଜଗତଜନନୀ ମନ୍ଦିର ଛକ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଏଥିରେ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ବିଭିନ୍ନ ନ୍ୟାର୍ଯ୍ୟ ଦାବି ଉପରେ ସ୍ଲୋଗାନ ଦିଆଯାଇଥିଲା। ସ୍ଥାନୀୟ ଜୟନଗରସ୍ଥିତ ଏକ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ବୈଠକ ସରକାର କର୍ମଚାରୀ ମାନଙ୍କର ବିଭିନ୍ନ ଦାବି ନେଇ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟତଃ



କର୍ମଚାରୀ ମାନଙ୍କୁ ୨୦ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବୀମା, ପୁରୁଣା ପେନସନ, ପୁରୁଣା ନିୟମ ଅନୁସାରେ ଅନୁକମ୍ପା ମୂଳକ ନିଯୁକ୍ତି, ଏକ୍ସ କ୍ୟାଡ଼ର ଉଚ୍ଛେଦ, ବ୍ଲକଗ୍ରାଣ୍ଟ ଉଚ୍ଛେଦ, ଠିକା ନିଯୁକ୍ତି ଉଚ୍ଛେଦ ସହିତ ଅନ୍ୟାନ୍ୟ ଦାବି ରହିଛି। ଏନେଇ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରାଯାଇଥିବା ରାଜ୍ୟ ସାଧାରଣ ସମ୍ପାଦକ ରବିନ୍ଦ୍ରନାଥ ପ୍ରଧାନ ବୈଠକରେ ସୂଚନା ଦେଇଥିଲେ। ବୈଠକରେ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ସେଠୀ, ଅଧ୍ୟକ୍ଷ ସୁନନ୍ଦ କୁମାର କାନୁନ୍‌ଗୋ, ଉପଖଣ୍ଡ ଶ୍ୟାମ ସୁନ୍ଦର ନାୟକ, ପୂର୍ବତନ ସମ୍ପାଦକ କିଶୋର ଚନ୍ଦ୍ର ସାହୁ, ପୂର୍ବତନ ସଭାପତି ନରେନ୍ଦ୍ର ନାଥ ତ୍ରିପାଠୀ, ରୁପ କେଶରୀ ଦଳେଇ, ହରିହର ଶତପଥି, ମହେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

● କୋରାପୁଟରେ ବିଭାଗୀୟ ସମୀକ୍ଷା ବୈଠକ


## ରାସନ୍ କାର୍ଡ ପ୍ରଦାନ କଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର



କୋରାପୁଟ,୨୧।୧୨(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ବିଭାଗୀୟ ସମୀକ୍ଷା କରିଛନ୍ତି ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଦୁଇ ଦିନିଆ କୋରାପୁଟ ଗସ୍ତରେ ଆସି ପ୍ରଥମେ ସଦ୍‌ଭାବନା ସଭାଗୃହ ଠାରେ ପହଞ୍ଚି ୧୦ ଜଣ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ କରିଥିଲେ। କୋରାପୁଟ ଜିଲ୍ଲାରେ ସ୍ଥିତି ଠିକ୍ ରହିଛି। ପ୍ରତ୍ୟେକ ମଣ୍ଡିରେ ଚାଷୀଙ୍କୁ କିଭଳି ସମସ୍ତ ସୁବିଧା ସୁଯୋଗ ମିଳିବ। ମଣ୍ଡିରେ ବ୍ୟବସ୍ଥା କିଭଳି ରହିବ ସେ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମଣ୍ଡି ପରିଚାଳନା କିଭଳି ଶୃଙ୍ଖଳିତ ଭାବରେ ପରିଚାଳିତ ହେବ ଚାଷୀ ଯେଭଳି କଟ୍‌ନୀ ଛଟ୍‌ନୀର ସମ୍ମୁଖୀନ ହେବେ ନାହିଁ ସେନେଇ ଆଲୋଚନା ହୋଇଥିବା ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି। ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି, ମଣ୍ଡି ପରିଚାଳନା ପାଇଁ ନୋଡାଲ ଅଫିସର ପ୍ରଶିକ୍ଷଣ ନେଇଛନ୍ତି। ଗତବର୍ଷ ଭଳି ଏବର୍ଷ ମଧ୍ୟ କୋରାପୁଟ ଜିଲ୍ଲାରେ କିଭଳି ମଣ୍ଡି ସୁପରିଚାଳନା ହେବ ରାଜ୍ୟ ସରକାରଙ୍କ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧା ମିଳି ପାରିବ ଯଥା କୃଷକ ମାନଙ୍କ ପାଇଁ ମଣ୍ଡିରେ ପିଇବା ପାଣି, ଆଶ୍ରୟସ୍ଥଳୀ ସହ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସୂଚନା ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ବିଧାୟକ ରଘୁରାମ ମାଛ, ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ,ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, କୋରାପୁଟ ବ୍ଲକ ବିଡିଓ ଦେବାଶିଷ ଗୌଡ଼ ଓ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ହୃଦ୍‌ଘାତରେ ଚାଲିଗଲେ ସାହିତ୍ୟିକ ଅବନୀ ମିଶ୍ର

ନାରାୟଣପାଟଣା,୨୧।୧୨(ସମିସ): ଗତକାଲି ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି ଅବସରପ୍ରାପ୍ତ ଶିକ୍ଷକ ଅବନୀ ରଂଜନ ମିଶ୍ର (୭୨)। ଅବସର ଗ୍ରହଣ କରିବା ପରେ ସ୍ଥାନୀୟ ଆଶା ପବ୍ଲିକ ସ୍କୁଲରେ ଶିକ୍ଷା ଦାନ କରି ଆସୁଥିଲେ। ଜଣେ ଗାଳ୍ପିକ, ଲେଖକ, ସାହିତ୍ୟିକ, ସଙ୍ଗୀତ ରଚନା ,କଣ୍ଠଶିଳ୍ପୀ, ନାଟକ ପରିଚାଳକ କରି ସେ ସୁନାମ ଅର୍ଜନ କରିଥିଲେ। ପୁରୀ ଜିଲ୍ଲାର ନିମାପଡ଼ାରୁ ଆସି ଦୀର୍ଘ ୩୮ ବର୍ଷ ଧରି ନାରାୟଣପାଟଣା ବ୍ଲକର ବିଭିନ୍ନ ଦୁର୍ଗମ ଅପହଞ୍ଚ ଅଞ୍ଚଳରେ ଶିକ୍ଷକ ଭାବେ ଶିକ୍ଷା ଦାନ କରି ଶହ ଶହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ କରିଥିଲେ। ଶିକ୍ଷାକୁ ପେଶା ଭାବେ ଗ୍ରହଣ କରି ଅଶୀ ଦଶକରେ ବିଭିନ୍ନ ଦୁର୍ଗମ ଅଞ୍ଚଳରେ ସ୍କୁଲରେ ଯେଉଁଠି ରାସ୍ତା ନଥିଲା ,ବିଜୁଳି ନଥିଲା ଅପହଞ୍ଚ ଅଞ୍ଚଳରେ ଶିକ୍ଷକତା ଭାବେ କାମ କରି ଶିକ୍ଷାଦାନ କରି ବହୁ ଆଦିବାସୀ ପିଲାଙ୍କୁ ମଣିଷ କରିଥିଲେ। ତାଙ୍କ ପୁଅ ବେଦପ୍ରକାଶ ମିଶ୍ର ନନ୍ଦପୁରରେ କୃଷି ବିଭାଗର ଚାକିରି କରୁଛନ୍ତି। ମୃତ୍ୟୁ ଖବର ନେଇ ବ୍ଲକ୍‌ରେ ଏକ ଶୋକାକୁଳ ପରିବେଶ ହୋଇଥିଲା। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପର୍ଶୁରାମ ତାଡିଙ୍ଗି ,ସମ୍ପାଦକ ଜାମି ସତ୍ୟନାରାୟଣ, ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ବିଡିଓ ବିକ୍ରମ ଦୋରା, ତହସିଲଦାର ପ୍ରଭାତି ଝଡିଆ, ସାମ୍ବାଦିକ ଅନୀଲ ସୁବୁଦ୍ଧି, ଦିଲିପ ଦାସ, ଗିରିଧର ଖରା,ଏନ୍ ସନ୍ତୋଷ କୁମାର, ସନ୍ତୋଷ ସୁବୁଦ୍ଧିଙ୍କ ସମେତ ଶତାଧିକ ଗ୍ରାମବାସୀ ଶୋକସଭାର ସାମିଲ ହୋଇଥିଲେ।



## ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

ନବରଙ୍ଗପୁର,୨୧।୧୨(ସମିସ): ନବରଙ୍ଗପୁର ଷ୍ଟାଡିୟମ ପରିସରରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡା ସଂଘ ଆନୁକୂଲ୍ୟରେ ଲୋକସଭା ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଯୋଗ ଦେଇ ଆନୁଷ୍ଠାନିକ ଭାବେ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିଲେ। ସେହିପରି ଅନ୍ୟତମ ଅତିଥି ଭାବରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ ସଂଯୋଜନା କରିଥିଲେ ଏହି କ୍ରୀଡା ଆସନ୍ତା ଡିସେମ୍ବର ମାସ ୨୩ ତାରିଖରେ ଶେଷ ହେବ। ସଂସଦୀୟ କ୍ଷେତ୍ର ର ନବରଙ୍ଗପୁର ଷ୍ଟାଡିୟମରେ ଲମ୍ବ କୁଦ , ଖୋକ, କବାଡି , ଭଲିବଲ ଖେଳ ଚାଲିଥିବା ବେଳେ କ୍ରିକେଟ ମ୍ୟାଚ ଝରିଗାଁ ଠାରେ ଅନୁଷ୍ଠିତ ଏବଂ କୋଟପାଡ଼ ଠାରେ ଫୁଟବଲ୍ ମ୍ୟାଚ୍ ଗୁଡ଼ିକ ଅନୁଷ୍ଠିତ ହେଉଛି। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ସାଂସଦ ଖେଳ ମହୋତ୍ସବର ସଂଯୋଜକ ରାମେଶ୍ୱର ଜେନା, ପୌର ନିର୍ବାହୀ ଅଧିକାରୀ ଡ. ଅଶୋକ କୁମାର କର୍ଣ୍ଣ, ଜିଲ୍ଲା କ୍ରୀଡ଼ା ସଂଘର ଉପ ସଭାପତି ଏମ୍. ବାଲାକୃଷ୍ଣ ରାଓ , ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ , କ୍ରୀଡ଼ା ଅଧିକାରୀ ପଦ୍ମନାଭ ତ୍ରିପାଠୀ, ମିଡିଆ ସଂଯୋଜକ ବାଙ୍କ ବିହାରୀ ବିଷୋୟୀ , ଅଧିବକ୍ତା କିଶୋରୀ ପଟନାୟକ, କାଉନ୍‌ସିଲର ଶର୍ମିଷ୍ଠା ଦେଓ, କ୍ରିକେଟ ସମ୍ପାଦକ ଅଶୋକ ନାୟକ, ଶଶାଙ୍କ ଶେଖର ବେହେରାଙ୍କ ସମେତ ବରିଷ୍ଠ କ୍ରୀଡାବିତ ଏବଂ ବିଭିନ୍ନ ଯୁବକ ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ। ପ୍ରଥମ ଦିନ ପ୍ରତିଯୋଗିତାରେ ମହିଳା କବାଡି ଖେଳରେ ନବରଙ୍ଗପୁର ମ୍ୟୁନିସ୍‌ପାଲଟି ଦଳ କୋଟପାଡ଼ ବ୍ଲକ ଦଳକୁ ହରାଇ ଚାମ୍ପିଅନ ହୋଇଛନ୍ତି। ସେହିପରି ଲମ୍ବକୁଦରେ ପୁରୁଷ ଦଳର ଉମରକୋଟର ସୁରେନ୍ଦ୍ର ସାନ୍ତା, ଲମ୍ବ କୁଦ ମହିଳା ଦଳର କୋଟପାଡ଼ ପୌରାଞ୍ଚଳର ପୂର୍ଣ୍ଣିମା ପ୍ରଧାନି, ୧୦୦ ମିଟର ମହିଳା ଦୌଡ଼ରେ ରାଇଘରର ହସିନା ଗଣ୍ଡ, ୧୦୦ମିଟର ପୁରୁଷ ଦୌଡ଼ରେ ଉମରକୋଟର ଚନ୍ଦନ ପରଜା,୨୦୦ ମିଟର ଦୌଡରେ କୋଟପାଡ଼ର ଲକ୍ଷ୍ମୀ ନାୟକ ପ୍ରମୁଖ ଚାମ୍ପିଅନ୍ ହୋଇଛନ୍ତି। ମହିଳା ଭଲିବଲ୍ ମ୍ୟାଚ୍‌ରେ କୋଟପାଡ଼ ପୌରାଞ୍ଚଳ ଦଳ କୋଟପାଡ଼ ବ୍ଲକ ଦଳକୁ ୨-୦ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ୍ ହୋଇଛନ୍ତି। ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡ଼ା ଶିକ୍ଷକ ମାନେ ଖେଳ ଗୁଡ଼ିକ ସୁରୁଖୁରୁରେ ପରିଚାଳନା କରୁଛନ୍ତି।

## ଓଡିଶା ରାଜସ୍ୱ ଅମଲା ସଂଘର ନବରଙ୍ଗପୁର ଜିଲ୍ଲା ଅଧ୍ୟକ୍ଷ ହେଲେ କୈଳାଶ ଦାସ



ନବରଙ୍ଗପୁର,୨୧।୧୨(ସମିସ): ଓଡିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା ନବରଙ୍ଗପୁରର ତ୍ରୟ ବାର୍ଷିକ ସମ୍ମିଳନୀ ମହା ସମାରୋହରେ ପୂର୍ବତନ ସଭାପତି ଆଶୁତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକ, କୋରାପୁଟ ଜିଲ୍ଲା ସମ୍ପାଦକ ନିତ୍ୟାନନ୍ଦ ଭତ୍ରା, କୋରାପୁଟ ଜିଲ୍ଲାର ବରିଷ୍ଠ ସଦସ୍ୟ ମନୋଜ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ଉପସ୍ଥିତ ଥିଲେ। ଆଗାମୀ ଦିନରେ ସମସ୍ତେ ମିଳିତ ଭାବେ ସଂଘ ପ୍ରତି ଆନୁଗତ୍ୟ ପ୍ରକାଶ କରି ସଂଗଠନକୁ ମଜବୁତ କରିବା ସହ ନିଜର ମତାମତ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଗାମୀ ତିନି ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏହି ନିର୍ବାଚନରେ ଅଧ୍ୟକ୍ଷ ଭାବେ କୈଳାଶ ଚନ୍ଦ୍ର ଦାସ, ବରିଷ୍ଠ ରାଜସ୍ୱ ସହାୟକ ବିବେକ ନାୟକ ସଭାପତି, ଉପ ସଭାପତି ଭାବେ ସୌରଭ କୁମାର ଦାସ, ଅମିତ କୁମାର, ସମ୍ପାଦକ ଭାବେ ଦେବାଶିଷ ସୁଆର ସହ ସମ୍ପାଦକ ଭାବେ ମୈଥିଳୀ ପଟ୍ଟନାୟକ ଏବଂ କୈଳାଶ ପୂଜାରୀ, କୋଷାଧ୍ୟକ୍ଷ ଭାବେ ସହିଦ ଆକତର ପ୍ରମୁଖ ନିର୍ବାଚିତ ହୋଇଥିଲେ। ନୂତନ ନିର୍ବାଚିତ ସଦସ୍ୟ ମାନଙ୍କୁ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ଶପଥପାଠ କରାଇବା ସହ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ପ୍ରମୋଦ କୁମାର ଚର୍ଚ୍ଚି ଏବଂ ନିର୍ବାଚନ ଅଧିକାରୀ ଭାବରେ ସଂଗ୍ରାମ କେଶରୀ ପ୍ରଧାନ ଦାୟିତ୍ୱ ସମ୍ପନ୍ନ କରିଥିଲେ ।

## କେବେ ନିର୍ମାଣ ହେବ କର୍ଲାଘାଟି-ଡୁକମ ରାସ୍ତା?

ପୂର୍ତ୍ତ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର

ଗୁଡାରୀ,୨୧।୧୨(ସମିସ): ଦୀର୍ଘ ବର୍ଷ ଧରି କର୍ଲାଘାଟି ଠାରୁ ଡୁକମ ରାସ୍ତା ଗ୍ରାମୀଣ ସଡକ ବିଭାଗ ଅଧିନରେ ରହିଛି। ଦୁଇଟି ଗ୍ରାମପଞ୍ଚାୟତ ଦୂରତା ମାତ୍ର ୩୦ କିମି। ଅଧିକାଂଶ ରାସ୍ତା ଗୁଡାରୀ ବ୍ଲକରେ ଯିବା ବେଳ ଆଉ ବାକି ଅଂଶ ବିଷମକଟକ ବ୍ଲକ ଡୁକୁମ ପଞ୍ଚାୟତରେ ରହିଛି। ଯେଉଁଠିକୁ ଆଜି ପର୍ଯ୍ୟନ୍ତ ଗ୍ରାମୀଣ ବିଭାଗ ରାସ୍ତା ପହଞ୍ଚିପାରିନାହିଁ। ଏହି ପଞ୍ଚାୟତ ଗୁଡ଼ିକରେ ଅଧିକାଂଶ ଜନଜାତିରେ ଭରପୁର ଗରିବ ଲୋକଙ୍କ ପିଲାମାନଙ୍କୁ ପାଠପଢ଼ା ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ମନାଗମନ ପାଇଁ ସରକାର ଅଜସ୍ର ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏଠି ତାର ନମୁନା ଦେଖିବାକୁ ଗଲେ ସମ୍ପୂର୍ଣ୍ଣ ଶୂନ୍। ରାସ୍ତାରେ ଅବସ୍ଥା ଯାହା ଯାତାୟତ କରୁଥିବା ଲୋକ ସବୁ



ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତାର ଅବସ୍ଥା ଯାହା ବସ ସେବା ନ କହିବା ଭଲ। ଏମିତିରେ ପ୍ରାୟ ୩୦ କିମିରୁ ୨୫ କିମି ଖାଲଖମା ଭର୍ତ୍ତି। ଗୁଡାରୀ ଠାରୁ ବିଷମ କଟକ ଦେଇ ପଶ୍ଚିମ ଓଡିଶାକୁ ସଂଯୋଗ କରୁଥିବାବେଳେ ଅନ୍ୟପଟେ ରାସ୍ତାଟି ଛତିଶଗଡ ରାଜ୍ୟ ରାୟପୁରକୁ କମ ବ୍ୟବଧାନରେ ଯାତ୍ରୀ ଯାତାୟାତ କରିବା ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି। କିନ୍ତୁ ଆଜି ପର୍ଯ୍ୟନ୍ତ ଲୋକଙ୍କ ସ୍ୱପ୍ନ ସ୍ୱପ୍ନରେ ରହିଯାଇଛି। ଏବେ କିଛି ଦିନ ହେଲାଣି ଏହି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି ବୋଲି ବିଷମକଟକ ଗ୍ରାମୀଣ ବିଭାଗର ଜେଇ ଶ୍ରୀ ରାଉତ କହିଛନ୍ତି। ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି ସତ , ଏହି ବିଭାଗ କେବେ ରାସ୍ତା ଆରମ୍ଭ କରି ଶେଷ କରୁଛି ତାହା ସେଠାକାର ବସବାସ କରୁଥିବା ଲୋକ ଦେଖିବାକୁ ବାକି ରହିଛି।

## କୋଟିଆରେ ରାସନ କାର୍ଡ ବାଣ୍ଟିଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ

ପଟ୍ଟାଙ୍ଗି,୨୧।୧୨(ସମିସ):

ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ କୋଟିଆ ଗସ୍ତରେ ପହଞ୍ଚିଲେ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେଠାରେ ସେ କୋଟିଆ ଏବଂ ନୂଆଗାଁ ପଞ୍ଚାୟତର ନୂତନ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରିଛନ୍ତି। ଏହି ଅବସରରେ କୋଟିଆରେ ସମସ୍ତ ଲୋକଙ୍କୁ ମିଳିବ ରାସନ କାର୍ଡ। ପ୍ରତ୍ୟେକ ଗ୍ରାମରେ ଚାଉଳ ପହଞ୍ଚାଇବା ନିମନ୍ତେ ଦେଲେ ପ୍ରତିଶ୍ରୁତି। ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କୋଟିଆରେ ପହଞ୍ଚି ଥିଲେ । ସେଠାରେ ତାଙ୍କୁ ସରକାରୀ କର୍ମଚାରୀ ଏବଂ ଉପସ୍ଥିତ ସ୍ଥାନୀୟ ମହିଳା ମାନେ ସ୍ୱାଗତ କରିଛନ୍ତି। ଏହାପରେ ସେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ହୋଇଥିବା ସଭାକାର୍ଯ୍ୟରେ ଯୋଗଦାନ କରିଥିଲେ। ସେ ନିଜ ଅଭିଭାଷଣରେ ଜିଏ କୋରାପୁଟ ତଥା କୋଟିଆକୁ ଦେଖିନାହିଁ, ସିଏ ଓଡ଼ିଶା ଦେଖିନାହିଁ। ଅତି ସୁନ୍ଦର ଜାଗା ଦେଖି ସେ ଖୁସି ହୋଇଛନ୍ତି। କୋଟିଆବାସୀଙ୍କୁ ରାସନ କାର୍ଡ ଦିଆଯିବ, ପ୍ରତ୍ୟେକ ଗ୍ରାମରେ ପହଞ୍ଚି ଚାଉଳ ବଣ୍ଟନ କରାଯିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ତିନିମାସ ନିମନ୍ତେ କାର୍ଡ ପିଛା ୫ କେଜି ଲେଖାଏ ଚାଉଳ ଦିଆଯିବ ବୋଲି କହିଥିଲେ। ନୂତନ ଯୋଜନା ଦେବା ନିମନ୍ତେ ମଧ୍ୟ ଚେଷ୍ଟା କରାଯିବ। ଆଗାମୀ ଦିନରେ କିଭଳି ଲୋକେ ଦାଦନ ଖଟିବାକୁ ଯିବେ ନାହିଁ, ସେଥିନେଇ ଚେଷ୍ଟା କରାଯାଉଅଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ କୋଟିଆ ପଞ୍ଚାୟତର ନୂତନ ୨୬ ଗୋଟି ଏବଂ ନୂଆଗାଁ ପଞ୍ଚାୟତର ୯ ଗୋଟି ନୂତନ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରିଥିଲେ। ତାଙ୍କ ସହ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି,ଜିଲ୍ଲାପରିଷଦ ସଦସ୍ୟା ଟିକାଇ ଗେମେଲ,"ବିଜେପି ଦଳର ପଟ୍ଟାଙ୍ଗି ବିଧାୟକ ପ୍ରାର୍ଥୀ ଚୈତନ୍ୟ ନାନ୍ଦିବାଲି, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର, ଜିଲ୍ଲା ଯୋଗାଣ ଅଧିକାରୀ ସବେଶ୍ୱର ନାୟକ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ସୌଭାଗ୍ୟ ରଞ୍ଜନ ନାୟକ, ବିଡ଼ିଓ ରାମକୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ଧାରୁଆ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ପରିଚାଳନା ଏଇଇ ବିଶ୍ୱନାଥ ମାଦେଲି, ଯୋଗାଣ ନିରୀକ୍ଷକ ପଟ୍ଟାଙ୍ଗି ଅଶୋକ କୁମାର ସାହୁ, ଜିପିଡିଓ ଦାୟିତ୍ୱରେ ଥିବା ମମିତା ନାୟକ, ଉଦ୍ୟାନ କୃଷି କର୍ମଚାରୀ ମନୋରଞ୍ଜନ ନାୟକ, ଏଏଓ ଲେଲିନ ଶବର ପ୍ରମୁଖ ଅଧିକାରୀ ସହଯୋଗ କରିଥିଲେ। କୋଟିଆବାସୀ ଉକ୍ତ ଅଞ୍ଚଳରେ ନେଟୱାକ୍ ସମସ୍ୟା, ଦକ୍ଷତା ବିକାଶ କେନ୍ଦ୍ର ଗୋଟିଏ ସ୍ଥାପନ କରିବା ଆଦି ନେଇ ଦାବି ଜଣାଇଥିଲେ। ଉକ୍ତ ସମସ୍ୟା ଗୁଡ଼ିକୁ ସରକାରଙ୍କ ନିକଟରେ ଉପସ୍ଥାପନ କରି ଏହାର ସମାଧାନର ବ୍ୟବସ୍ଥା କରିବି ବୋଲି ପ୍ରତିକ୍ରିୟା ଦେଇଥିଲେ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।



ସକାଳ
THE SAKALA

# ସମ୍ପାଦକୀୟ



ସଂଘର୍ଷ ବିହୀନ ଓ ଅପରୀକ୍ଷିତ ଜୀବନ ମୂଲ୍ୟହୀନ।
-ସକ୍ରେଟିସ୍

## (ଅ)ପବିତ୍ର ଆଇନ

ଶାସକ ଦଳର ଅଭିଯୋଗ ଅନୁଯାୟୀ 'ଏମନରେଗା' ରଦ୍ଦ କରିବା ପଛରେ ମୁଖ୍ୟ କାରଣ ଥିଲା ଏହା ଜନ୍ମ ଦେଇଥିବା ଦୁର୍ନୀତି। ଲକ୍ଷ ଲକ୍ଷ ଭୂତ ଜବକାର୍ଡ ମାଧ୍ୟମରେ କୋଟି କୋଟି ଟଙ୍କା ବାଟମାରଣା ହେଉଥିବା ଅଭିଯୋଗ ନିରାଧାର ନୁହେଁ। ତେଣୁ ଗଳାବାଟଗୁଡ଼ିକୁ ବନ୍ଦ କରି ଯୋଜନାକୁ ଅଧିକ ସମୟୋପଯୋଗୀ, ସ୍ୱଚ୍ଛ ଓ ବ୍ୟବସ୍ଥିତ କରିବାରେ କାହାର କିଛି ଆପତ୍ତି ନଥିଲା। ଏ ଦାୟିତ୍ୱ ସରକାରଙ୍କର। କିନ୍ତୁ ସମ୍ପୂର୍ଣ୍ଣ ଭାବେ ଆଇନଟିକୁ ରଦ୍ଦ କରିଦେବା 'କ୍ଷତର ଉପଚାର ବଦଳରେ ସମ୍ପୂର୍ଣ୍ଣ ଅଙ୍ଗଟିକୁ କାଟି ଫୋପାଡ଼ି ଦେବା' ଭଳି ହୋଇ ନାହିଁ କି? ଏ ପ୍ରଶ୍ନ ଏବେ ସବୁମହଲରେ ଉତ୍ତର ଅପେକ୍ଷାରେ ଘୂରି ବୁଲୁଛି। ଯଦି ଦୁରୁପଯୋଗ ଓ ଦୁର୍ବଳ ଅଭିଯୋଗରେ ଗୋଟିଏ ପରେ ଗୋଟିଏ ଯୋଜନାକୁ ଏଭଳି ସମ୍ପୂର୍ଣ୍ଣ ବନ୍ଦ କିମ୍ବା ଆଇନଗୁଡ଼ିକୁ ଉଚ୍ଛେଦ କରିଦିଆଯାଏ କିମ୍ବା ବ୍ୟବସ୍ଥାକୁ ବିଲୋପ କରିଦେବାର ଉଦ୍ୟମ ହୁଏ, ତେବେ ଦେଶରେ 'ଆଇନର ଶାସନ' କେଉଁ ଦିଗକୁ ଯିବ ତାହା ଅନୁମେୟ। ଏଠାରେ ଆଉ ଏକ ପ୍ରଶ୍ନ ଉଠୁଛି ଯେ କ'ଣ କେବଳ 'ଏମ୍‌ନରେଗା' ହିଁ ଦୁର୍ନୀତିଯୁକ୍ତ; ଆଉ ସବୁ ସ୍ୱଚ୍ଛ? ଏହାର ଉତ୍ତର ଖୋଜିବା ବେଳେ ନିକଟରେ ସିଏଜି(କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ୍ ଅଫ୍ ଇଣ୍ଡିଆ)ଙ୍କ ୨୦୧୫ରେ ପ୍ରଣୀତ 'ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା(ପିଏମ୍‌କେଭିୱାଇ)'ର ଗତ ୭ ବର୍ଷର ସ୍ୱଚ୍ଛତା ଓ ଦକ୍ଷତା ପ୍ରସଙ୍ଗରେ ଦେଇଥିବା ରିପୋର୍ଟ ଉପରେ ଦୃଷ୍ଟି ପକାଯାଉ।

ସଂସଦର ସଦ୍ୟସମାପ୍ତ ଶୀତ ଅଧିବେଶନରେ ଉପସ୍ଥାପିତ ସିଏଜିଙ୍କ ରିପୋର୍ଟର ସାରାଂଶ ଅନୁଯାୟୀ, ଏହି ଯୋଜନା ଅଧୀନରେ ଗୋଟିଏ ସମାନ ନମ୍ବରରେ, ଗୋଟିଏ ଫଟୋରେ ଲକ୍ଷାଧିକ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି, ୩୪ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଖାତାକୁ ସହାୟତା ରାଶି ଏ ପର୍ଯ୍ୟନ୍ତ ପହଞ୍ଚି ନାହିଁ, ହଜାର ହଜାର ସଂଖ୍ୟାରେ ତାଲିମ୍‌କେନ୍ଦ୍ରଗୁଡ଼ିକ ବନ୍ଦ ହୋଇପଡ଼ିଛି। ୧.୩୨ ଲକ୍ଷ ଯୁବବର୍ଗଙ୍କୁ ତାଲିମ୍ ଜରିଆରେ କୁଶଳୀ କରି କର୍ମସଂସ୍ଥାନ ଯୋଗାଇ ଦେବା ଏବଂ ସ୍ୱାବଲମ୍ବନ କରିବା ଉଦ୍ଦେଶ୍ୟରେ ପ୍ରଣୀତ ଏହି ଯୋଜନାରେ ତିନି ପର୍ଯ୍ୟାୟରେ ୧୪, ୪୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ଯୋଜନାରେ ହୋଇଥିବା ବ୍ୟାପକ ଅନିୟମିତତାକୁ ସିଏଜି ଧରିବା ସହିତ ୨୦୨୫ ମେ ସୁଦ୍ଧା ବେରୋଜଗାର ହାର ୧୫ ପ୍ରତିଶତକୁ ଛୁଇଁଥିବା ଉଲ୍ଲେଖ କରିଛନ୍ତି। ଅର୍ଥାତ୍ ଏହି ଯୋଜନା ତା'ର ମୂଳ ଲକ୍ଷ୍ୟରେ ବିଫଳ ହେବା ସହିତ ବ୍ୟାପକ ଦୁର୍ନୀତିକୁ ଜନ୍ମ ଦେଇଛି। ବିଡ଼ମ୍ବନା ହେଉଛି ସମାନ ଅଭିଯୋଗ ଆଧାରରେ 'ଏମନରେଗା'କୁ ରଦ୍ଦ କରାଯାଇଥିବା ବେଳେ 'ପିଏମ୍‌କେଭିୱାଇ' ପ୍ରତି ସେଭଳି ବିପଦର ଆଶଙ୍କା ନାହିଁ।

ସିଏଜି ରିପୋର୍ଟରେ ଯେଉଁ ସାଂଘାତିତ ତଥ୍ୟ ପ୍ରଘଟ ହୋଇଛି ସେଥିମଧ୍ୟରେ ମୋଟ ୯୫, ୯୦, ୮୦୧ ହିତାଧିକାରୀଙ୍କ ମଧ୍ୟରୁ ୯୪.୫୩ %ଙ୍କ ବ୍ୟାଙ୍କ ଆକାଉଣ୍ଟ ସବିଶେଷ ବିବରଣୀ ନାହିଁ କିମ୍ବା ଆଦୌ ନାହିଁ। ୧୨, ୧୨୨ଜଣଙ୍କ ବ୍ୟାଙ୍କ ଆକାଉଣ୍ଟ ୧୧୧୧୧୧୧୧୧୧୧ କିମ୍ବା ୧୨୩୪୫୬ ଆଦି ସମାନ ନମ୍ବରରେ ରହିଛି। ଅର୍ଥାତ୍ ହିତାଧିକାରୀ କିଏ ତାହା ସମ୍ପୂର୍ଣ୍ଣ ଅଜ୍ଞାତ ରହିଛି। ଏ ସମ୍ପର୍କରେ ସମ୍ପୃକ୍ତ ମନ୍ତ୍ରଣାଳୟର ସ୍ପଷ୍ଟୀକରଣ ହେଉଛି ଆଧାର ସଂଯୁକ୍ତ ବ୍ୟାଙ୍କ ଆକାଉଣ୍ଟରେ ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ଦିଆଯାଉଛି। ଉପରୋକ୍ତ ନମ୍ବରଗୁଡ଼ିକ କେବଳ ୱେବ୍‌ସାଇଟ୍‌ର ଔପଚାରିକତା ରକ୍ଷା କରିବା ପାଇଁ ପୂରଣ କରାଯାଇଛି। ଏହି ସ୍ପଷ୍ଟୀକରଣ ଉପରେ ସିଏଜି ପୁନଃତର୍ଜମା ଓ ଅନୁସନ୍ଧାନ କରି ଯେଉଁ ତଥ୍ୟ ପାଇଛନ୍ତି ତାହା ମଧ୍ୟ ଲୋକସଭାରେ ଗତ ଗୁରୁବାର ଦିନ ଉପସ୍ଥାପିତ ରିପୋର୍ଟରେ ଉଲ୍ଲେଖ ରହିଛି। ଉକ୍ତ ତଥ୍ୟ ଅନୁଯାୟୀ ୨୦୨୩ରେ ଡିବିଟି ବା ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତର ଯୋଜନାରେ ମାତ୍ର ୨୪.୫୩ ଲକ୍ଷ(୨୫.୫୮%) ହିତାଧିକାରୀଙ୍କ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି, ଯେଉଁଥିରେ ମାତ୍ର ୧୭.୬୯ ଲକ୍ଷ(୧୮.୪୪%) ହିତାଧିକାରୀ ଉପକୃତ ହୋଇଛନ୍ତି। ୨୦୨୪ରେ ୯୫.୯୧ ଲକ୍ଷ ହିତାଧିକାରୀଙ୍କୁ ଡିବିଟି ମାଧ୍ୟମରେ ସହାୟତା ଦିଆଯାଇଥିବା ମନ୍ତ୍ରଣାଳୟ କହିଥିବା ବେଳେ ମାତ୍ର ୬୩.୭୫% ବା ୬୧.୧୪ ଲକ୍ଷ ପାଇଥିବା ସିଏଜି କହିଛନ୍ତି। ଅର୍ଥାତ୍ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୭୫% ଏବଂ ଦ୍ୱିତୀୟ-ତୃତୀୟ ପର୍ଯ୍ୟାୟରେ ୮୦%ରୁ ଅଧିକ ବାଟମାରଣା ବା ଜାଲିଆତି ହୋଇଛି। ଯୋଜନାର ନିର୍ଦ୍ଧାରିତ ତିନିଟି ପର୍ଯ୍ୟାୟ ସମାପ୍ତ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପଞ୍ଜିକୃତ ଓ ତାଲିମପ୍ରାପ୍ତ ହିତାଧିକାରୀଙ୍କ ମଧ୍ୟରୁ ୩୪ ଲକ୍ଷଙ୍କୁ ଆର୍ଥିକ ସହାୟତା ମିଳିନାହିଁ। ସେମାନଙ୍କୁ କିଭଳି ସହାୟତା ରାଶି ହସ୍ତାନ୍ତର କରାଯିବ ସେ ବିଷୟରେ ମନ୍ତ୍ରଣାଳୟ ନିରବ ରହିଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

ୱେବ୍‌ସାଇଟ୍‌ରେ ହିତାଧିକାରୀମାନଙ୍କର ଯେଉଁ ଇମେଲ୍ ଆଇଡି ରହିଛି ସେଥିରୁ ଅଧିକାଂଶ ସମାନ ବୋଲି ମଧ୍ୟ ସିଏଜି ଜାଣିବାକୁ ପାଇଛନ୍ତି। ଯୋଜନାର ୱେବ୍‌ସାଇଟ୍ 'ଏସ୍‌ଆଇପି'ରେ ଯେଉଁ ତାଲିମ୍‌କେନ୍ଦ୍ରଗୁଡ଼ିକୁ ଦର୍ଶାଯାଇଛି ସେଥିମଧ୍ୟରୁ ଅଧିକାଂଶ ବନ୍ଦ ଥିବା ବେଳେ ଉତ୍ତରପ୍ରଦେଶ, ବିହାର, ମହାରାଷ୍ଟ୍ର, ରାଜସ୍ଥାନ ଆଦି ରାଜ୍ୟର ତାଲିମକେନ୍ଦ୍ରଗୁଡ଼ିକରେ ସମାନ ହିତାଧିକାରୀଙ୍କ ଫଟୋ ରେଜିଷ୍ଟରରେ ଦେଖିବାକୁ ମିଳିଛି। ତାଲିମ୍‌ପ୍ରାପ୍ତମାନଙ୍କୁ ଯେଉଁ ପ୍ରମାଣପତ୍ର ମିଳିଛି ସେଗୁଡ଼ିକୁ ମଧ୍ୟ ଦକ୍ଷତା ପରୀକ୍ଷା ଆଧାରରେ ବର୍ଗୀକୃତ ନ କରି ସମସ୍ତଙ୍କୁ 'ବେଷ୍ଟ ଇନ୍ କ୍ଲାସ୍' ବା 'ଉତ୍ତମ' ବୋଲି ଉଲ୍ଲେଖ ରହିଛି।

ଏଭଳି ତ୍ରୁଟିକୁ ପରବର୍ତ୍ତୀ ସମୟରେ ସୁଧାରି ଦିଆଯାଇଛି ବୋଲି ମନ୍ତ୍ରଣାଳୟ ସ୍ପଷ୍ଟୀକରଣ ଦେଇଥିଲେ ମଧ୍ୟ ତ୍ରୁଟି ଓ ଅନିୟମିତତା ଯେ ହୋଇଛି ଏହାକୁ କ'ଣ ଅସ୍ୱୀକାର କରିହେବ? ଦୁର୍ନୀତି କିମ୍ବା ଦୁରୁପଯୋଗ ନୁହେଁ, ବରଂ ଏକ ମହତ୍ ଉଦ୍ଦେଶ୍ୟ ଓ ପବିତ୍ର ଭାବନା ନେଇ ହିଁ ଆଇନ କିମ୍ବା ଯୋଜନା ପ୍ରଣୀତ ହୁଏ। କ୍ଷମତାରେ ଯେଉଁ ଦଳର ଶାସନ ଥାଉ ନା କାହିଁକି କୌଣସି ଯୋଜନାର ଅସଫଳତା କିମ୍ବା ଆଇନର ଦୁରୁପଯୋଗ ପାଇଁ ତା'କୁ ସମ୍ପୂର୍ଣ୍ଣ ଉତ୍ତରଦାୟୀ କରିବା ବୁଦ୍ଧିମତ୍ତାର ପରିଚୟ ନୁହେଁ। କାରଣ ଯୋଜନାର ସଫଳତା କିମ୍ବା ପବିତ୍ରତା ତୃଣମୂଳସ୍ତରରେ ରୂପାୟନର ଦକ୍ଷତା, ଆନ୍ତରିକତା ଓ ସ୍ୱଚ୍ଛତା ଉପରେ ନିର୍ଭର କରେ। କିନ୍ତୁ 'ପିଏମ୍‌କେଭିୱାଇ'ରେ ସିଏଜି ଧରିଥିବା ଅନିୟମିତତା ପାଇଁ କେନ୍ଦ୍ର ସରକାର ଏହାକୁ 'ଏମ୍‌ନରେଗା' ଭଳି ରଦ୍ଦ କରିଦେଇ ପାରିବେ କି? 'ଏମ୍‌ନରେଗା' କେବଳ କଂଗ୍ରେସ ଅମଳରେ ହୋଇଥିବାରୁ ଦୋଷଯୁକ୍ତ, ଅପବିତ୍ର ଓ ଅଛୁଆଁ ଏବଂ 'ପିଏମ୍‌କେଭିୱାଇ' ଏନ୍‌ଡିଏ ସରକାରଙ୍କ ହୋଇଥିବାରୁ ସଦା ପବିତ୍ର? ଏସବୁ ପ୍ରଶ୍ନର ଊର୍ଦ୍ଧ୍ୱରେ ସବୁଠାରୁ ସମ୍ବେଦନଶୀଳ ପ୍ରସଙ୍ଗଟି ହେଉଛି ଆଇନ ଓ ଯୋଜନାର ଏହି ପବିତ୍ରତା ପରୀକ୍ଷାରେ ମହାତ୍ମାମାନେ କଳଙ୍କିତ ଓ ତେଜ୍ୟ ନ ହୁଅନ୍ତୁ।

# ଗାନ୍ଧୀଙ୍କ ପତନ ନିଶ୍ଚିତ ?

**ଡକ୍ଟର ଅବଶ ପରିଡ଼ା**

'ଗାନ୍ଧୀଙ୍କ ପତନ ନିଶ୍ଚିତ?' ପ୍ରଥମ ଦୃଷ୍ଟିରେ ଏହି ବାକ୍ୟାଂଶଟି ଟିକେ ଅଡୁଆ ଲାଗିପାରେ। ଭାରତ ସମେତ ଅନେକ ଦେଶରେ, ଯେଉଁଠାରେ ମହାତ୍ମା ଗାନ୍ଧୀଙ୍କୁ ଅହିଂସା, ସତ୍ୟ, ଶାନ୍ତିର ପୂଜକ ଭାବରେ ସମ୍ମାନିତ କରାଯାଏ, ସେଠାରେ ଅଧିକାଂଶଙ୍କୁ ଅପମାନଜନକ ବି ଲାଗିପାରେ। କିଛିବର୍ଷ ତଳେ 'ଗାନ୍ଧୀଙ୍କ ପତନ ନିଶ୍ଚିତ' ବା #gandhimustfall ସ୍ଲୋଗାନ ଓ ଅଭିଯାନ ଆରମ୍ଭ ହୋଇଥିଲା। କିଛି କୃଷ୍ଣକାୟ ଗୋଷ୍ଠୀ ଦ୍ୱାରା ୟୁକେର ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟ, କାନାଡ଼ା ଓ ଆମେରିକାରେ ଏହି ଅଭିଯାନ ଆରମ୍ଭ ହୋଇ ଅନ୍ତର୍ଜାତୀୟ ସ୍ତରରେ ଲୋକଲୋଚନକୁ ଆସିଥିଲା। ଏହି ଅଭିଯାନଟି ବର୍ତ୍ତମାନ ସମ୍ପୂର୍ଣ୍ଣ ସକ୍ରିୟ ନୁହେଁ କି ସମ୍ପୂର୍ଣ୍ଣ ସୁପ୍ତ ବି ନୁହେଁ। କିନ୍ତୁ ସମାଜବିଜ୍ଞାନୀଙ୍କ ପାଇଁ ଏକ ଆଗ୍ରହର କ୍ଷେତ୍ର ପାଲଟିଛି।

'ଗାନ୍ଧୀଙ୍କ ପତନ ନିଶ୍ଚିତ' ର ଉତ୍ପତ୍ତି ଦକ୍ଷିଣ ଆଫ୍ରିକାରେ 'ରୋଡ୍ସ ପତନ ନିଶ୍ଚିତ' ଏବଂ ୟୁକେ ଓ ଆମେରିକାରେ 'ପ୍ରତିମୂର୍ତ୍ତି ପତନ ନିଶ୍ଚିତ' ଭଳି ଆନ୍ଦୋଳନ ଦ୍ୱାରା ଆକାର ଓ ଗତି ପାଇଥିଲା। ଏହି ଅଭିଯାନଗୁଡ଼ିକ ଉଭା ହୋଇଥିଲେ ଉପନିବେଶବାଦ ପରବର୍ତ୍ତୀ ଏବଂ ଉପନିବେଶବାଦ ବିହୀନ ଚିନ୍ତାଧାରାରୁ। ଯୁକ୍ତି ଥିଲା ଯେ ଆଇକନ ବା ଆଦର୍ଶ ଏବଂ ସେମାନଙ୍କ ପ୍ରତିମୂର୍ତ୍ତି ପ୍ରାୟତଃ ଉପନିବେଶବାଦୀ ଶକ୍ତି, ବର୍ଣ୍ଣଗତ ଅନୁକ୍ରମ ଓ ଐତିହାସିକ ନୀରବତାକୁ ପ୍ରତିନିଧିତ୍ୱ କରନ୍ତି। ଗାନ୍ଧୀ ମଧ୍ୟ ସେହିଭଳି ଏକ ଆଇକନ ବା ଆଦର୍ଶ। ଦକ୍ଷିଣ ଆଫ୍ରିକାରେ ରହିବାର ପ୍ରାରମ୍ଭିକ ବର୍ଷ ସମୟରେ ଗାନ୍ଧୀ ନିଜର କିଛି ଲେଖାରେ ଆଫ୍ରିକୀୟମାନଙ୍କ ପାଇଁ ବର୍ଣ୍ଣଗତ ଭାଷା ବ୍ୟବହାର କରିଥିଲେ ବୋଲି ସମାଲୋଚକମାନେ ଅଭିଯୋଗ କରନ୍ତି। ବିଡ଼ମ୍ବନା ଯେ ଶହେ ତିରିଶ ବର୍ଷ ତଳେ ଦେଇଥିବା ପ୍ରାରମ୍ଭିକ ବର୍ଣ୍ଣନାକୁ ଇଙ୍ଗିତ କରି ଆନ୍ଦୋଳନକାରୀ ଏହାକୁ ଆଜିର ସମସ୍ୟାପୂର୍ଣ୍ଣ ମତାମତ ବୋଲି ବିବେଚନା କରିଥିଲେ।

ଗାନ୍ଧୀ ଆଫ୍ରିକୀୟମାନଙ୍କ ବିଷୟରେ 'ଅଳସୁଆ', 'ଅଶିକ୍ଷିତ' ଓ 'କାଫିର' ଭଳି ଶବ୍ଦ ବ୍ୟବହାର କରିଥିଲେ। ଯେହେତୁ ଏସବୁ ଶବ୍ଦ ସେ ବ୍ୟବହାର କରିଥିଲେ, ତେଣୁ ଆଫ୍ରିକୀୟ କିଛି ଗୋଷ୍ଠୀମାନଙ୍କ ପାଇଁ ଗାନ୍ଧୀ କେବଳ ଉପନିବେଶ ବିରୋଧୀ ପ୍ରତିରୋଧ ନୁହେଁ, ବରଂ ଉପନିବେଶବାଦ ଯୁଗର ସଂସ୍କାରକଙ୍କ ବିରୋଧାଭାସର ମଧ୍ୟ ପ୍ରତୀକ ପାଲଟିଗଲେ। ଏହାର ଉତ୍ତରରେ ଗାନ୍ଧୀଙ୍କ ନାତି ରାଜାମୋହନ ଗାନ୍ଧୀ ନିଜ ପୁସ୍ତକରେ କୁହନ୍ତି ଯେ ନୂଆ ନୂଆ ଯାଇଥିବା ଗାନ୍ଧୀଙ୍କର ଆଫ୍ରିକାରେ ବ୍ୟବହାର କରାଯାଉଥିବା ଭାଷା ଉପରେ କମ୍ ଜ୍ଞାନ ଥିଲା। ତେଣୁ ବ୍ରିଟିଶ ବ୍ୟବହାର କରୁଥିବା ଇଂରାଜୀକୁ ସେ ବ୍ୟବହାର କରିଦେଇଥିଲେ। ଗାନ୍ଧୀ ମଧ୍ୟ ଅନେକଙ୍କ ଭଳି ଜଣେ ଅସମ୍ପୂର୍ଣ୍ଣ ମଣିଷ। କିନ୍ତୁ ଅନ୍ୟ ସାଥୀମାନଙ୍କ ତୁଳନାରେ ତାଙ୍କର ଚିନ୍ତା ଥିଲା ଅତ୍ୟନ୍ତ ପ୍ରଗତିଶୀଳ। ମୁଖ୍ୟ କଥା ହେଉଛି, ଗାନ୍ଧୀ ନୈତିକ ସଂଘର୍ଷ ମାଧ୍ୟମରେ ନିଜକୁ ଅତ୍ୟନ୍ତ ବିକଶିତ କରିଥିଲେ। କ୍ରମାଗତ ଭାବେ ନିଜ ଆଦର୍ଶ ଓ ଚିନ୍ତାଧାରାରେ ବିବର୍ତ୍ତନ ଆଣିଥିଲେ ଗାନ୍ଧୀ। ଜାତିଗତ ଓ ବର୍ଣ୍ଣବୈଷମ୍ୟକୁ ସେ ଦୃଢ଼ ପ୍ରତ୍ୟାଖ୍ୟାନ କରିଥିଲେ। ଗାନ୍ଧୀଙ୍କ ମତ ଥିଲା ଇତିହାସ କିମ୍ବା ଭୁଲକୁ ଅସ୍ୱୀକାର କରିବା ନୁହେଁ, ସତ୍ୟକୁ ପାଥେୟ କରି ନିଜ ତ୍ରୁଟିଗୁଡ଼ିକୁ ସ୍ୱୀକାର କରିବା ହିଁ ପ୍ରକୃତ ପରିବର୍ତ୍ତନ।

ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବିଶିଷ୍ଟ ଗାନ୍ଧୀସାହିତ୍ୟ ଗବେଷକ ଗୌରାଙ୍ଗ ଚରଣ ପରିଡ଼ା କୁହନ୍ତି ଯେ ଗାନ୍ଧୀ ଦକ୍ଷିଣ ଆଫ୍ରିକାରେ କୃଷ୍ଣକାୟ ଆଫ୍ରିକୀୟଙ୍କ ଅଧିକାର ପାଇଁ ଆନ୍ଦୋଳନର ନେତୃତ୍ୱ କିମ୍ବା ସଂଗଠନ କରି ନ ଥିଲେ। ତାଙ୍କର ପ୍ରାଥମିକ ସଂଘର୍ଷ ଆମ ଭାରତୀୟ ନାଗରିକ ଅଧିକାର ପାଇଁ ଥିଲା। ଦକ୍ଷିଣ ଆଫ୍ରିକାରେ ଗାନ୍ଧୀ ଭାରତୀୟମାନଙ୍କ ପାଇଁ ଜଣେ ସଂସ୍କାରକ, ଆଫ୍ରିକୀୟ ଦୁଃଖର ଜଣେ ଦର୍ଶୀ ଏବଂ ଜଣେ ଚିନ୍ତାନାୟକ ଥିଲେ, ଯାହାଙ୍କ ଚିନ୍ତାଧାରା ପରବର୍ତ୍ତୀ ସମୟରେ ଆଫ୍ରିକୀୟ ସ୍ୱାଧୀନତା ସଂଗ୍ରାମକୁ ଶକ୍ତିଶାଳୀ କରିଥିଲା। ନେଲସନ ମାଣ୍ଡେଲା, ଆଲବର୍ଟ ଲୁଥୁଲି, ଡେସମଣ୍ଡ ଟୁଟୁ ଓ କେନେଥ କାଉଣ୍ଡା ଭଳି ଆଫ୍ରିକୀୟ ବିଶ୍ୱସ୍ତରୀୟ ରାଜନେତା ଆଫ୍ରିକୀୟ ଜାତୀୟତାବାଦରେ ଗାନ୍ଧୀବାଦୀ ଅହିଂସାକୁ ସ୍ପଷ୍ଟ ଭାବରେ ସ୍ୱୀକାର କରିଥିଲେ। ଶ୍ରୀପରିଡ଼ା ଆହୁରି ମତ ରଖନ୍ତି 'ଗାନ୍ଧୀଙ୍କ ପତନ ନିଶ୍ଚିତ' ଭଳି ଅଭିଯାନଗୁଡ଼ିକ କ୍ଷଣସ୍ଥାୟୀ। ଏହାର କାରଣ ହେଉଛି ଏହିଭଳି ଅଭିଯାନଗୁଡ଼ିକ ଘଟଣା-ଚାଳିତ, ପ୍ରତୀକାତ୍ମକ, ପ୍ରତିମୂର୍ତ୍ତି, ହ୍ୟାସଟ୍ୟାଗ୍ କିମ୍ବା କ୍ରୋଧ ଉପରେ କେନ୍ଦ୍ରିତ। ଏସବୁ କିଛି ଗୋଷ୍ଠୀର କ୍ରୋଧକୁ ସଂଗଠିତ କରନ୍ତି। କିନ୍ତୁ ଏମାନଙ୍କ ପାଖରେ ଗଠନମୂଳକ ବିକଳ୍ପ ନୈତିକ ଢାଞ୍ଚାର ଘୋର ଅଭାବ। ନୈତିକ ଦୃଷ୍ଟିକୋଣ ବିନା ପ୍ରସଙ୍ଗ ଆଧାରିତ ତଥ୍ୟଗତ ପ୍ରମାଣ ଏବଂ ନକାରାତ୍ମକ ପାଠ ଯୋଗୁଁ ଏଗୁଡ଼ିକ ଧୀରେ ଧୀରେ ଫିକା ପଡ଼ିଯାଏ। ବିପରୀତରେ, ଗାନ୍ଧୀ ଏକ ଦୀର୍ଘକାଳୀନ ନୈତିକ ଶବ୍ଦକୋଷ। ସେ କୌଣସି ଏକ କ୍ଷଣିକ ପ୍ରତିବାଦ ନୁହେଁ। ଗାନ୍ଧୀଙ୍କଠାରୁ ସମ୍ପୂର୍ଣ୍ଣତାର ଆଶା ଯୋଗୁଁ ସେ ନିନ୍ଦିତ।

ସମାଜଶାସ୍ତ୍ରୀୟ ଦୃଷ୍ଟିକୋଣରୁ କହିବାକୁ ଗଲେ 'ଗାନ୍ଧୀଙ୍କ ପତନ ନିଶ୍ଚିତ' ଅଭିଯାନଟି ଗାନ୍ଧୀଙ୍କୁ ନୈତିକ ଭାବରେ ଅପସାରଣ କରିବା ପାଇଁ ଉଦ୍ଦିଷ୍ଟ ନଥିଲା, ବରଂ ଏହାର ଦୁଇଟି ଲୁକ୍କାୟିତ ମୁଖ୍ୟ ଲକ୍ଷ୍ୟ ଥିଲା। ପ୍ରଥମଟି ହେଉଛି ପରିବର୍ତ୍ତିତ ନୈତିକ ଏବଂ ରାଜନୈତିକ ଦୃଶ୍ୟପଟରେ ଉପୁଜୁଥିବା ପ୍ରଶ୍ନ ଏବଂ ଦ୍ୱିତୀୟତଃ, ସମାଜର ପ୍ରେରଣାସ୍ରୋତ ବା ଆଇକନ୍‌ଙ୍କଠାରୁ ଏହାର ଉତ୍ତର। ସେହିପରି ଅନେକ ଗାନ୍ଧୀ ବିଶାରଦ କୁହନ୍ତି ଯେ ଗାନ୍ଧୀଙ୍କ ଚିନ୍ତାଧାରାକୁ ଜୀବିତ ରଖିବା ପାଇଁ ତାଙ୍କୁ ବିରୋଧ କରିବା ଜରୁରୀ। ସମାଲୋଚନାହୀନ ପୂଜା ଓ ପ୍ରଶଂସା ଆଦର୍ଶଙ୍କୁ ଦୁର୍ବଳ କରିଥାଏ। ବିରୋଧ ହିଁ ବ୍ୟକ୍ତିକୁ ପଦ୍ଧତିଠାରୁ ପୃଥକ କରିଥାଏ। ଉଦାହରଣ ସ୍ୱରୂପ, ଅହିଂସା ନୈତିକ ଭାବରେ ଶକ୍ତିଶାଳୀ ହେବା ପାଇଁ ଗାନ୍ଧୀ ନୈତିକ ଭାବରେ ସିଦ୍ଧ ହେବା ଆବଶ୍ୟକ ନାହିଁ। ଯଦି ଗାନ୍ଧୀ ଆଦର୍ଶର ସମାଲୋଚନା ହେବ ନାହିଁ ତେବେ ତାହା ପ୍ରୟୋଗ ମଧ୍ୟ ହେବ ନାହିଁ। ଅହିଂସାର ଆଲୋଚନା ନହେଲେ ତାହା ଅନୁଶାସନ ହେବ ନାହିଁ, ବରଂ ଏକ ଶବ୍ଦ ଅଳଙ୍କାରରେ ସୀମିତ ହୋଇଯିବ। ସେହିପରି ସତ୍ୟର ବିରୋଧ ନହେଲେ ତାହା କଦାପି ଦାୟିତ୍ୱ ହେବ ନାହିଁ। ତେଣୁ ତୀକ୍ଷ୍ଣ ସମାଲୋଚନା ସମେତ ସାର୍ବଜନୀନ ବିତର୍କ, ଗାନ୍ଧୀଙ୍କୁ ବୌଦ୍ଧିକ ଭାବରେ ଜୀବିତ ରଖିଛି ବୋଲି ଏକ ମହଲ ଯୁକ୍ତି ବାଢ଼ନ୍ତି।

'ଗାନ୍ଧୀଙ୍କ ପତନ ନିଶ୍ଚିତ' ହେଉଛି ଏକ ପ୍ରତିମୂର୍ତ୍ତିକୁ ଭାଙ୍ଗିବା ଏବଂ ସମାଲୋଚନା କରିବା ମଧ୍ୟରେ ହୋଇଥିବା ଏକ ଦ୍ୱନ୍ଦ୍ୱ। ପ୍ରତିମୂର୍ତ୍ତିଗୁଡ଼ିକୁ ବଦଳାଇବା କିମ୍ବା ଭାଙ୍ଗିବା ଦ୍ୱାରା ସ୍ୱୟଂଚାଳିତ ଭାବରେ ନ୍ୟାୟ ସୃଷ୍ଟି ହୁଏ ନାହିଁ। ଏହା ସାଂରଚନିକ ଅସମାନତାକୁ ସମାଧାନ ନକରି କେବଳ କ୍ରୋଧକୁ ଇନ୍ଧନ ଯୋଗାଏ। ଗାନ୍ଧୀ ସର୍ବଦା ଅନ୍ଧ ଭାବେ ନାୟକ-ପୂଜା ବିରୁଦ୍ଧରେ ବାରମ୍ବାର ଚେତାବନୀ ଦେଇଥିଲେ। ଏହାକୁ ବୌଦ୍ଧିକ ଦାସତ୍ୱର ଏକ ରୂପ ବୋଲି କହିଥିଲେ, ଯାହା ଏବେ ବିଶ୍ୱର ସମସ୍ତ ଦେଶରେ ଘଟୁଛି।

ପରିଶେଷରେ ଏକ ମୌଳିକ ପ୍ରଶ୍ନର ଉତ୍ତର ଖୋଜିବା। ଗାନ୍ଧୀଙ୍କୁ କ'ଣ ସମସାମୟିକ ନୈତିକ ମାନଦଣ୍ଡ ଦ୍ୱାରା ବିଚାର କରାଯାଇପାରିବ? ପ୍ରଶ୍ନର ଉତ୍ତର ହେଉଛି 'ହଁ'। କିନ୍ତୁ ଏସବୁ ପ୍ରସ୍ତୁତ ବା ରେଡିମେଡ୍ ସମାଧାନ ଭାବରେ ନୁହେଁ, ବରଂ ଗାନ୍ଧୀଙ୍କ ଦର୍ଶନ ଆମକୁ ଏକ ନୈତିକ ପଦ୍ଧତି ପ୍ରଦାନ କରିପାରିବ। ବିଶ୍ୱ ସାକ୍ଷୀ ଅଛି ଯେ ଗାନ୍ଧୀଙ୍କ ଅହିଂସା, ସର୍ବୋଦୟ ଓ ସତ୍ୟ ହେଉଛି ପରିବର୍ତ୍ତନ ଓ ସମାଧାନର ସର୍ବୋତ୍କୃଷ୍ଟ ନୈତିକ ଉପକରଣ। ଗାନ୍ଧୀଙ୍କ ମୃତ୍ୟୁର ଆଠ ଦଶନ୍ଧି ପରେ ମଧ୍ୟ ତାଙ୍କ ବିଷୟରେ ବିତର୍କ ହେବା ତାଙ୍କର ଅପ୍ରାସଙ୍ଗିକତା ନୁହେଁ, ବରଂ ତାଙ୍କର ନିରନ୍ତର ପ୍ରାସଙ୍ଗିକତାକୁ ଦର୍ଶାଉଛି। ସମାଲୋଚନା ବା ପ୍ରତ୍ୟାଖ୍ୟାନ ଦ୍ୱାରା ଗାନ୍ଧୀଙ୍କ ପତନ ହେଉନାହିଁ। ଆମର ବ୍ୟବହାର, ସାର୍ବଜନୀନ ଏବଂ ରାଜନୈତିକ ନୀତି ଦ୍ୱାରା ନୈତିକ ଆଦର୍ଶର 'ପତନ' ହେଉଛି। ଶ୍ରୀପରିଡ଼ା ନିଜ ଆଲେଖ୍ୟରେ ଲେଖିଛନ୍ତି ଯେ ଗାନ୍ଧୀ ଚିନ୍ତକ ନୁହେଁ, ବରଂ ଗାନ୍ଧୀଙ୍କ ସମାଲୋଚନାହୀନ, ପ୍ରସଙ୍ଗହୀନ ଓ ଚୟନମୂଳକ ପାଠର ପତନ ହେବା ଜରୁରୀ। ଏହା ବଦଳରେ ସମାଜକୁ ଏକ ସମାଲୋଚନାମୂଳକ ଓ ବିତର୍କିତ ଗାନ୍ଧୀଙ୍କ ଆବଶ୍ୟକତା ଅଛି। ତେଣୁ ଗାନ୍ଧୀଙ୍କୁ କେବଳ ଆଇକନ୍ ବା ପ୍ରତିମୂର୍ତ୍ତିରେ ସୀମିତ କରିଦେଲେ କିଛି ଲାଭ ହେବନାହିଁ, ବରଂ ସେ ଆମ ପାଇଁ ଅଭ୍ୟାସ କରାଯାଇପାରୁଥିବା ଆଦର୍ଶ ହେବା ଉଚିତ। ଗାନ୍ଧୀଙ୍କ ମନ୍ତବ୍ୟ ଥିଲା 'ଯଦି ମୋର ଚିନ୍ତାଧାରା ସତ୍ୟର ପରୀକ୍ଷାରେ ଉତ୍ତୀର୍ଣ୍ଣ ନହୁଏ, ତେବେ ସେଗୁଡ଼ିକୁ ପତନ ହେବାକୁ ଦିଅନ୍ତୁ - କିନ୍ତୁ ସତ୍ୟକୁ ଶକ୍ତି ଦିଅନ୍ତୁ, ତା'କୁ ଉଠିବାକୁ ଦିଅନ୍ତୁ।' ସତ୍ୟର ଜୟ ହେଉ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ନ୍ୟାୟପାଳିକା: ଭାରତୀୟ ଗଣତନ୍ତ୍ରର ପ୍ରହରୀ

**ଜୟଦେବ ମାଝୀ**



ଏକ ସୁସ୍ଥ ଗଣତନ୍ତ୍ରରେ ନ୍ୟାୟପାଳିକା ସାମ୍ବିଧାନିକ ବ୍ୟବସ୍ଥାର ରକ୍ଷକ ଭାବରେ କାର୍ଯ୍ୟ କରେ। ଭାରତରେ ବର୍ତ୍ତମାନ ସାମାଜିକ-ରାଜନୈତିକ ପରିସ୍ଥିତିର ଦ୍ରୁତ ପରିବର୍ତ୍ତନଶୀଳ। ଜନବିତର୍କ ବୃଦ୍ଧି ଏବଂ ସାଂଗଠନିକ ଚାପ ଦ୍ୱାରା ଅନେକ ଆହ୍ୱାନର ସମ୍ମୁଖୀନ। ଏହି ପୃଷ୍ଠଭୂମିରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷା ଦେବାରେ ନ୍ୟାୟପାଳିକାର ଭୂମିକା ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଛି।

ଭାରତୀୟ ଗଣତନ୍ତ୍ରର ମୂଳରେ ସମ୍ବିଧାନ ରହିଛି ଏବଂ ନ୍ୟାୟପାଳିକା ଏହାର ସର୍ବୋତ୍ତମ ରକ୍ଷକ। ନ୍ୟାୟପାଳିକାର ସମୀକ୍ଷା ମାଧ୍ୟମରେ ଆଇନ ଓ କାର୍ଯ୍ୟନିର୍ବାହୀ ଅନୁଷ୍ଠାନଗୁଡ଼ିକ ସାମ୍ବିଧାନିକ ସୀମା ମଧ୍ୟରେ ରହିବେ। ଭାରତ ଭଳି ଏକ ବିବିଧ ଓ ଜଟିଳ ସମାଜରେ ଏହି କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯେଉଁଠାରେ ସାମ୍ବିଧାନିକ ନୈତିକତାର ସୁରକ୍ଷା ପ୍ରାୟତଃ ଗଣତାନ୍ତ୍ରିକ ଶାସନର ଗୁଣବତ୍ତା ନିର୍ଣ୍ଣୟ କରେ। ସ୍ୱେଚ୍ଛାଚାରୀ କିମ୍ବା ଅସାମ୍ବିଧାନିକ କାର୍ଯ୍ୟଗୁଡ଼ିକୁ ପ୍ରତିହତ କରି ନ୍ୟାୟପାଳିକା ଏହି ନୀତିକୁ ସୁଦୃଢ଼ କରେ ଯେ, କୌଣସି କର୍ତ୍ତୃପକ୍ଷ ସମ୍ବିଧାନର ଊର୍ଦ୍ଧ୍ୱରେ ନୁହନ୍ତି। ମୌଳିକ ଅଧିକାରକୁ ସୁରକ୍ଷା ଦେବାରେ ନ୍ୟାୟପାଳିକାର ଭୂମିକା ସମାନ ଗୁରୁତ୍ୱପୂର୍ଣ୍ଣ। ଦଶନ୍ଧି ଧରି ଭାରତୀୟ ଅଦାଲତଗୁଡ଼ିକ ପରିବର୍ତ୍ତନଶୀଳ ସମୟର ପ୍ରତିକ୍ରିୟା ପାଇଁ ଅଧିକାରର ପରିସରକୁ ବିସ୍ତାର କରିଛନ୍ତି। ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ବ୍ୟାଖ୍ୟାକରଣ ମର୍ଯ୍ୟାଦା, ଗୋପନୀୟତା, ପରିବେଶ ସୁରକ୍ଷା ଓ ନ୍ୟାୟ ବ୍ୟବସ୍ଥାକୁ ବିକଶିତ କରିଛନ୍ତି। ଏହି ପ୍ରଗତିଶୀଳ ନ୍ୟାୟଶାସ୍ତ୍ର ବ୍ୟକ୍ତିଗତ ନାଗରିକଙ୍କୁ କେନ୍ଦ୍ରରେ ରଖି ଗଣତନ୍ତ୍ରକୁ ମଜବୁତ କରିଛି।

ଗଣତାନ୍ତ୍ରିକ ଜୀବନରେ ଭାରତୀୟ ନ୍ୟାୟପାଳିକାର ସବୁଠାରୁ ସ୍ୱତନ୍ତ୍ର ଅବଦାନ ମଧ୍ୟରୁ ଗୋଟିଏ ହେଉଛି ଜନସ୍ୱାର୍ଥ ମାମଲାର ବିକାଶ। କୋର୍ଟଗୁଡ଼ିକ ପ୍ରକ୍ରିୟାଗତ ନିୟମକୁ ଶିଥିଳ କରି ଗରିବ, ଅବହେଳିତ ଓ ଦୁର୍ବଳ ବର୍ଗଙ୍କ ପାଇଁ ସେମାନଙ୍କର ଦ୍ୱାର ଖୋଲି ଦେଇଛନ୍ତି। ଜନସ୍ୱାର୍ଥ ମାମଲା ମାଧ୍ୟମରେ ପରିବେଶଗତ ଅବନତି, ଦୁର୍ନୀତିଠାରୁ ଆରମ୍ଭ କରି ଜେଲ ସଂସ୍କାର ଓ ସାମାଜିକ କଲ୍ୟାଣ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗକୁ ସମାଧାନ କରାଯାଏ। ନ୍ୟାୟପାଳିକା ବ୍ୟବସ୍ଥାର ଅପବ୍ୟବହାର ବିଷୟରେ ବିତର୍କ ଜାରି ରହିଥିବା ବେଳେ ଜନସ୍ୱାର୍ଥ ମାମଲା ଗଣତାନ୍ତ୍ରିକ ଦାୟିତ୍ୱକୁ ଗଭୀର ଏବଂ ନାଗରିକ ଅଂଶଗ୍ରହଣକୁ ବିସ୍ତାର କରିଛି ବୋଲି ତିଳେମାତ୍ର ଅସ୍ୱୀକାର କରାଯାଇ ପାରିବ ନାହିଁ।

ବର୍ତ୍ତମାନ ପରିସ୍ଥିତିରେ ନ୍ୟାୟପାଳିକା ମଧ୍ୟ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନିଜ ମଧ୍ୟରେ କ୍ଷମତାର ସନ୍ତୁଳନ ବଜାୟ ରଖିବାରେ ଏକ ବିଶେଷ ଭୂମିକା ଗ୍ରହଣ କରେ। ଏକ ସୁସ୍ଥ ଗଣତନ୍ତ୍ର ପ୍ରଭାବଶାଳୀ ନିୟନ୍ତ୍ରଣ ଓ ସନ୍ତୁଳନ ଉପରେ ନିର୍ଭର କରିଥାଏ। ନ୍ୟାୟିକ ବ୍ୟବସ୍ଥା ନିଶ୍ଚିତ କରେ ଯେ କାର୍ଯ୍ୟପାଳିକା କ୍ଷମତାର ଅପବ୍ୟବହାର ଏବଂ ବିଧାନପାଳିକାର ସଂଖ୍ୟାଗରିଷ୍ଠତା ସାମ୍ବିଧାନିକ ମୂଲ୍ୟବୋଧକୁ ଦୁର୍ବଳ କରିପାରିବ ନାହିଁ। ରାଜନୈତିକ ଧ୍ରୁବୀକରଣ ସମୟରେ ମଧ୍ୟ ସ୍ୱାଧୀନ ନ୍ୟାୟ ପଦ୍ଧତି ଏକ ସ୍ଥିର ଶକ୍ତି ଭାବରେ କାର୍ଯ୍ୟ କରେ ଏବଂ ସାଂଗଠନିକ ସନ୍ତୁଳନ ରକ୍ଷା କରିଥାଏ। ନ୍ୟାୟପାଳିକା ମଧ୍ୟ ଆଇନର ଶାସନକୁ ବଜାୟ ରଖିବା ପାଇଁ କେନ୍ଦ୍ରବିନ୍ଦୁ। କେବଳ ଲୋକପ୍ରିୟ ଇଚ୍ଛା ଉପରେ ଗଣତନ୍ତ୍ର ବଞ୍ଚିପାରିବ ନାହିଁ। ତେଣୁ ସମସ୍ତଙ୍କ ପାଇଁ ସମାନ ଭାବରେ ପ୍ରୟୋଗ ହୋଇଥିବା ଏକ ଆଇନଗତ ଢାଞ୍ଚା ଆବଶ୍ୟକ। ନିରପେକ୍ଷତା ସୁନିଶ୍ଚିତ କରି ଅଦାଲତ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ବୃଦ୍ଧି କରିବାରେ ବେଶ ସହାୟକ ହୋଇଛି। ଯେତେବେଳେ ନାଗରିକମାନେ ବିଶ୍ୱାସ କରିବେ ଯେ ନ୍ୟାୟ ସୁଗମ ଓ ନିରପେକ୍ଷ ତେବେ ଗଣତାନ୍ତ୍ରିକ ବୈଧତା ଆହୁରି ସୁସ୍ଥ ଓ ସୁଦୃଢ଼ ରୂପେ ପରିଣତ ହେବ।

ବର୍ତ୍ତମାନ ଭାରତୀୟ ନ୍ୟାୟପାଳିକା ଆଗରେ ଏକ ବଡ଼ ଆହ୍ୱାନ ହେଉଛି ମାମଲାଗୁଡ଼ିକର ବହୁଳ ବିଚାର, ନ୍ୟାୟ ପ୍ରଦାନରେ ବିଳମ୍ବ, ସ୍ୱଚ୍ଛତା ଉପରେ ଚିନ୍ତା ଏବଂ ଉତ୍ତରଦାୟିତ୍ୱ। ଏକ ଗଣତନ୍ତ୍ରରେ 'ନ୍ୟାୟ ବିଳମ୍ବ' ର ଅର୍ଥ ପ୍ରାୟତଃ 'ନ୍ୟାୟ ପ୍ରତ୍ୟାଖ୍ୟାନ' ହୋଇପାରେ। ଜନସାଧାରଣଙ୍କ ବିଶ୍ୱାସକୁ ବଜାୟ ରଖିବା ପାଇଁ ନ୍ୟାୟିକ ସଂସ୍କାର, ପ୍ରଯୁକ୍ତିବିଦ୍ୟା ସମନ୍ୱୟ ଓ ସାଂଗଠନିକ ସହଯୋଗ ମାଧ୍ୟମରେ ଏହି ସମସ୍ୟାଗୁଡ଼ିକର ସମାଧାନ କରିବା ଅତ୍ୟାବଶ୍ୟକ। ବର୍ତ୍ତମାନ ପରିପ୍ରେକ୍ଷୀରେ ସାମ୍ବିଧାନିକ ମୂଲ୍ୟବୋଧ, ମୌଳିକ ଅଧିକାର ଓ ଆଇନର ଶାସନର ରକ୍ଷକ ଭାବରେ ଏହାର ଭୂମିକା ଅପରିହାର୍ଯ୍ୟ। ଗଠନମୂଳକ ସମାଲୋଚନା ଓ ସଂସ୍କାର ଆବଶ୍ୟକ ହେଲେ ମଧ୍ୟ ନ୍ୟାୟିକ ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରିବା ଦ୍ୱାରା ଗଣତନ୍ତ୍ର ଦୁର୍ବଳ ହେବ। ଏକ ଦୃଢ଼, ନିରପେକ୍ଷ ଓ ପ୍ରତିକ୍ରିୟାଶୀଳ ନ୍ୟାୟପାଳିକା ଗଣତନ୍ତ୍ର ପାଇଁ ସବୁଠାରୁ ବଡ଼ ଶକ୍ତି ମଧ୍ୟରୁ ଗୋଟିଏ।

(ଆଇନଜୀବୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ)
କଟକ, ମୋ: ୮୧୧୪୩୧୭୬୬୪

# ଆମ ବୃକ୍ଷଲତା ଆମ ଜୀବନ

## ଦୁଦୁରା
(Indian Thornapple- Datura metel)

**ସୌଭାଗ୍ୟସୁନ୍ଦର**

**ପ୍ରକୃତି-ପରିବେଶ**

'ଦୁଦୁରା' ସମଗ୍ର ଭାରତରେ ପ୍ରାୟତଃ ଅନାବନା ଯାଗାରେ, ବିଶେଷତଃ ଉଷ୍ଣମଣ୍ଡଳୀୟ ଜଳବାୟୁରେ ଦେଖାଯାଏ। ପ୍ରାଚୀନ ସଂସ୍କୃତ ଶବ୍ଦ 'ଧାତୁରା'ରୁ ଏହି ଉଦ୍ଭିଦର ଇଂରାଜୀ ନାମ 'ଦାତୁରା' ଆସିଛି। ଏହା ବର୍ତ୍ତମାନ ବିଶ୍ୱର ସମସ୍ତ ଉଷ୍ଣ ମଣ୍ଡଳୀୟ ଦେଶରେ ପ୍ରାକୃତିକୀକରଣ ହୋଇସାରିଛି। ଏହି ଉଦ୍ଭିଦଟି ଏହାର ସୌନ୍ଦର୍ଯ୍ୟ ଓ ଔଷଧୀୟ ଗୁଣ ପାଇଁ ବିଶ୍ୱବ୍ୟାପୀ ଚାଷ କରାଯାଏ। ଏହା ଶିବ ଓ ଗଣେଶଙ୍କ ପୂଜାର୍ଚ୍ଚନାରେ ଅର୍ପଣ କରାଯାଏ। ଏହା ମଧ୍ୟ ଶିବ-ଶେଖର(ଶିବଙ୍କ ମୁକୁଟ) ଭାବେ ବିଦିତ। ସମୁଦ୍ର ମନ୍ଥନ ସମୟରେ ଉତ୍ପନ୍ନ ହଳାହଳ ପିଇବା ପରେ ଏହି ଉଦ୍ଭିଦ ଶିବଙ୍କ ଛାତିରୁ ବାହାରିଥିବା ବିଶ୍ୱାସ କରାଯାଏ।

'ଦୁଦୁରା' ହେଉଛି ଏକ-ବାର୍ଷିକ କିମ୍ବା ବହୁ-ବର୍ଷୀୟ ଔଷଧି କ୍ଷୁପ ବା କ୍ଷୁଦ୍ର ଉଦ୍ଭିଦ, ଯାହା ପ୍ରାୟ ୦.୫ ରୁ ୧.୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର କାଣ୍ଡ ଓ ଡାଳଗୁଡ଼ିକ କିଛିଟା କାଠିଆ, ଫମ୍ପା, ସବୁଜ କିମ୍ବା ବାଇଗଣୀ-କଳା ବର୍ଣ୍ଣର, ତୀବ୍ର ସୁଗନ୍ଧଯୁକ୍ତ। ପତ୍ରଗୁଡ଼ିକ ସରଳ, ବିକଳ୍ପ, ଡେମ୍ଫଯୁକ୍ତ, ସମ୍ପୂର୍ଣ୍ଣ କିମ୍ବା ଗଭୀର ଭାବରେ ଲୋବ ବା ପାଳି ପ୍ରଦର୍ଶନ କରେ। ଫୁଲଗୁଡ଼ିକ ସିଧା, କାହାଳି ଆକୃତିର, ୫-୨୦ ସେମି ଲମ୍ବା, ମୁଖ ଭାଗରେ ୪- ୧୨ ସେମି ଚଉଡ଼ା; ରଙ୍ଗ ଧଳାରୁ ହଳଦିଆ, ଫିକା ବାଇଗଣୀ ଓ ସୁଗନ୍ଧଯୁକ୍ତ। ୫ଟି ଯୁଗ୍ମ ବୃତି ସହିତ ବୃତିମଣ୍ଡଳ ୫-୮ ମିମି ଲମ୍ବା, ନଳୀକାର, କୋରୋଲା ବା ଦଳମଣ୍ଡଳର ଅଧା କିମ୍ବା ତା'ଠାରୁ କମ୍ ଲମ୍ବା; ଦଳମଣ୍ଡଳ ୫ ଟି ଯୁଗ୍ମ ପାଖୁଡ଼ା ସହିତ ୧୧-୧୭ ସେମି ଲମ୍ବା, ତୂରୀ ଆକୃତିର, ରଙ୍ଗ ଧଳାରୁ କ୍ରିମ୍, ହଳଦିଆ, ଲାଲ, ବାଇଗଣୀ କିମ୍ବା ହଳଦିଆ ହୋଇପାରେ। ବେଳେ ବେଳେ ଦୁଇରୁ ତିନି ପରସ୍ତ ଦଳ ମଣ୍ଡଳ ଥାଏ, ଯେଉଁଥିରେ ପ୍ରତି ପରସ୍ତ ପାଞ୍ଚଟି ଯୁଗ୍ମ ପାଖୁଡ଼ାକୁ ନେଇ ଗଠିତ। ପରାଗପେଟି ୧୨-୧୫ ମିମି ଲମ୍ବା; କ୍ୟାପସୁଲ୍ ବା ଡିମ୍ବାଶୟ ୩୫-୪୦ ମିମି ଚଉଡ଼ା, ଗୋଲାକାର। ବିହନ ୪-୫.୫ ମିମି, ସଙ୍କୁଚିତ, ମାଟିଆ ବର୍ଣ୍ଣର। ଫଳ ଏକ କଣ୍ଟାଯୁକ୍ତ କ୍ୟାପସୁଲ୍, ୪-୧୦ ସେମି ଲମ୍ବା, ୨-୬ ସେମି ଚଉଡ଼ା। ପାଚି ଶୁଖିବା ପରେ ଖୋଲିଯାଇ ଭିତରେ ବହନ କରିଥିବା ଅନେକ ବିହନ ମୁକ୍ତ କରେ। ଏହି ବିହନଗୁଡ଼ିକ ମୁକ୍ତ ଭାବରେ ବିସ୍ତାରିତ ହୁଏ। ଜୁନ୍‌ରୁ ନଭେମ୍ବର ମାସରେ ଫୁଲ ଫୁଟେ ଏବଂ ସେପ୍ଟେମ୍ବରରୁ ମାର୍ଚ୍ଚ ମାସରେ ଫଳ ଦିଏ। ଏହାର ଅନ୍ୟ ଏକ ପ୍ରକାର ଉଦ୍ଭିଦ ଅଛି ଯାହା ଚକଚକିଆ, ବାଇଗଣୀ-କଳା ବା କୃଷ୍ଣକାଣ୍ଡ ବିଶିଷ୍ଟ, ଫୁଲର ପାଖୁଡ଼ାଗୁଡ଼ିକ ସାଧାରଣତଃ ଦୁଇ କିମ୍ବା ତ୍ରିସ୍ତରୀୟ ଥାଏ, ପ୍ରତ୍ୟେକ ପାଖୁଡ଼ା ସମୂହର ବାହ୍ୟ ଅଂଶ ଗଭୀର ବାଇଗଣୀ ଏବଂ ଭିତର ଅଂଶ ଧଳା।

ଭାରତରେ ପାରମ୍ପରିକ ଭାବରେ ଦୁଦୁରା ଏକ ଔଷଧୀୟ ଉଦ୍ଭିଦ ଭାବରେ ବ୍ୟବହୃତ ହୁଏ। ତମାଖୁ ସହିତ ମିଶ୍ରିତ ପତ୍ର ଓ ଫୁଲଗୁଡ଼ିକୁ ଶ୍ୱାସ ବା ଆସ୍ଥମାରୁ ମୁକ୍ତି ପାଇଁ ସିଗାର ଭାବରେ ଧୂମପାନ କରାଯାଏ। ପତ୍ରଗୁଡ଼ିକ ମଧ୍ୟ ଆନୋଡାଇନ୍, ଆଣ୍ଟିସେପ୍ଟିକ୍, ନିଶାକାରକ ଏବଂ ଫୁଲା, ଘା' ଉପଶମ ପାଇଁ ପ୍ରୟୋଗ କରାଯାଏ। ଫୁଲଗୁଡ଼ିକ କାନ ଯନ୍ତ୍ରଣା ନିବାରଣ କରେ। ଫଳଟି ଅଧିକ ମାତ୍ରାରେ ନିଶାକାରକ। ରୁପି, କେଶ ହ୍ରାସ ଚିକିତ୍ସା ପାଇଁ ଏହାର ରସକୁ ମୁଣ୍ଡରେ ଲଗାଯାଏ। ବିହନଗୁଡ଼ିକ ପ୍ରଦାହ-ବିରୋଧୀ, ବେଦନା ନାଶକ, କୃମି ଆକ୍ରମଣରୁ ପେଟଓ ଅନ୍ତନଳୀ ଯନ୍ତ୍ରଣା, ପ୍ରଦାହରୁ ଜ୍ୱରର ଉପଶମ ପାଇଁ ବ୍ୟବହୃତ ହୁଏ। ଦୁଦୁରା ଟୀନ୍‌ର ପାରମ୍ପରିକ ଔଷଧରେ ବ୍ୟବହୃତ ୫୦ ଟି ମୌଳିକ ଔଷଧ ମଧ୍ୟରୁ ଗୋଟିଏ।

ଦୁଦୁରା ଶାସ୍ତ୍ରୀୟ 'ଡାଇନି' ଘାସ' ମଧ୍ୟରୁ ଏକ। ଗଛର ସମସ୍ତ ଅଂଶ ବିଷାକ୍ତ। ଭାରତରେ ଏହାକୁ ବହୁବର୍ଷ ଧରି ବିଷ, ହତ୍ୟା, ଆତ୍ମହତ୍ୟା ଓ କାମୋଦ୍ଦୀପକ ଭାବରେ ବିବେଚନା କରାଯାଇ ଆସୁଛି। ଦୁଦୁରା ଗଛରେ, ମୁଖ୍ୟତଃ ବିହନ, ଫୁଲ ଓ ମୂଳରେ ସ୍କୋପୋଲାମାଇନ୍, ଆଟ୍ରୋପିନ୍ ଭଳି ଅନେକ ଟ୍ରୋପେନ୍ ଆଲକାଲଏଡ୍ ଥାଏ। ତେଣୁ ମଣିଷ କିମ୍ବା ପଶୁ ଏହାକୁ ଖାଇଲେ ଘାତକ ହୋଇପାରେ। ଔଷଧ ଓ ପ୍ରସାଧନ ଆଇନ ୧୯୪୦ ଏବଂ ନିୟମ ୧୯୯୫ ଅନୁସାରେ ଔଷଧରେ ବ୍ୟବହାର ବ୍ୟତୀତ ଭାରତରେ ଦୁଦୁରାକୁ ନିଷିଦ୍ଧ କରାଯାଇଛି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ରାଇରଙ୍ଗପୁର ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର**

# ଆଣ୍ଠୁରୁ ବାହାରିଲା ବ୍ରେକ୍ ଖଣ୍ଡ

ରାଇରଙ୍ଗପୁର, ୨୧।୧୨(ସମିସ): ରାଇରଙ୍ଗପୁର ଉପଖଣ୍ଡ ହସପିଟାଲର ଡାକ୍ତରୀ ଟିମ୍ ଆଜି ଜଣେ ନାବାଳକକୁ ନୂଆ ଜୀବନ ଦେଇଛନ୍ତି। ଜଟିଳ ଅସ୍ତ୍ରୋପଚାର କରି ନାବାଳକାର ଆଣ୍ଠୁରୁ ସାଇକଲ ବ୍ରେକ୍ ଖଣ୍ଡ ବାହାର କରିଛନ୍ତି।

**ତୁରନ୍ତ ଅସ୍ତ୍ରୋପଚାର ଯୋଗୁଁ ବଞ୍ଚିଗଲା ନାବାଳକର ଜୀବନ**



ଉପରବେଡ଼ା ଅଞ୍ଚଳର ଦୁବଲାବେଡ଼ା ଗ୍ରାମର ରତିରଞ୍ଜନ ମହାନ୍ତଙ୍କ ୧୩ବର୍ଷର ପୁଅ ସୌମ୍ୟ ଶିବଜିତ ମହାନ୍ତ ରବିବାର ଅପରାହ୍ଣରେ ସାଇକଲ ଚଳାଉଥିବା ବେଳେ କୌଣସି କାରଣରୁ ସାଇକଲ ବ୍ରେକ୍ ଖଣ୍ଡ ତା' ଡାହାଣ ଗୋଡ଼ ଆଣ୍ଠୁ ଭିତରେ ପଶିଯାଇଥିଲା। ମାଂସପେଶୀକୁ ଭେଦ କରି ତାହା ଆଣ୍ଠୁଚକି ଭିତରେ ପଶି ରହିଥିଲା। ଏହାସହ ୨/୩ଟି ରକ୍ତପ୍ରଶିରା କଟିଯାଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ପରିବାରଲୋକେ ତାକୁ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ରବୀନ୍ଦ୍ର କୁମାର ମାର୍ଣ୍ଡିଙ୍କ ନିର୍ଦ୍ଦେଶକ୍ରମେ ସୌମ୍ୟର ଅସ୍ତ୍ରୋପଚାର କରାଯାଇଥିଲା। ଡା. ଅଂଶୁମାନ ଦାସ ଓ ଅସ୍ଥିଶଲ୍ୟ ଡା. ଜୟଦେବ ପ୍ରଧାନ ଦୀର୍ଘ ସମୟ ଧରି ଅସ୍ତ୍ରୋପଚାର କରି ଆଣ୍ଠୁଚକିରୁ ବ୍ରେକ୍ ଖଣ୍ଡକୁ ବାହାର କରିଥିଲେ। ଠିକ୍ ସମୟରେ ଅସ୍ତ୍ରୋପଚାର ହୋଇ ନ ଥିଲେ ନାବାଳକଜଣଙ୍କ ଚଲାବୁଲା ଶକ୍ତି ହରାଇବା ସହ ପ୍ରଚୁର ରକ୍ତସ୍ରାବ ଯୋଗୁଁ ତା'ର ଜୀବନ ଯିବାର ଆଶଙ୍କା ମଧ୍ୟ ରହିଥିଲା।

**ଏମିତି ଆମ ପୁଲିସ ବଦଳି ନୀତି**

# ନିଜ ନିୟମକୁ ଦଳିମକଚି ଦେଲେ

■ ଭୁବନେଶ୍ୱର, ୨୧।୧୨ (ସମିସ): କୌଣସି ପୁଲିସ ଅଧିକାରୀ ଗୋଟିଏ ଜିଲ୍ଲାରେ ୬ ବର୍ଷ ଓ ଷ୍ଟେସନରେ ୩ ବର୍ଷରୁ ଅଧିକ ରହିପାରିବେନି। ବୁକ୍ ସର୍କୁଲାର ୪୨ ଓ ସାଧାରଣ ପ୍ରଶାସନ ବିଭାଗର ଚିଠି ଆଧାରରେ ରାଜ୍ୟ ପୁଲିସ ବିଭାଗ ଗତ ନଭେମ୍ବରରେ ଏଭଳି ନିୟମ ଆଣିଥିଲା। ଖାଲି ନିୟମ ଆଣି ନଥିଲା, ଏହାକୁ କାର୍ଯ୍ୟକାରୀ ମଧ୍ୟ କରିଥିଲା। ପ୍ରତିବର୍ଷ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବଦଳି କରାଯିବ ବୋଲି ଉଲ୍ଲେଖ ରହିଥିଲା। ହେଲେ ନିୟମ କାର୍ଯ୍ୟକାରୀକୁ ଦୁଇମାସ ନ ପୂରୁଣୁ, ତାହାକୁ ପାସୋରିଗଲା ପୁଲିସ ବିଭାଗ। ଗତକାଲି ଇନ୍ସପେକ୍ଟର୍‌ମାନଙ୍କର ବଦଳି ବାତିଲ ବା ପରିବର୍ତ୍ତିତ ବଦଳି ତାଲିକା ପ୍ରକାଶ ପାଇବା ପରେ ଏଭଳି କଥା ସ୍ପଷ୍ଟ ହୋଇଛି। କାହା ଇଙ୍ଗିତରେ ପୁଲିସ ବିଭାଗ ନିଜ ନିୟମକୁ ଦଳିମକଚି ଦେଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବୁକ୍ ସର୍କୁଲାର ୪୨ ଅନୁଯାୟୀ ଜଣେ ସରକାରୀ ଅଧିକାରୀ ଗୋଟିଏ ଷ୍ଟେସନରେ ୩ବର୍ଷରୁ ଅଧିକ ରହିପାରିବେ ନାହିଁ ଓ ସାଧାରଣ ପ୍ରଶାସନ ବିଭାଗ ନିର୍ଦ୍ଦେଶ ଅନୁସାରେ ଦ୍ୱିତୀୟ ଶ୍ରେଣୀ କିମ୍ବା ତା'ଠାରୁ ଊର୍ଦ୍ଧ୍ୱ ପାହ୍ୟାର ଅଧିକାରୀ ଗୋଟିଏ ଜିଲ୍ଲାରେ ୬ବର୍ଷରୁ ଅଧିକ ସମୟ କାମ କରିପାରିବେ ନାହିଁ। ଏହି ବଦଳି ନିୟମକୁ କଡ଼ାକଡ଼ି ପାଳନ କରିବାକୁ ସାଧାରଣ

**■ ବଦଳି ସଂସ୍କାର ନାଁରେ ପ୍ରହସନ**

**■ ବୁକ୍ ସର୍କୁଲାର ଓ ଜିଏ ବିଭାଗ ଚିଠିର ଧଜିଆ ଉଡ଼ିଲା**

ପ୍ରଶାସନ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ପୁଲିସ ଅଧିକାରୀମାନେ ନିୟମ ନମାନି ଷ୍ଟେସନରେ ୩ବର୍ଷରୁ ଅଧିକ ଓ ଗୋଟିଏ ଜିଲ୍ଲାରେ ୬ବର୍ଷରୁ ଅଧିକ ସମୟ ଧରି ରହୁଥିବାରୁ ଏହା ପୁଲିସର ଛବିକୁ ମଳିନ କରୁଥିଲା। ଏଥିରେ ସ୍ୱଚ୍ଛତା ଆଣିବାକୁ ବୁକ୍ ସର୍କୁଲାର ୪୨ ଓ ସାଧାରଣ ପ୍ରଶାସନ ବିଭାଗ ପତ୍ର ଅନୁସାରେ ରାଜ୍ୟ ପୁଲିସ ବିଭାଗ ସ୍ୱତନ୍ତ୍ର ବଦଳି ନୀତି ଆଣିଥିଲା। ପ୍ରତିବର୍ଷ ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ ସାଧାରଣ ବଦଳି ପ୍ରକ୍ରିୟା କରିବ ବୋଲି ନୀତିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଥିଲା। ନଭେମ୍ବର ପହିଲାରେ ଆସିଥିବା ଏହି ନିୟମକୁ ସେହି ମାସରେ ହିଁ ଲାଗୁ କରାଯାଇଥିଲା।

ଗତ ମାସ ୧୯ ତାରିଖ ଦିନ ୪୭୫ ଜଣ ଇନ୍ସପେକ୍ଟରଙ୍କର ହୋଇଥିବା ବଦଳିରେ ପୁଲିସ ବଦଳି ନୀତିକୁ ଆପଣାଯିବା ସହ ଗୋଟିଏ ଜିଲ୍ଲାରେ ୬ ବର୍ଷରୁ ଅଧିକ ସମୟଧରି ରହିଥିବା ଅଧିକାରୀଙ୍କୁ ଅନ୍ୟତ୍ର ବଦଳି ହୋଇଥିଲା। ପୁଲିସ ଭଳି ବିଭାଗରେ ବଦଳି ନୀତି କାର୍ଯ୍ୟକାରୀ ହେବା ପରେ ସ୍ୱଚ୍ଛତା ଆସିବ ବୋଲି ଆଶା କରାଯାଉଥିଲା।

କିନ୍ତୁ ଦୁଇମାସ ବିତି ନଥିବା ବେଳେ ନିୟମକୁ ଫୁଁ' କରିଦେଇଛି ପୁଲିସ ବିଭାଗ। ନଭେମ୍ବର ୧୯ ତାରିଖରେ ବଦଳି ହୋଇଥିବା ୪୭୫ ଜଣ ଇନ୍ସପେକ୍ଟର୍‌ଙ୍କ ମଧ୍ୟରୁ ୫୬ଜଣ ଇନ୍ସପେକ୍ଟର୍‌ଙ୍କ ବଦଳିକୁ ବାତିଲ କରି ପରିବର୍ତ୍ତନ କରାଯାଇଛି। ଏହି ବଦଳି ପରେ ବୁକ୍ ସର୍କୁଲାର ୪୨ ଓ ସାଧାରଣ ପ୍ରଶାସନ ବିଭାଗର ଚିଠିର ଧଜିଆ ଉଡ଼ିଛି। ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ ବଦଳି ହେବାର ନିୟମ ରହିଥିବା ବେଳେ କାହା ସ୍ୱାର୍ଥରେ ଅଚାନକ ବଦଳି କରାଗଲା, ତାକୁ ନେଇ ପ୍ରଶ୍ନ ଉଠିଛି।

ଆଶ୍ଚର୍ଯ୍ୟଜନକ କଥା ହେଲା, ଏଥିରେ ଗୋଟିଏ ଜିଲ୍ଲାରେ ୬ ବର୍ଷରୁ ଅଧିକ ରହିଥିବା ଅଧିକାରୀଙ୍କୁ ପୁଣିଥରେ ସେହି ଜିଲ୍ଲାରେ ନିଯୁକ୍ତି ଦିଆଯାଇଛି। ମୋଟାମୋଟି କହିବାକୁ ଗଲେ, ଅନୁଗୋଳ, ରାଉରକେଲା, ଯାଜପୁର ଓ କମିସନରେଟ୍ ପୁଲିସ ସମେତ ଅନ୍ୟ କେତେକ ପୁଲିସ ଜିଲ୍ଲାରେ ଥିବା କିଛି ଅଧିକାରୀଙ୍କ ପାଇଁ ଏହି ନିୟମ ପ୍ରହସନ ପାଲଟିଛି।

**ସୀତାକୁଣ୍ଡରେ ଅଘଟଣ**

## ଗ୍ୟାସ୍ ବେଲୁନ୍ ଟାଙ୍କି ବିସ୍ଫୋରଣ; ବିକାଳି ଗୁରୁତର

ବାରିପଦା, ୨୧।୧୨(ସମିସ): ଶିମିଳିପାଳ ପାଦଦେଶରେ ଥିବା ସୀତାକୁଣ୍ଡ ଜଳପ୍ରପାତ ପର୍ଯ୍ୟଟନସ୍ଥଳୀରେ ରବିବାର ଏକ ଅଘଟଣ ଘଟିଛି। ଆଜି ଏଠାରେ ବହୁସଂଖ୍ୟକ ପର୍ଯ୍ୟଟକଙ୍କ ସମାଗମ ହୋଇଥିବା ବେଳେ ଏକ ଗ୍ୟାସ୍ ବେଲୁନ୍ ଟାଙ୍କି ବିସ୍ଫୋରଣ ହୋଇଛି। ଏଥିରେ ବେଲୁନ ବିକାଳି ଗୁରୁତର ଆହତ ହୋଇଛନ୍ତି। ଆହତଜଣଙ୍କ ହେଲେ, ବାରିପଦା ସହର ଶୂନଗଡ଼ିଆର ସେରୁ ସିଂ(୨୪)। ତାଙ୍କୁ ଗୁରୁତର ଅବସ୍ଥାରେ ପିଆରଏମ୍ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପାଖାପାଖି କେହି ପର୍ଯ୍ୟଟକ ନଥିବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବିସ୍ଫୋରଣ ପରେ ଗ୍ୟାସ୍ ଟାଙ୍କିଟି ପାର୍କିଂରେ ଛିଡ଼ା ହୋଇଥିବା ଏକ ଟୁରିଷ୍ଟ ବସ୍ ଉପରେ ପଡ଼ିଥିଲା। ସେରୁ ଧୂମପାନ କରି ସିଲିଣ୍ଡର୍‌କୁ ଅନ୍ୟତ୍ର ନେଇଯାଉଥିଲେ। ପୂର୍ବରୁ ଲିକ୍ ଥିବା ଟାଙ୍କିରେ ଅଠା ଦେଇ ଅସ୍ଥାୟୀ ସିଲ୍ କରିଥିବା ବେଳେ ସେଠାରୁ ଗ୍ୟାସ ଲିକ୍ ହୋଇ ଏହି ଅଘଟଣ ଘଟିଥିବା କୁହାଯାଉଛି। ଦୁର୍ଘଟଣା ପରେ ବେଲୁନ୍ ବିକାଳିଙ୍କୁ ଉଦ୍ଧାର କରିବାକୁ କେହି ଆସିନଥିଲେ।

**ଅଳ୍ପକେ ବର୍ତ୍ତିଲେ ପର୍ଯ୍ୟଟକ**

# ବଢ଼ିବ ଓଡ଼ିଶାର ଜାତୀୟ ଜଳପଥ ସଂଖ୍ୟା

**ରାଜ୍ୟକୁ ଯୋଗ୍ୟ ଜଳପଥର ତାଲିକା ମାଗିଲା କେନ୍ଦ୍ର**

ଭୁବନେଶ୍ୱର,୨୧।୧୨(ସମିସ): ଓଡ଼ିଶାରେ ଜାତୀୟ ଜଳପଥର ବିକାଶ ପାଇଁ ପୁଣିଥରେ ଅଣ୍ଟା ଭିଡ଼ିଛି କେନ୍ଦ୍ର ସରକାର। ରାଜ୍ୟରେ ଯେଉଁ ଜଳପଥ ଗୁଡ଼ିକର ଜାତୀୟ ରାଜପଥ ଭାବେ ଘୋଷଣା କରିବା ପାଇଁ ଆବଶ୍ୟକୀୟ ଯୋଗ୍ୟତା ଓ ମାନଦଣ୍ଡ ରହିଛି, ତାହାର ତାଲିକା ଦେବାକୁ କେନ୍ଦ୍ର ସରକାର ଓଡ଼ିଶାକୁ ଚିଠି ଲେଖିଛନ୍ତି। ଓଡ଼ିଶା ପକ୍ଷରୁ ତାଲିକା କେନ୍ଦ୍ର ନିକଟରେ ପହଞ୍ଚିବା ପରେ, ଏହାର ଫିଜିବିଲିଟ ସର୍ଭେ ହେବ। ଏହାପରେ ଜାତୀୟ ଜଳପଥ ଭାବେ ମାନ୍ୟତା ପ୍ରଦାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଦେଶରେ ମୋଟ ୧୧୧ଟି ଜଳପଥକୁ ଜାତୀୟ ଜଳପଥର ମାନ୍ୟତା ଦିଆଯାଇଛି। ତନ୍ମଧ୍ୟରେ ଓଡ଼ିଶାର ୬ଟି ଜଳପଥ ସାମିଲ ରହିଛି। ସେଗୁଡ଼ିକ ହେଲା ଜାତୀୟଜଳପଥ-୫, ୧୪, ୨୨, ୨୩, ୬୪ ଓ ୯୬। ଜାତୀୟଜଳପଥ-୫ ଅଧିନରେ ବ୍ରାହ୍ମଣୀ-କୁଶଭଦ୍ରା-ଧାମରା ରହିଥିବା ବେଳେ ଜଳପଥ-୧୪ ଅଧିନରେ ବୈତରଣୀ ନଦୀ ରହିଛି। ସେହିପରି ଜଳପଥ-୨୨ ଅଧିନରେ ବିରୁପା-ଗେଙ୍ଗୁଟି-ବ୍ରାହ୍ମଣୀ ରିଭର ସିଷ୍ଟମ, ଜଳପଥ-୨୩ ଅଧିନରେ ବୁଢାବଳଙ୍ଗ, ଜଳପଥ-୬୪ ଅଧୀନରେ ମହାନଦୀ ଏବଂ ଜାତୀୟ ଜଳପଥ-୯୬ ଅଧିନରେ ସୁବର୍ଣ୍ଣରେଖା ନଦୀ ସାମିଲ ରହିଛି। ନିକଟରେ ମୁମ୍ବାଇଠାରେ ଅନୁଷ୍ଠିତ ଇଣ୍ଡିଆ ମାରିଟାଇମ୍-୨୦୨୫ କାର୍ଯ୍ୟକ୍ରମରେ ଜାତୀୟ ଜଳପଥ-୫ ଓ ଜାତୀୟ ଜଳପଥ-୬୪ର ବିକାଶ ପାଇଁ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଇନଲ୍ୟାଣ୍ଡ ୱାଟରୱେଜ ଅଥରିଟି ଅଫ୍ ଇଣ୍ଡିଆ (ଆଇଡବ୍ଲ୍ୟୁଏଆଇ), ରାଜ୍ୟ ସରକାର, ପାରାଦୀପ ପୋର୍ଟ ଅଥରିଟି(ପିପିଏ) ଏବଂ ମହାନଦୀ କୋଲ୍ଡଫିଲ୍ଡ ଲିମିଟେଡ(ଏମସିଏଲ) ମଧ୍ୟରେ ଏହି ଚୁକ୍ତିନାମା ହୋଇଥିବା ବେଳେ ଏଥିପାଇଁ ୧୨୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଜାତୀୟ ରାଜପଥ ଓ ରେଳ ଉପରେ ଲଜିଷ୍ଟିକ ଖର୍ଚ୍ଚ ହ୍ରାସ, ପରିବେଶ ଅନୁକୂଳ ପରିବହନକୁ ପ୍ରୋତ୍ସାହନ, ତାଳଚେର କୋଇଲାଖଣିରୁ ପାରାଦୀପ ଓ ଦାମରା ବନ୍ଦରକୁ କାର୍ଗୋ ପରିବହନ ଆଦି ଏହାର ପ୍ରମୁଖ ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି। ଅପରପକ୍ଷେ କୌଣସି ଜଳପଥ ଜାତୀୟ ଜଳପଥର ମାନ୍ୟତା ପାଇଲେ ସେଠାରେ ଭିତ୍ତିଭୂମି ବିକାଶର ବ୍ୟାପକ ପଥ ଉନ୍ମୁକ୍ତ ହେଉଥିବାରୁ ଏହା ଓଡ଼ିଶା ପାଇଁ ବେଶ୍ ଉପାଦେୟ ହେବ ବୋଲି ଜଣାପଡ଼ିଛି। ଓଡ଼ିଶାରେ ବହୁ ସଂଖ୍ୟକ ଜଳପଥ ଏଥିପାଇଁ ଯୋଗ୍ୟତା ରଖିଥିବା ବେଳେ ଏନେଇ ଖୁବଶୀଘ୍ର ରିପୋର୍ଟ ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯିବ ବୋଲି ଜଳସମ୍ପଦ ବିଭାଗ ସୂତ୍ରରୁ ଜଣାପଡ଼ିଛି।

**ଫିଜିବିଲିଟି ସର୍ଭେ ପରେ ପଦକ୍ଷେପ**

**ପୂର୍ବରୁ ୬ଟି ଜଳପଥକୁ ମିଳିଛି ମାନ୍ୟତା**

**ଜଳପଥ-୫ ଓ ଜାତୀୟ ଜଳପଥ-୬୪ର ବିକାଶ ପାଇଁ ୧୨୫୦୦ କୋଟି**



**■ ବନ୍ଧୁକ ମୁନରେ ଦାଦାବଟି ଆଦାୟ**

## ପୂର୍ବତନ କର୍ପୋରେଟରଙ୍କ ପୁଅ ସମେତ ୨ ଗିରଫ

ବ୍ରହ୍ମପୁର, ୨୧।୧୨ (ସମିସ): ଦାଦାବଟି ଆଦାୟ ମାମଲାରେ ଟାଉନ ଥାନା ପୁଲିସ ପୂର୍ବତନ କର୍ପୋରେଟରଙ୍କ ପୁଅ ସମେତ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫଦ୍ୱୟ ହେଲେ, ପୂର୍ବତନ କର୍ପୋରେଟର୍‌ଙ୍କ ପୁଅ ତଥା ରାଉତପେଟା ସାହିନିବାସୀ ଶୁଭମ ମାଝୀ (୨୨) ଓ ସହଯୋଗୀ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବୁଟୁଲୁ ଗ୍ରାମର ଆଲୋକ ମାଝୀ (୨୬)। ଶୁଭମଙ୍କ ନିକଟରୁ ପୁଲିସ ଗୋଟିଏ ପିସ୍ତଲ, ଗୋଟିଏ ଖଣ୍ଡା, ମୋବାଇଲ୍, ଗୋଟିଏ ଟିଭିଏସ୍ ସ୍କୁଟି, ଗୋଟିଏ ମେଫେଣ୍ଟରମାଇନ୍ ସଲଫେଟ୍ (ଟରମାଙ୍ଗ) ଇଞ୍ଜେକ୍ସନ ବୋତଲ ଓ ଦୁଇଟି ସିରିଞ୍ଜି ଜବତ କରିଛି।

ସୂଚନାଯୋଗ୍ୟ, ବଡ଼ବଜାର ଥାନା ଅଞ୍ଚଳର ରବି ସେଠୀ (୪୫) ମଧ୍ୟସ୍ଥି ସାଜି ଗେଟବଜାର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଘର ବିକ୍ରି କରିଥିଲେ। ଏଥିରୁ ରବି ମୋଟା ଅଙ୍କର ଅର୍ଥ ପାଇଥିଲେ। ସେହି ଟଙ୍କାରୁ ୭୦ ହଜାର ଟଙ୍କା ଦାବି କରିଥିଲେ ଶୁଭମ। ରବି ଟଙ୍କା ନଦେବାରୁ ଶୁଭମ ତାଙ୍କୁ ଧମକଚମକ ଦେଇଆସୁଥିଲା। ଶୁଭମ ଓ ସହଯୋଗୀ ଆଲୋକ ଉଭୟ ୨ ଓ ୩ ତାରିଖରେ ରବିଙ୍କୁ ଧମକ ଦେବା ସହ ଆକ୍ରମଣ କରିଥିଲେ। ଏପରିକି, ତାଙ୍କୁ ପାନବିକା ସାହି ସମେତ ବିଭିନ୍ନ ସ୍ଥାନକୁ ନେଇ ଅଟକ ରଖି ମାରପିଟ୍ କରିବା ସହ ତାଙ୍କ ମୋବାଇଲ୍‌କୁ ଭାଙ୍ଗି ଦେଇଥିଲେ। ପରେ ପିସ୍ତଲ ଏବଂ ଖଣ୍ଡା ଦେଖାଇ ୭୦ ହଜାର ଟଙ୍କା ଦାଦାବଟି ମାଗିଥିଲେ। ଘଟଣାକୁ ନେଇ ରବି ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

**କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁ ଘଟଣା**

# ଥାନାରେ ଏତଲା ଦେଲେ ହ୍ୟୁମାନ୍‌ଙ୍କ ମା'

କଟକ, ୨୧।୧୨(ସମିସ): କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ମୃତ୍ୟୁକୁ ମାସେ ବିତିଯାଇଥିବା ବେଳେ ଆଜି ତାଙ୍କ ମା' ଶେଫାଳି ସୁନା ମର୍କତନଗର ଥାନାରେ ଏତଲା ଦେଇଛନ୍ତି। ହ୍ୟୁମାନଙ୍କ ସନ୍ଦେହଜନକ ମୃତ୍ୟୁ ନେଇ ସେ ୮ଟି ଦିଗ ଉପରେ ଅଭିଯୋଗ ଆଣିଛନ୍ତି। ହ୍ୟୁମାନଙ୍କ ମୃତ୍ୟୁ ପଛରେ ବିଷକ୍ରିୟା, ଶାରୀରିକ ଆଘାତ, ଅବହେଳା, ନିର୍ଯାତନା, ଚାପ, ଧମକ, ଆର୍ଥିକ ନେଣଦେଣ ସହ ପ୍ରମାଣ ନଷ୍ଟ ଆଦି କଥା ତାଙ୍କ ମାଆ ଶେଫାଳି ଉଠାଇଛନ୍ତି। ଗତ ନଭେମ୍ବର ୧୭ ତାରିଖ ରାତିରେ ହ୍ୟୁମାନ ସାଗର ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ମୃତ୍ୟୁ ଘଟିଥିଲା। ହ୍ୟୁମାନଙ୍କ ମୃତ୍ୟୁର ସମ୍ପୂର୍ଣ୍ଣ ତଦନ୍ତ ପାଇଁ ଶେଫାଳି ପୁଲିସକୁ ନିବେଦନ କରିଛନ୍ତି।

ଏତଲାରେ ଦର୍ଶାଯାଇଛି ଯେ ହ୍ୟୁମାନଙ୍କ ପତ୍ନୀ ଶ୍ରେୟା ମିଶ୍ର କିମ୍ବା ତାଙ୍କ ପରିବାର ସଦସ୍ୟମାନଙ୍କ ଦ୍ୱାରା ଇଲେକ୍ଟ୍ରୋନିକ୍, ପ୍ରିଣ୍ଟ ଓ ଡିଜିଟାଲ୍ ମିଡିଆରେ ଦିଆଯାଇଥିବା ସାର୍ବଜନୀନ ବକ୍ତବ୍ୟ, ପ୍ରେସମିଟ୍, ସାକ୍ଷାତକାର ଇତ୍ୟାଦିର ଭୂମିକା ଉପରେ ତଦନ୍ତ କରାଯାଉ। ହ୍ୟୁମାନଙ୍କ ଛୋଟ ଝିଅ ନ୍ୟୁ ଏଞ୍ଜେଲ୍ ସାଗରଙ୍କ ସହ ଦେଖା କିମ୍ବା କଥା ହେବାରୁ ରୋକାଯାଇଥିଲା, ଯାହା ତାଙ୍କୁ ଗଭୀର ମାନସିକ ଯନ୍ତ୍ରଣା ଦେଇଥିଲା। ହ୍ୟୁମାନଙ୍କ ପତ୍ନୀଙ୍କୁ ପୁଲିସ ତଦନ୍ତ ପରିସରଭୁକ୍ତ କରି ଜେରା କରିବାକୁ ଶେଫାଳି ନିବେଦନ କରିଛନ୍ତି। ବିଶେଷକରି ହ୍ୟୁମାନଙ୍କ ବନ୍ଧୁ ତଥା ପ୍ରେମିକା କଣ୍ଠଶିଳ୍ପୀ ଅର୍ପିତାଙ୍କୁ ଜେରା କରାଯାଇ ତାଙ୍କ ଫୋନ୍, ବ୍ୟାଙ୍କ୍ ପାସବୁକ୍, ହ୍ୱାଟସଆପ୍ ତଥ୍ୟ ଓ କଲ୍ ଡିଟେଲ୍ସକୁ ପୁଲିସ ଯାଞ୍ଚ କରିବାକୁ ସେ ନିବେଦନ କରିଛନ୍ତି। ଶେଷ ୩/୪ବର୍ଷ ଧରି ତାଙ୍କ ସହିତ ଘନିଷ୍ଠ ଭାବେ ସଂପୃକ୍ତ ଥିବା ବ୍ୟକ୍ତିମାନଙ୍କୁ, ଆଇନ ଅନୁଯାୟୀ ତଦନ୍ତ ପରିସରଭୁକ୍ତ କରାଯାଉ। ପତ୍ନୀ ଶ୍ରେୟା ମିଶ୍ର ଏବଂ ତାଙ୍କ ପିତାମାତା/ପରିବାର ସହିତ ଡାକ୍ତର ଶୁଭେନ୍ଦୁ ମିଶ୍ର, କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଓ ତାଙ୍କ ପରିବାର, ସଂଗୀତ ନିର୍ଦ୍ଦେଶକ ସୋମେଶ ସତପଥୀ, ମ୍ୟାନେଜର ଦିନେଶ ବେହେରା ଓ ସହଯୋଗୀ ଏମ୍.ଡି. ଅବିଦ୍‌ଙ୍କୁ ଜେରା କରାଯାଇ ହ୍ୟୁମାନଙ୍କ ମୃତ୍ୟୁର ରହସ୍ୟ ଉପରକୁ ପରଦା ଉଠାଇବାକୁ ମା' ଶେଫାଳି ନିବେଦନ କରିଛନ୍ତି। ଏହାର ଏକ ନକଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରାଯାଇଛି।

**■ ପତ୍ନୀ ଶ୍ରେୟା ଓ ଅର୍ପିତାଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ନିବେଦନ**

**■ ମ୍ୟାନେଜର ଦୀନେଶ୍ ଓ ସଂଗୀତ ନିର୍ଦ୍ଦେଶକ ସୋମେଶଙ୍କୁ ବି ଜେରା ପାଇଁ ଅନୁରୋଧ**

**■ ମୁଖ୍ୟମନ୍ତ୍ରୀଙ୍କୁ ଦିଆଗଲା ଏତଲାର ନକଲ**

# ଦୁର୍ଘଟଣାରେ ୨ ମୃତ

ତରଭା,୨୧।୧୨(ସମିସ): ବଲାଙ୍ଗିର-ସୋନପୁର ୫୭ନମ୍ବର ଜାତୀୟ ରାଜପଥର ଛେପାପାଲି ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ ଅଜଣା ଗାଡ଼ି ଧକ୍କାରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ସୋନପୁର ବ୍ଲକ ହରଡ଼ଖୋଲ ନିକଟସ୍ଥ ଗତରକେଲା ଗ୍ରାମର ଜୟବେହେରା(୩୬) ଓ ଗଙ୍ଗାଧର ବେହେରା (୩୦)। ଉଭୟ ଏକ ବାଇକ୍‌ରେ ସୋନପୁର ଆଡ଼କୁ ଯାଉଥିବା ବେଳେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଜୟଙ୍କ ଘଟଣାସ୍ଥଳରେ



ମୃତ୍ୟୁ ହୋଇଯାଇଥିବା ବେଳେ ଗଙ୍ଗାଧରଙ୍କୁ ଗୁରୁତର ଅବସ୍ଥାରେ ସୋନପୁର ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାର ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାଯାଇଛି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ସୋନପୁର-ବଲାଙ୍ଗୀର ରାସ୍ତାକୁ ଅବରୋଧ କରିଛନ୍ତି। ସୋନପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଛି। ଖବର ଲେଖା ହେବା ବେଳକୁ ରାସ୍ତାରୋକ ହଟିନଥିଲା।

## ଅବଶିଷ୍ଟାଂଶ

### ବଢ଼ିଲା ରେଳ ଯାତ୍ରୀ...

କରିଥିଲେ। ସେତେବେଳେ, ଅଣ-ଏସି ମେଲ୍ ଏବଂ ଏକ୍ସପ୍ରେସ୍ ଟ୍ରେନ ପାଇଁ ପ୍ରତି କିମି ପିଛା ୧ ପଇସା ଏବଂ ଏସି ଶ୍ରେଣୀ ଭଡ଼ା ପାଇଁ ପ୍ରତି କିମିରେ ୨ ପଇସା ବୃଦ୍ଧି କରାଯାଇଥିଲା। ତା' ପୂର୍ବରୁ ୨୦୨୦ରେ ଯାତ୍ରୀ ଭଡ଼ା ବୃଦ୍ଧି ହୋଇଥିଲା।

ଭଡ଼ା ବୃଦ୍ଧି ଜରିଆରେ ରେଳବାଇ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୬୦୦ କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ଆଦାୟ ଲକ୍ଷ୍ୟ ରଖିଛି। ରେଳ ମନ୍ତ୍ରଣାଳୟ ସୂତ୍ର ଅନୁଯାୟୀ, ବର୍ଦ୍ଧିତ ପରିଚାଳନା ଖର୍ଚ୍ଚକୁ ପୂରଣ କରିବା ଏବଂ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକୁ ପାଣ୍ଠି ଯୋଗାଇବା ପାଇଁ ଏହି ଭଡ଼ା ବୃଦ୍ଧି ଜରୁରୀ। ରେଳବାଇ ଏହାର ସେବାକୁ ଉନ୍ନତ କରିବା, ନୂତନ ଟ୍ରେନ ପ୍ରଚଳନ କରିବା ଏବଂ ଷ୍ଟେସନ୍‌ଗୁଡ଼ିକୁ ଆଧୁନିକୀକରଣ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ଏହି ଭଡ଼ା ବୃଦ୍ଧି ଦ୍ୱାରା ସୃଷ୍ଟ ୬୦୦ କୋଟିର ଅତିରିକ୍ତ ରାଜସ୍ୱ ଏହି କାର୍ଯ୍ୟ ପାଇଁ ବ୍ୟବହାର କରାଯିବ।

### ନାକେଦମ୍ କରିବ...

କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ସେହିପରି ସମ୍ବଲପୁର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଅନୁଗୁଳ, ଦେବଗଡ଼, କଳାହାଣ୍ଡି ଓ କୋରାପୁଟରେ ମଧ୍ୟମଧରଣର କୁହୁଡ଼ି ପାଇଁ ପାଣିପାଗ କେନ୍ଦ୍ର କହିଛି।

ଘନ କୁହୁଡ଼ିକୁ ଦୃଷ୍ଟିରେ ରଖି କିପରି ରାସ୍ତାରେ ଯାନବାହନ ଚଳାଚଳରେ ଦୁର୍ଘଟଣା ନ ଘଟିବ ତାହା ଉପରେ ରାଜ୍ୟ ପରିବହନ ବିଭାଗ ଗୁରୁତ୍ୱ ଦେଇଛି। ଏଥିପାଇଁ ବିଭାଗ ପକ୍ଷରୁ କୁହୁଡ଼ି ସମୟରେ ଗାଡ଼ି ନ ଚଳାଇବାକୁ ପରାମର୍ଶ ଦିଆଯାଇଛି। ନିହାତି ଆବଶ୍ୟକ ଥିଲେ ଧୀରେ ଓ ସାବଧାନତାର ସହ ଗାଡ଼ି ଚଳାଇବାକୁ କୁହାଯାଇଥିବା ବେଳଏ ଗାଡ଼ି ପାର୍କିଂ ସମୟରେ ହାଜାର୍ଡ ଲାଇଟ୍ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଏହାସହିତ ଆବଶ୍ୟକ ନଥିଲେ ଗାଡ଼ି ଓଭରଟେକ୍ କରିବାକୁ ମଧ୍ୟ ବାରଣ କରାଯାଇଛି। ଦ୍ରୁତଗତିରେ ଗାଡ଼ି ଚଳାଇବାକୁ ବାରଣ କରାଯିବା ସହ ହଠାତ୍ ଲେନ୍ ପରିବର୍ତ୍ତନ ନ କରିବା ଓ ଗାଡ଼ି ଗାଡ଼ି ମଧ୍ୟରେ ସୁରକ୍ଷିତ ବ୍ୟବଧାନ ରଖିବାକୁ ବିଭାଗ ନିର୍ଦ୍ଦେଶ ଦେଇଛି।

ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ଜି. ଉଦୟଗିରିରେ ୫.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଏହା ସବୁଠୁ ଥଣ୍ଡା ସହର ପାଲଟିଛି। ସେହିପରି ସେମିଳିଗୁଡ଼ାରେ ୬.୭, ଦାରିଙ୍ଗବାଡ଼ି ୭, ଫୁଲବାଣୀ ୭, କୋରାପୁଟ ୭.୬, ନବରଙ୍ଗପୁର ୯, ଭବାନୀପାଟଣା ୯.୪ ବୌଦ୍ଧ ୯.୬, ଅନୁଗୁଳ ୯.୬ ଓ ଝାରସୁଗୁଡ଼ାରେ ପାରଦ ୯.୬ ଡିଗ୍ରୀ ରେକର୍ଡ ହୋଇଛି।

### ଜଣେ ମୃତ...

ରେଡ୍ଡୀ, ହିମାଂଶୁ ସେଠୀ, ସାଗର ଦାସ, କୈଳାସ ଦାସ, ଡି. ଦୁର୍ଯ୍ୟୋଧନ ପ୍ରମୁଖଙ୍କ ସମେତ ୧୭ ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁସାରେ, ବ୍ରହ୍ମପୁର ସହର ଉପକଣ୍ଠ ଆଙ୍କୁଶପୁରସ୍ଥିତ ଘରୋଇ ସ୍କୁଲ ତକ୍ଷଶୀଳାର ବସ୍‌ରେ ରବିବାର ସକାଳେ ସ୍କୁଲ କର୍ମଚାରୀ, ଏମଆରଏଫ୍ ଓ ରୟାଲ ଏନଫିଲ୍ଡର କର୍ମଚାରୀ ମିଶି ବଣଭୋଜି କରିବାକୁ ଯାଇଥିଲେ। ପାତ୍ରପୁର ବ୍ଲକ ତଥା ଜରଡ଼ା ଥାନା ଅନ୍ତର୍ଗତ ବାର୍‌ହା ପଥରକୁ ସେମାନେ ଯାଇଥିଲେ। ସେଠାରୁ ସନ୍ଧ୍ୟାରେ ଫେରିବା ବେଳେ ବ୍ରେକ୍ ଫେଲ୍ ହୋଇଯିବାରୁ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ, ଜରଡ଼ା ଥାନା ପୁଲିସ ଓ ପାତ୍ରପୁର ଅଗ୍ନିଶମ ବାହିନୀର ସହାୟତାରେ ଉଦ୍ଧାର କାର୍ଯ୍ୟ କରାଯାଇଥିବା ବେଳେ ସମସ୍ତଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

### ଓଡ଼ିଶା ଉପରେ...

ମାର୍ଗଦର୍ଶିକାରେ ଉଲ୍ଲେଖ ରହିଛି। ଏହି କ୍ରମରେ ପୂର୍ବ ବର୍ଷର 'ମନରେଗା'ରେ ହୋଇଥିବା ଆର୍ଥିକ ଅଟକଳକୁ ଦେଖିଲେ ଓଡ଼ିଶାର ଏହି ଖର୍ଚ୍ଚ ପାଖାପାଖି ୫୫୦ ପ୍ରତିଶତ ବଢ଼ିଯିବ ବୋଲି ଆକଳନ କରାଯାଇଛି। ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶାରେ 'ମନରେଗା' ପାଇଁ ମୋଟ୍ ୪୬୩୬.୭୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ ଅଣକୁଶଳୀ ମଜୁରୀ ବାବଦକୁ ୩୧୮୬.୯୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ପୂର୍ବ ଯୋଜନା ଅନୁଯାୟୀ ଏ ବାବଦକୁ ଓଡ଼ିଶାକୁ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରିବାକୁ ପଡ଼ି ନାହିଁ। ହେଲେ 'ଭିବି ଜି-ରାମ୍-ଜି' ଯୋଜନାରେ ଏହି କ୍ଷେତ୍ରରେ ଓଡ଼ିଶାକୁ ୧୨୭୪.୪ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ସମାନ ଭାବେ ପ୍ରଶାସନିକ ଖର୍ଚ୍ଚ ବାବଦକୁ ମଧ୍ୟ ୮୪.୫୯ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏବାବଦରେ ଓଡ଼ିଶାର ଖର୍ଚ୍ଚ ପ୍ରାୟତ ଶୂନ ରହିଛି। ହେଲେ ନୂତନ ଯୋଜନାରେ ଏହି ସମସ୍ତ ବାବଦକୁ ଓଡ଼ିଶା ଖର୍ଚ୍ଚ ଭରଣା କରିବା ସହ ପୂର୍ବ ତୁଳନାରେ ପ୍ରତିଶତ ମଧ୍ୟ ବୃଦ୍ଧି ପାଇଛି। ଏପରି ହାରରେ ମୋଟ୍ ଖର୍ଚ୍ଚର ୪୦ ପ୍ରତିଶତ ଖର୍ଚ୍ଚ ଓଡ଼ିଶା ଖର୍ଚ୍ଚ କଲେ ୧୮୫୪.୧୩ କୋଟି ଟଙ୍କା ଭାଗ ପଡୁଛି। ହେଲେ ମନରେଗା ଏହି କ୍ଷେତ୍ରରେ ଓଡ଼ିଶା ମାତ୍ର ୩୪୧.୧୮ କୋଟି ଖର୍ଚ୍ଚ କରିଛି। ଯାହାକି ମୋଟ୍ ଅର୍ଥର ୭.୩୫ ପ୍ରତିଶତ ରହିଛି। ହେଲେ ଏବେ ଏହି ଯୋଜନା ବାବଦକୁ ୪୦ ପ୍ରତିଶତ ଅର୍ଥ ବ୍ୟୟ କଲେ ଏହି ଖର୍ଚ୍ଚ ପ୍ରାୟ ୫୪୩.୪ ପ୍ରତିଶତ ବଢ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି।

ପୂର୍ବରୁ ଓଡ଼ିଶା ସରକାର ସୁଭଦ୍ରା ଯୋଜନା ପାଇଁ ବାର୍ଷିକ ପ୍ରାୟ ୧୦ ହଜାର କୋଟି ଟଙ୍କା ଓ ଧାନ କିଣାରେ ୮୦୦ ଟଙ୍କା ସବସିଡି ବାବଦକୁ ୬୦୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିପାଇଁ ରାଜ୍ୟର ଆର୍ଥିକ ପରିଚାଳନା ଏକ ପ୍ରକାର ଅସନ୍ତୁଳନ ହୋଇପଡ଼ିଥିବା ବେଳେ ସରକାର ଏବେ ଖୋଲା ବଜାରରୁ ମଧ୍ୟ ଋଣ କରିବାକୁ ବାଧ୍ୟ ହେଉଛନ୍ତି। ଏବେ 'ଭିବି ଜି-ରାମ୍-ଜି' ବାବଦକୁ ଖର୍ଚ୍ଚର ପରିମାଣ ୨୦୦୦ କୋଟି ଟଙ୍କା ବଢ଼ିଗଲେ ଓଡ଼ିଶା ଉପରେ ଆର୍ଥିକ ବୋଝ ଆହୁରି ବଢ଼ିବା ଏକ ପ୍ରକାର ସୁନିଶ୍ଚିତ ହୋଇଛି। କୋଭିଡ ସମୟରେ ମନରେଗା ଯୋଗୁଁ କୋଟି କୋଟି ଶ୍ରମିକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା ଏବଂ ତାଙ୍କ ଜୀବନକୁ ରକ୍ଷା କରାଯାଇପାରିଥିଲା। ହେଲେ ନୂଆ ଯୋଜନା ଅନୁସାରେ ବଜେଟର ପରିମାଣ କେନ୍ଦ୍ର ସରକାର ସ୍ଥିର କରିବେ। କେଉଁ କାମ ହେବ ତାହା ମଧ୍ୟ କେନ୍ଦ୍ର ସ୍ତରରେ ସ୍ଥିର ହେବ। ଫଳରେ ପଞ୍ଚାୟତର ଭୂମିକାକୁ ଗୌଣ କରିଦିଆଯିବ ବୋଲି ଦର୍ଶାଇ ବିରୋଧୀ ଏହି ଯୋଜନାକୁ ବିରୋଧ କରୁଛନ୍ତି। ଏହା ସହିତ ରାଜ୍ୟମାନଙ୍କର ଅଂଶଧନ ୪୦ ପ୍ରତିଶତ କରିବା ଦ୍ୱାରା ବହୁ ରାଜ୍ୟ ଏହି ଯୋଜନାକୁ କାର୍ଯ୍ୟକାରୀ କରିପାରିବେ କି ନାହିଁ ତାହା ମଧ୍ୟ ସନ୍ଦେହ ଘେରରେ ରହିଛି। ଓଡ଼ିଶାରେ ପ୍ରାୟ ୬୭.୫ ଲକ୍ଷ ଶ୍ରମିକ ମନରେଗା ଦ୍ୱାରା କାମ ପାଉଥିଲେ। ଫଳରେ ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ଏହା ବଳିଷ୍ଠ କରିପାରୁଥିଲା। ମାତ୍ର ନୂତନ ଯୋଜନାରେ ରାଜ୍ୟ ସରକାରଙ୍କ ଉପରେ ଆର୍ଥିକ ବୋଝ ବଢୁଥିବାରୁ ଏହାକୁ ନେଇ ସରକାରଙ୍କର କେଉଁ ଆଭିମୁଖ୍ୟ ରହୁଛି ତାହା ମଧ୍ୟ ପ୍ରଶ୍ନ ଘେରରେ ରହିଛି।

### ସଂସ୍କୃତି ଓ ପରମ୍ପରା...

ଜିଲ୍ଲାପାଳ ତଥା ପରବ କମିଟି ଅଧ୍ୟକ୍ଷ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, କୋରାପୁଟ ବିଧାୟକ ରଘୁରାମ ମାଛ ,ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋଟପାଡ ବିଧାୟକ ରୂପ ଭତ୍ରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ପରବ' ପାଳନର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

କୋରାପୁଟ ସାଂସଦ ଏବଂ ବିଧାୟକ କାଡାମ କୋରାପୁଟ ଠାରୁ ଭୁବନେଶ୍ୱରକୁ ବନ୍ଦେ ଭାରତ ଟ୍ରେନ, ପର୍ଯ୍ୟଟନର ବିକାଶ ଉପରେ ନିଜ ବକ୍ତବ୍ୟରେ ଗୁରୁତ୍ୱ ଦେଇଥିଲେ। କୋରାପୁଟ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିଲେ। ସଭା ଶେଷରେ ଅତିଥି ମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତି ଓ କଳାକାରମାନଙ୍କୁ ସମ୍ମାନିତ କରିଥିଲେ। ମାହିଆ ଢେମାଶା, ଦଶମନ୍ତପୁରର ଜାନି ଡୁଡୁଙ୍ଗା ପରଜା ନୃତ୍ୟ, କୁନ୍ଦୁରା ବ୍ଲକର ରିଞ୍ଜଡି, କୋରାପୁଟ ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦଶ ଅବତାର ନୃତ୍ୟ, ପୁରୀର ଗୋଟି ପୁଅ ନୃତ୍ୟ ସହ ନକ୍ସାସ ଅଜିଜଙ୍କ ସଙ୍ଗୀତ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା। କୋରାପୁଟ ବିଧାୟକ ରଘୁରାମ ମାଛ ଧନ୍ୟବାଦ ଅର୍ପଣ କରିଥିଲେ।


**AFFIDAVIT**

By virtue of an Affidavit sworn before the Executive Magistrate, Dhamnagar, on 21.11.2025, I, MINATI JENA, W/o- NIRANJAN JENA, Vill.- Nandore Katasahi, P.S.- Dhusuri, Dist.- Bhadrak hereby declare that my name has been wrongly mentioned as MINA JENA in my HDFC Life Insurance Policy. That Minati Jena & Mina Jena is one and the same person. Henceforth, I shall be known as **MINATI JENA** for all purposes.

ADMISSION NOTICE-2025-26

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

Campus:
262, Puranpadhan, Balakati, Bhubaneswar

Mob. 7019799641, 7978608747
9853801459
Email: mdscnbbsr@gmail.com

• **B. Pharm**
Rs. 58,000/- P.A.
Eligibility: +2 Sc. (PCB/M & OJEE Appeared)

• **D. Pharm**
Rs. 48,000/- P.A.
Eligibility: +2 Sc. (PCB/M)

• **B.M.L.T.**
Rs. 58,000/- P.A.
Eligibility: +2 Sc. (PCB/M with 50 % Mark)

• **D.M.L.T.**
Rs. 48,000/- P.A.
Eligibility: +2 Sc. Pass (PCB/M)

• **M.P.H.**
Rs. 42,000/- P.A.
Eligibility: Any Graguate

ALL COURSE FEES ARE EXCLUDING HOSTEL

## ଯୋଗାଣ ମନ୍ତ୍ରୀଙ୍କ କୁନ୍ଦୁଳୀ ଗୁରୁକୁଳ ଆଶ୍ରମ ଗସ୍ତ



ସେମିଳିଗୁଡ଼ା, ୨୧।୧୨(ସମିସ): ରାଜ୍ୟ ଯୋଗାଣ ଓ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କୋରାପୁଟ ଗସ୍ତରେ ଆସି ରବିବାର କୁନ୍ଦୁଲୀସ୍ଥିତ ଆଦିମ ଗୁରୁକୁଳ ଆଶ୍ରମ ଗସ୍ତ କରିଥିଲେ। ସେଠାରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମନ୍ତ୍ରୀ ଶ୍ରୀ ପାତ୍ର ସାମୂହିକ ଯଜ୍ଞରେ ଯୋଗଦାନ କରିଥିଲେ। ମନ୍ତ୍ରୀ ଗୋଶାଳା ଯାଇ ଗୋମାତାଙ୍କୁ ଖାଦ୍ୟ ପ୍ରଦାନ କରିଥିଲେ।ଏହାପରେ ପାଠଶାଳା ଯାଇ ବିଦ୍ୟାର୍ଥୀଙ୍କୁ ଉଦବୋଧନ ଦେଇଥିଲେ। ଆଶ୍ରମକୁ ଚାଉଳ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଜେପି ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ,ଚିତ୍ତ ରଂଜନ କଂସ ଯୋଗ ଦେଇ ଥିଲେ। ଆଶ୍ରମର ମୂଖ୍ୟ ଆଚାର୍ଯ୍ୟ ବିନୟ କୁମାର ବୈଦିକ, ଆଚାର୍ଯ୍ୟ ମନୁଦେବ, ସ୍ୱାମୀ ସତ୍ୟଦେବ ଆର୍ଯ୍ୟ, ସଭାପତି ଆନନ୍ଦ ପାଟୱାନିଆ ଓ, ଜଳେନ୍ଦ୍ର ତ୍ରିପାଠୀ, ଅରୁଣ ଜେନା, ସୋମନାଥ ସାମନ୍ତରାୟ,ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ଗଣେଶ୍ୱର ପାଣିଗ୍ରାହୀ,ବିଜେପି ନେତା ଚୈତନ୍ୟ ନନ୍ଦିବାଲୀ, ନେତ୍ରୀ ସ୍ନିଗ୍ଧାରାଣୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ପିଏମ୍‌ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ



ମାଥିଲି,୨୧।୧୨(ସମିସ): ମାଲକାନାଗିରି ଜିଲ୍ଲା ମାଥିଲି ବ୍ଲକ୍ ଉଦୁଲିବେଡା ସ୍ଥିତ ପିଏମଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ୧୦ମ ବାର୍ଷିକ କ୍ରୀଡା ଉତ୍ସବ ଓ ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସଞ୍ଜୀବ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ , ବ୍ଲକ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଗିରଥି ବେହେରା,ପଞ୍ଚାୟତ ସମିତି ଅଧ୍ୟକ୍ଷ ମହେଶ କୁମାର , ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏମ୍ ପ୍ରମୋଦ କୁମାର ବେହେରା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶିବ ଶଙ୍କର ସାହୁ, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ କାର୍ତ୍ତିକ ବେହେରା, ସାମାଜିକ ଉନ୍ନୟନ ସଂସ୍ଥା ର ସମ୍ପାଦକ ରାମ ଗୋବିନ୍ଦ ପଣ୍ଡା, ଉଦୁଲିବେଡା ସରପଞ୍ଚ ଦେବାନନ୍ଦ ଖିଲ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହେନ୍ଦ୍ର ମାଝୀ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତାପ କୁମାର ରାୟ, ଉଦୁଲିବେଡା ପଞ୍ଚାୟତ ସମିତି ସଭ୍ୟ ରାମା ରାଓ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ଏବଂ ପୂର୍ବତନ ଛାତ୍ରଛାତ୍ରୀ ମାନଙ୍କ ଉପସ୍ଥିତିରେ ସର୍ବ ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ମଞ୍ଚ ଉପରେ ବିରାଜମାନ ଠାକୁରଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ବାର୍ଷିକ କ୍ରୀଡ଼ା ଉତ୍ସବ ୨୦୨୫ କାର୍ଯକ୍ରମ ଆରମ୍ଭ ହୋଇଥିଲା। ଉପସ୍ଥିତ ଅତିଥି ଛାତ୍ରଛାତ୍ରୀ ମାନଙ୍କୁ ଭଲ ମଣିଷ ଭାବେ ନିଜକୁ ଗଢ଼ି ତୋଳିବାକୁ ବୁଝାଇଥିଲେ। ଛାତ୍ରଛାତ୍ରୀ ମାନେ ବିଭିନ୍ନ ଖେଳକୁଦରେ ଭାଗ ନେଇ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ତରରେ ପୁରସ୍କୃତ କରଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀ ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ଡୁମୁରିପୁଟ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୋରାପୁଟ,୨୧।୧୨(ସମିସ): କୋରାପୁଟ ବ୍ଲକ ଡୁମୁରିପୁଟ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ନିଘମାନିଗୁଡ଼ାର ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଛି। ସ୍କୁଲ ପିରିଚଳନା କମିଟି ସଭାପତି ନବୀନ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଆଲୁମିନି ସଂଘ ସଭାପତି ଜଗଦୀଶ ଖୋସଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରା ଯିବା ପରେ ପ୍ରଧାନ ଶିକ୍ଷକ ଆର ଶିବ ଶଙ୍କର ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଡୁମୁରିପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ଜିଲ୍ଲାର ଏକ ଖ୍ୟାତି ସମ୍ପନ୍ନ ଅନୁଷ୍ଠାନ, ଏହାର ବିକାଶ ଓ ଆବଶ୍ୟକତା ପୁରଣ ନିମନ୍ତେ ସେ ସମସ୍ତ ସହାୟତା ଯୋଗାଇ ଦେବେ ବୋଲି ମୁଖ୍ୟ ଅତିଥି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରା ଯିବା ସହ ୨୦୨୪ ଦଶମ ବୋର୍ଡ ପରୀକ୍ଷାରେ ସର୍ବୋଚ ନମ୍ବର ରଖି ସ୍କୁଲ ଟପ୍ପର ହୋଇଥିବା କାହ୍ନା ଗୁଣ୍ଠାକୁ ମୁଖ୍ୟ ଅତିଥି ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ଜିଲ୍ଲାରେ ଖାଲି ପଡିଛି ଡିଆରସିଏସ ପଦବୀ

# ସହକାରୀ ନିବନ୍ଧକଙ୍କ କାନ୍ଧରେ ଉପ ନିବନ୍ଧକ ଦାୟିତ୍ୱ

ରାୟଗଡ଼ା,୨୧।୧୨(ସମିସ): ରାୟଗଡ଼ା ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଚାଷୀଙ୍କ ଠାରୁ ଧାନ କ୍ରୟ ପାଇଁ ଖୋଲାଯାଉଥିବା ମଣ୍ଡି ପରିଚାଳନା ତଥା ବ୍ୟବସ୍ଥା ଅନୁଧ୍ୟାନ ପାଇଁ ଜିଲ୍ଲାରେ ନାହାନ୍ତି ସ୍ଥାୟୀ ସମବାୟ ସମିତି ଉପ ନିବନ୍ଧକ। ଫଳରେ ଏହି କୃଷକ ଧାନ ବଶିଷ୍ଠ ପଦବୀର ଦାୟିତ୍ୱକୁ ବାଧ୍ୟ ହୋଇ ତୁଲାଉଛନ୍ତି ଗ୍ରୁପ ବି ଶ୍ରେଣୀର ଅଧିକାରୀ। ତାହା ପୁଣି ଅବସର ଚାକିରି ଅଭିଜ୍ଞତା ଥିବା ଜଣେ ଯୁବ ଅଧିକାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ଜଣାପଡିଛି। ସେହିପରି ଜିଲ୍ଲା ଯୋଗାଣ ବିଭାଗରେ ମଧ୍ୟ ରାୟଗଡ଼ା ସଦର ଅତିରିକ୍ତ ଯୋଗାଣ ଅଧିକାରୀ (ଏସିଏସଓ)ଙ୍କ ପଦବୀ ଖାଲି ପଡିଥିବା ବେଳେ ଏହି ପଦବୀରେ ନିଯୁକ୍ତ ପାଇଁ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗ କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକର ଯୋଗାଣ ନିରୀକ୍ଷକ ରାମଚନ୍ଦ୍ର ଖିଲୋଙ୍କୁ ପଦୋନ୍ନତି ଦେଇ ରାୟଗଡ଼ା ସଦର ଏସିଏସଓ ଭାବେ ବଦଳି କରିଥିବା ବେଳେ ଶ୍ରୀ ଖିଲୋ ଏଯାଏଁ କୋରାପୁଟ ଜିଲ୍ଲାରୁ ବଦଳି ହୋଇ ନ ଥିବା ଜଣାପଡିଛି। ଫଳରେ ଏହି ପଦବୀର ଅତିରିକ୍ତ ଦାୟିତ୍ୱ ଜିଲ୍ଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ଉପରେ

**ମଣ୍ଡି ସମୟରେ ପଦବୀ ଖାଲି ନେଇ ଚାଷୀ ହତାଶ**

ନ୍ୟସ୍ତ କରାଯାଇଛି। ଯାହାକୁ ନେଇ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ଅଧିକାରୀଙ୍କ ଉପରେ ଏହା ଅଧିକ ବୋଝ ହେଉଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ରାୟଗଡ଼ା ସମବାୟ ସମିତି ଉପ ନିବନ୍ଧକ ସୀତାପତି କରୁଣାକର ମାଝିଙ୍କୁ ଗତ ଅକ୍ଟୋବର ୮ ତାରଖରେ ରିଲିଭ କରାଯାଇ ଭୁବନେଶ୍ୱର ସ୍ଥିତ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ହୋଇଥିଲା। ମାତ୍ର ୨ ବର୍ଷର ଅଭିଜ୍ଞତା ଥିବା ସହକାରୀ ନିବନ୍ଧକ ଜନ୍ମେଜୟ ମହାପାତ୍ରଙ୍କୁ ୯ ତାରିଖରୁ ଡିସେମ୍ବର ୩ ତାରିଖ ପର୍ଯ୍ୟନ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପରେ ଡିସେମ୍ବର ୪ ତାରିଖରେ ଗୋଟିଏ ଦିନ ପାଇଁ ଡିଆରସିଏସ ଭାବେ ଗିରିଶ ଚନ୍ଦ୍ର ପୁରୋହିତଙ୍କୁ ନିଯୁକ୍ତି ଦେଇ ପୁଣି ଅସ୍ଥାୟୀ ଭାବେ କାର୍ଯ୍ୟ କରିବାକୁ ଭୁବନେଶ୍ୱର ମୁଖ୍ୟ ଦପ୍ତରରୁ ଆଦେଶ ପ୍ରଦାନ କରାଗଲା। ଶ୍ରୀ ପୁରୋହିତ ରାୟଗଡ଼ାରୁ ଦରମା ପାଉ ଭୁବନେଶ୍ୱରରେ କାର୍ଯ୍ୟ କରୁଥିବା ଜଣାପଡିଛି। ଉକ୍ତ ଦିନ ପୁନଶ୍ଚ ସହକାରୀ ନିବନ୍ଧକ ଶ୍ରୀ ମହାପାତ୍ରଙ୍କୁ ଅନ୍ୟ ଆଦେଶ ପର୍ଯ୍ୟନ୍ତ ଭାରପ୍ରାପ୍ତ ଉପ ନିବନ୍ଧକ ଭାବେ ଅବସ୍ଥାପିତ କରାଯାଇଛି। ଫଳରେ ଜିଲ୍ଲାରେ କୃଷକଙ୍କ ସମସ୍ୟା ଓ ବର୍ତ୍ତମାନ ଖୋଲା ଯାଇଥିବା ମଣ୍ଡି ପରିଚାଳନାକୁ ନେଇ ଉପୁଜୁଥିବା ବିବାଦକୁ ଜଣେ କନିଷ୍ଠ ସହକାରୀ ନିବନ୍ଧକ କିଭଳି ଭାବେ ସମାଧାନ କରି ପାରୁଥିବେ ତାହା ସମସ୍ତଙ୍କୁ ଚକିତ କରିଛି। ଏପରିକି ଜିଲ୍ଲାର ଗୁଣପୁର ଉପଖଣ୍ଡରେ ଜଣେ ବରିଷ୍ଠ ସହକାରୀ ନିବନ୍ଧକ କାର୍ଯ୍ୟ କରୁଥିବା ବେଳେ ରାୟଗଡ଼ାର ସହକାରୀ ନିବନ୍ଧକଙ୍କୁ କିଭଳି ଭାବେ ଉପ ନିବନ୍ଧକଙ୍କ ଦାୟିତ୍ୱ ପ୍ରଦାନ କରାଗଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ସ୍ଥାୟୀ ଡିଆରସିଏସ ଅଧିକାରୀ ନ ଥିବା ଯୋଗୁଁ ଧାନ ଚାଷୀମାନେ ଉଚିତ ସମୟରେ ନିଜ ଧାନ କିଭଳି ଭାବେ ବିକ୍ରି କରିପାରିବେ ଏବଂ ଆନୁସଙ୍ଗିକ ଅବ୍ୟବସ୍ଥାରୁ ମୁକୁଳିବେ ସେ ନେଇ ଆଶା ଆଶଙ୍କାରେ ହତାଶ ହୋଇ ରହିଛନ୍ତି।

## ମନ୍ତ୍ରୀଙ୍କୁ ବିଜେପିର ସମ୍ବର୍ଦ୍ଧନା

ନନ୍ଦପୁର, ୨୧।୧୨ (ସମିସ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନନ୍ଦପୁର ଗସ୍ତ ସମୟରେ ବିଜେପି ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି । ଢେମଶା ଓ ତୂରୀ ମହୁରୀର ତାଳେ ତାଳେ ପାଛୋଟି ନେଇ ଥିଲେ ବିଜେପି କର୍ମୀ ଓ ନେତା । ସୂଚିତ ଯେ ଗୁରୁବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନନ୍ଦପୁର କ୍ୟାମ୍ପସ ପରିଦର୍ଶନ କରି ଧାନ ମଣ୍ଡିର ସମୀକ୍ଷା କାର୍ଯ୍ୟକ୍ରମରେ ନନ୍ଦପୁର ବ୍ଲକରେ ପହଞ୍ଚିବା ପରେ ବିଜେପି କର୍ମୀ ଓ ନେତା ମାନେ ମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଜୟରାମ ଭୋଇଙ୍କ ନେତୃତ୍ୱରେ ପୂର୍ବତନ ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ, ବିଜେପି ଜିଲ୍ଲା ଉପ ସଭାପତି ସରଜ କୁମାର ମିଶ୍ର, ଚୈତନ୍ୟ ନନ୍ଦୀ ବାଲି, ସେକ ଗୋଫୁର, ଭଗବାନ ମୁଦୁଲି, ସୀମାଞ୍ଚଳ ଖିଲ, ମଧୁସୂଦନ ଦୋରା, ରାମ ଦାସ ଖିଲ, ଗଣେଶ ଖିଲ, ସୁରେଶ୍ ଡଙ୍ଗାୟତ୍, ଲକ୍ଷ୍ମଣ ଗୁଣ୍ଠା , ଲାଚାନା ଖିଲ, ସୁଦର୍ଶନ ପାଙ୍ଗି, ନାଗେଶ ପୂଜାରୀ, କରୁଣାକର ନାୟକ, ମହନ ଭୈରୋଗି , ଧନୁର୍ଜୟ ମୁଦୁଲି, ମଧୁ ସୁଦନ ଦୋରା, କୁନା ଚାଲାଣ ପ୍ରମୁଖ ଶତାଧିକ ବିଜେପି କର୍ମୀ ଓ ନେତା ଯୋଗ ଦେଇ ସ୍ୱାଗତ କରିଥିଲେ।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଓ କୁଇଜ୍ ପ୍ରତିଯୋଗିତା

ମୁନିଗୁଡା,୨୧।୧୨(ସମିସ):



ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜିଟିଓ ଠାରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ବିଜ୍ଞାନ ମେଳା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଜୁନିଅର ବିଜ୍ଞାନ ପ୍ରୋଜେକ୍ଟ ପାଇଁ ୧୮ ଜଣ ଛାତ୍ରଛାତ୍ରୀ ଓ ସିନିୟର୍ ବିଜ୍ଞାନ ପ୍ରୋଜେକ୍ଟ ପାଇଁ ୧୨ଜଣ ଭାଗ ନେଇଥିଲେ। ଉକ୍ତ ମେଳାରେ ମୁନିଗୁଡା ପଞ୍ଚାୟତର ସରପଞ୍ଚ ସରସ୍ୱତୀ ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରେସ୍ କ୍ଲବର ସଭାପତି ରାଜୀବ ଲୋଚନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁନିଗୁଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଷ ଶବର ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁବାଷ ଚନ୍ଦ୍ର ସିଂହ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ ଅନୁପମା ବେହେରା, ସରଧାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ପ୍ରଭାକର ବେହେରା ଓ ସରକାରୀ ଉଚ୍ଚ ବିଦ୍ୟାଳୟ ଭୈରବଗଡର ଶିକ୍ଷକ ମହେଶ୍ୱର କରକରିଆ ବିଚାରକ ଭାବେ କାର୍ଯ୍ୟ ତୁଲାଇ ଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଶ୍ୱିନୀ ବାରିକ୍, ଆର୍ତ୍ତତ୍ରାଣ ଭୋଇ ପବିତ୍ର ଲିମା, ସୁଶାନ୍ତ ପରିଡ଼ା, ମାନସୀ ମହାନ୍ତି, କମେଳେଶ ଶବର, ଆର ସୁରେଶ ପଟ୍ଟନାୟକ, ବାଲାଜୀ ପଟ୍ଟନାୟକ, ମୋନାଲିଶା ପଣ୍ଡା ଓ ଭାଗିରଥି ଧଳ ସହଯୋଗ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଜିଟିଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ମୁକେଶ ଦେଉରୀ ଜୁନିଅରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଏଭି ମୁନିଗୁଡାର ଛାତ୍ର ସ୍ୱଙ୍ଗ ସିଧା ଜେନା ଦ୍ୱିତୀୟ ସ୍ଥାନ ଅଧିକାର କରିଅଛି। ଓଏଭି ମୁନିଗୁଡାର ଛାତ୍ରୀ ଜସ୍ମିନ ପିଡିକାକା ସିନିୟର୍ କୁଇଜରେ ପ୍ରଥମ ସ୍ଥାନ ହାସଲ କରିଛି। ସାହିଲ ଟାକିରି ସବ୍ ଜୁନିୟରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନେ ଆସନ୍ତା ୨୧ ତାରିଖ ରବିବାର ଦିନ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବା ପାଇଁ ବ୍ଲକ ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅରୁଣା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ତ୍ରିଦିବସୀୟ ଜେଆରସି କାର୍ଯ୍ୟକ୍ରମରେ କୋଟପାଡ଼ ବିଧାୟକ



କୁନ୍ଦୁରା, ୨୧।୧୨(ସମିସ): କୁନ୍ଦୁରା ବ୍ଲକ ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ ଠାରେ ତିନିଦିନିଆ ଜୁନିଅର ରେଡ଼କ୍ରସ ପ୍ରଶିକ୍ଷଣ ଏବଂ ଅଧ୍ୟୟନ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଠାରେ ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟକ ରୂପୁ ଭତ୍ରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟା କନକ ଲତା ପେଣ୍ଡିଆ, ଏମପି ପ୍ରତିନିଧି ଅମ୍ମୁ ପାତ୍ର,ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତରୁଣୀସେନ ବିଷୋୟୀ, ସରପଞ୍ଚ ଲବ ପରଜା, ସମିତି ସଭ୍ୟ ଦାମୋଦର ଗଣ୍ଡା, ଅତିରିକ୍ତ ଜିଲ୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ, ଲାଛନାଗୁଡା ପ୍ରଧାନ ଶିକ୍ଷକ ସରୋଜ କୁମାର ପାଢ଼ୀ, ରାଜ୍ୟ ଜୁନିଅର ରେଡ଼କ୍ରସ ପ୍ରତିନିଧି ଯଜ୍ଞେଶ୍ୱର ପଣ୍ଡା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ସେଠି ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ଷ୍ଟଲ ଗୁଡିକରେ ଆୟୋଜିତ କୋରାପୁଟ ଜିଲ୍ଲାର ବିଭିନ୍ନ ପୁରୁଣା ବ୍ୟବହୃତ ଆଦିମ ସଂସ୍କୃତି ଏବଂ ପରମ୍ପରା ପ୍ରଦର୍ଶିତ ଜିନିଷ ଗୁଡିକ ଅତିଥି ବୁଲି ଦେଖିଥିଲେ। ଏଥିରେ ମୁଖ୍ୟ ଆକର୍ଷଣ ରହିଥିଲା ଆଦିବାସୀ ମହିଳା ମାନେ ବର୍ଷା ଦିନେ ବ୍ୟବହାର କରୁଥିବା ଛାତଡି ପିନ୍ଧିଥିଲେ ବିଧାୟକ ରୂପୁ ଭତ୍ରା। ଏହା ସହିତ ଏହି ପରମ୍ପରା ସହିତ ରାଜ୍ୟ ସରକାର ମଧ୍ୟ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପଛରେ ରହିଛନ୍ତି ବୋଲି କହିଛନ୍ତି। କେବଳ ପାଠ ନୁହେଁ, ଜଣେ ଶିକ୍ଷାର୍ଥୀ ଜୀବନରେ ସମସ୍ତ ପ୍ରକାରର ବିଷୟକୁ ନେଇ ଆଗେଇବା ଦ୍ୱାରା ଜୀବନରେ ଶୀର୍ଷ ସ୍ତରକୁ ପହଞ୍ଚି ପରବ ବୋଲି ବିଧାୟକ କହିଛନ୍ତି। କୋରାପୁଟ ଜିଲ୍ଲାର ୧୪ଟି ବ୍ଲକରେ ରହିଥିବା ଉଚ୍ଚ ବିଦ୍ୟାଳୟ ଗୁଡିକର ଛାତ୍ର ଛାତ୍ରୀ ମାନେ ଏଠାରେ ଯୋଗ ଦେଇ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। କୃତି ଛାତ୍ରୀଛାତ୍ର ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ବିଶ୍ୱ ରଞ୍ଜନ ତ୍ରିପାଠୀ, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ଏମପି ପ୍ରତିନିଧି ତୁଷାର ଭଟ୍ଟ, ବେଣୁଧର ପାତ୍ର,ଲଛ ମନ ଭତ୍ରା ଏବଂ ସୁନ୍ଦର ମାଳି ପ୍ରମୁଖ ଉପସ୍ଥିତ ଥିଲେ।

## ଆଦିବାସୀ ସମାଜ ବୈଠକ



ମୁନିଗୁଡ଼ା,୨୧।୧୨(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଶିବପଦର ପଞ୍ଚାୟତ ଶିବପଦର ମଣ୍ଡି ଠାରେ ମୁନିଗୁଡ଼ା ଆଦିବାସୀ ସମାଜ ପକ୍ଷରୁ ତ୍ରୟ ମାସିକ ଆଦିବାସୀ ସମାଜ ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁନିଗୁଡ଼ା ବ୍ଲକ ଆଦିବାସୀ ସମାଜ ସଭାପତି ଜଗନ୍ନାଥ ନୁଣ୍ଡରୁକା ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ମୁନିଗୁଡ଼ା ଆଦିବାସୀ ସମାଜ ସାଧାରଣ ସମ୍ପାଦକ ତ୍ରିପତି କିଲାକା, ଉପସଭାପତି ରାଜୀବ ପୁଶିକା, କୋଷାଧ୍ୟକ୍ଷ ଅନନ୍ତ ନୁଣ୍ଡୁରୁକା, ପାତ୍ରଗୁଡା ସରପଞ୍ଚ ଅନନ୍ତ ନୁଣ୍ଡୁରୁକା, ଘମଟଗୁଡା ସରପଞ୍ଚ ଅନନ୍ତ ନୁଣ୍ଡୁରୁକା, ରଘୁବାରି ସରପଞ୍ଚ ନାଉଙ୍ଗା ମାଝୀ, ଆଦିବାସୀ ସମାଜର ସକ୍ରିୟ ସଦସ୍ୟ ଜଗା ଶବର, ବେଣୁଧର ଗାଦ୍ରାକା, ସୁରେନ୍ଦ୍ର ନୁଣ୍ଡୁରୁକା, ମାଗଦର୍ଶକ ଶିକ୍ଷକ କହ୍ଣ କୁମୁରୁକା, ସରକାରୀ କର୍ମଚାରୀ ରବିନ୍ଦ୍ର ମେଲାକା, ନିୟମଗିରି ସୁରକ୍ଷା ସମିତି ନାରୀ ନେତ୍ରୀ କୁରୁଞ୍ଜି କୁଟ୍ରୁକା, ନାରୀନେତ୍ରୀ ଶକୁନ୍ତଳା ନୁଣ୍ଡୁରୁକା, ବ୍ଲକ ଅଧକ୍ଷା ଦୁଃଖିନୀ ନୁଣ୍ଡୁରୁକା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଭାପତି ଜଗନ୍ନାଥ ନୁଣ୍ଡୁରୁକା ପରିଚାଳନା କରିଥିବା ବେଳେ ରବି ନୁଣ୍ଡୁରୁକା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପାରମ୍ପରିକ ଗୀତ ପରିବେଷଣ କରାଯିବା ପରେ ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ବିଶେଷ କରି ଗତ ବୈଠକର ବିବରଣୀ ଓ ଦୃଢ଼ି କରଣ, ଆୟ ଓ ବ୍ୟୟର ବିବରଣୀ, ଶିକ୍ଷା, ନିଶା ନିବାରଣ, ସଂସ୍କୃତି ପରମ୍ପରା ଓ ଭାଷା ଉପରେ ଗୁରୁତ୍ୱ ଦେବା ସହ ଆଗାମୀ ବୈଠକର ତାରିଖ ଧାର୍ଯ୍ୟ କରିବା ବିଷୟରେ ଆଲୋଚନା କରାଯାଇଥିଲା। ଖୁବ ଶୀଘ୍ର ସମସ୍ତ ସମସ୍ୟାର ସମାଧାନ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ ମୁନିଗୁଡ଼ା ଆଦିବାସୀ ସମାଜ ସଭାପତି ଜଗନ୍ନାଥ ନୁଣ୍ଡୁରୁକା ।ଏହି ବୈଠକରେ ବିଭିନ୍ନ ଆଲୋଚନା ପରେ ସଭା ସଙ୍ଗ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁନିଗୁଡ଼ା ବ୍ଲକର ୧୭ ଟି ପଞ୍ଚାୟତର ଆଦିବାସୀ ଯୁବକମାନେ ଯୋଗ ଦେଇଥିଲେ।

## ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଜନପ୍ରତିନିଧିଙ୍କୁ ଅଣଦେଖା

କାକିରିଗୁମା,୨୧।୧୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ ଗୌଡ଼ଗୁଡା ଆଦର୍ଶ ବିଦ୍ୟାଳୟରେ ଶନିବାର ଦିନ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ଅତିଥି ମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। କେତେକ ଅବସରପ୍ରାପ୍ତ କର୍ମଚାରୀ ତଥ୍ୟ ଶିକ୍ଷା ବିଭାଗ ସହିତ ସମ୍ପର୍କ ନଥିବା କେତେ ଅଧିକାରୀ ଏହି ଉତ୍ସବର ମୁଖ୍ୟ ଆକର୍ଷଣ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦକୁ ଆମନ୍ତ୍ରଣ କରାନଯିବା ଏବଂ ଅଧିକାଂଶ ଆମନ୍ତ୍ରିତ ଅତିଥି ମାନେ ଯୋଗ ନ ଦେବାକୁ ନେଇ ଚର୍ଚ୍ଚା ଜୋର ଧରିଛି। ବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମରେ ଆଞ୍ଚଳିକ ଜନପ୍ରତିନିଧି, ପୁରାତନ ଛାତ୍ର ଛାତ୍ରୀ ଏବଂ ସେମାନଙ୍କର ଅଭିଭାବକଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଜିଲ୍ଲା ପରିଷଦ ସଦସ୍ୟ ଅନୁଷ୍ଠାନର କର୍ମଚାରୀ ମାନଙ୍କର ବେପରୁଆ ମନୋଭାବକୁ ନିନ୍ଦା କରିଛନ୍ତି।

## ରାସ୍ତା ପାଇଁ ହିନସ୍ତା ୪ଖଣ୍ଡ ଗ୍ରାମବାସୀ



ବୈପାରିଗୁଡ଼ା,୨୧।୧୨(ସମିସ): ପକ୍କା ରାସ୍ତା ନଥିବାରୁ ନାହିଁ ନଥିବା ହଇରାଣ ସହ ହିନସ୍ତା ହେଉଛନ୍ତି ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଚିପାକୁର ପଞ୍ଚାୟତର ଚାରିଖଣ୍ଡ ଗ୍ରାମବାସୀ। ଚିପାକୁର ପଞ୍ଚାୟତର ସୀମାରେ ଥିବା ଅଁଳାଗୁଡା, କାଦଆମ୍ବ, କେ. ମାଳିଗୁଡା ଏବଂ ଦଳେଇଗୁଡା ଗ୍ରାମ ଗୁଡ଼ିକ ରାମଗିରି ପଞ୍ଚାୟତକୁ ସଂଯୋଗ କରିଥାଏ। ରାମଗିରି ପଞ୍ଚାୟତଠାରୁ ଚିପାକୁର ପଞ୍ଚାୟତର ଅଁଳାଯୋଡି ଗ୍ରାମର ଦୂରତା କେବଳ ଦୁଇ କିଲୋମିଟର। ସେହି ଦୁଇ କିଲୋମିଟର ରାସ୍ତା ଅତି ଶୋଚନୀୟ ଅବସ୍ଥାରେ ରହିଛି। ଚିପାକୁର ପଞ୍ଚାୟତର ଉକ୍ତ ଚାରିଖଣ୍ଡ ଗ୍ରାମର ସ୍କୁଲ ଛାତ୍ରଛାତ୍ରୀଙ୍କୁ ରାମଗିରି ପଞ୍ଚାୟତର ଚାମେଲିକୁଣ୍ଡ ବିଦ୍ୟାଳୟର ଦୂରତା ଦୁଇ କିଲୋମିଟର ହୋଇଥିବାରୁ ସେହି ବିଦ୍ୟାଳୟରେ ପାଠ ପଢିଥାନ୍ତି। ଚିପାକୁର ପଞ୍ଚାୟତର ଏହି ଚାରିଖଣ୍ଡ ଗ୍ରାମର ଗ୍ରାମବାସୀ ପ୍ରାୟତଃ ରାମଗିରି ଉପରେ ନିର୍ଭର କରିଥାନ୍ତି। ସାପ୍ତାହିକ ହାଟକୁ ଯିବା ପାଇଁ ହେଉ କିମ୍ବା ସ୍ୱାସ୍ଥ୍ୟ ସେବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ଯିବା ଅଥବା କଲେଜ ଛାତ୍ରଛାତ୍ରୀଙ୍କ ଓ ଗ୍ରାମବାସୀଙ୍କୁ ବୈପାରିଗୁଡା ବ୍ଲକ ସଦର ମହକୁମାକୁ ଆସିବା ପାଇଁ ବସ୍ ସେବା ନିମନ୍ତେ ରାମଗିରିକୁ ଆସିବାକୁ ହୁଏ। ରାମଗିରି ଠାରେ ସ୍ୱାସ୍ଥ୍ୟକେନ୍ଦ୍ର ସହ ଆମ୍ବୁଲାନ୍ସ ସେବା ରହିଛି। କିନ୍ତୁ ଏହି ଚାରିଖଣ୍ଡ ଗ୍ରାମକୁ ପକ୍କା ରାସ୍ତା ନଥିବାରୁ ଆମ୍ବୁଲାନ୍ସ ପହଞ୍ଚି ପାରେନାହିଁ। ଖୋଟିଆରେ ରୋଗୀ ଦୁଇ କିଲୋମିଟର ବୁହା ହୋଇ ଆବୁଡା କାବୁଡା ରାସ୍ତା ପାର ହେଲେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପହଞ୍ଚି ହୁଏ। ବହୁ କଷ୍ଟରେ ଦୁଇ ଚକିଆ ଯାନ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି। ସ୍କୁଲ ଛାତ୍ରଛାତ୍ରୀଙ୍କୁ ପାଦରେ ଚାଲି ଚାଲି ଖାଲଖମା ପୂର୍ଣ୍ଣ ରାସ୍ତା ପାର ହେଲେ ଚାମେଲିକୁଣ୍ଡ ବିଦ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚି ପାରନ୍ତି। ଏହି ଦୁଇ କିଲୋମିଟର ଶୋଚନୀୟ ରାସ୍ତାକୁ ମରାମତି କରିବା ପାଇଁ ଦାବି କରିଛନ୍ତି ଚାରିଖଣ୍ଡ ଗ୍ରାମର ଗ୍ରାମବାସୀ। ଏସଂପର୍କରେ ଚିପାକୁର ପଞ୍ଚାୟତ ସରପଞ୍ଚ ରାଜୁ ଖିଲଙ୍କ ସହ ଯୋଗାଯୋଗ କରିବାରୁ ମନରେଗା ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ ରଖାଯାଇଛି ଅତିଶୀଘ୍ର କାମ ଆରମ୍ଭ ହେବ ବୋଲି ପ୍ରକାଶ କରିଛନ୍ତି।

## ଡିଏଭି ମଡେଲ ସିନିୟର ସେକେଣ୍ଡାରୀ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ଜୟପୁର,୨୧।୧୨(ସମିସ) :




ଜୟପୁର ସହରର ଡିଏଭି ମଡେଲ ସିନିୟର ସେକେଣ୍ଡାରୀ ବିଦ୍ୟାଳୟଠାରେ ଦୁଇଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଓ ଶନିବାର ଅନୁଷ୍ଠିତ ହୋଇଥିଲା। କ୍ରୀଡ ଶିକ୍ଷକ ଅଙ୍କେଶ ଶ୍ରୀବାସ୍ତବଙ୍କ ପରିଚାଳନାରେ ଆୟୋଜିତ ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟର ସଭାପତି ରମାକାନ୍ତ ରାଉଳ, ମୁଖ୍ୟବକ୍ତା ଭାବେ ଉପଖଣ୍ଡ କ୍ରୀଡ଼ା ସମ୍ପାଦକ ରବି ନାୟକ, ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରବିନାରାୟଣ ପାଣିଗ୍ରାହୀ, ଏକାଡେମୀ ଇନଚାର୍ଜ ଏମ୍‌ଡି ଅବଦୁଲ କାଦିର, ପ୍ରଧାନଶିକ୍ଷୟିତ୍ରୀ ରାଜଶ୍ରୀ ରଥ ପ୍ରମୁଖ ଉପସ୍ଥିତ କ୍ରୀଡ଼ା ପ୍ରତି ଆକର୍ଷିତ ହେବା ନେଇ ଉତ୍ସାହିତ କରିଥିଲେ। କ୍ରୀଡା ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ରାଜ ମହଲରେ ଅବସ୍ଥିତ କନକ ଦୁର୍ଗା ମନ୍ଦିରରୁ ମଶାଲ ନେଇ ବିଦ୍ୟାଳୟ ଖେଳ ପଡିଆରେ ପହଞ୍ଚିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ବିଭିନ୍ନ କ୍ରୀଡ଼ାକୁଦ ସହିତ କୌତୁକବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ଶ୍ରେଷ୍ଠ ବିଜେତା ଖେଳାଳି ମାନଙ୍କୁ ନେଇ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷୟିତ୍ରୀ ଶୋଭାଗିନୀ ନନ୍ଦ, ଶାନ୍ତି ଭତ୍ରା, ସାଗରିକା ପଟ୍ଟନାୟକ, ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ, ସନ୍ଧ୍ୟା ବର୍ମା, ବିଜୟଲକ୍ଷ୍ମୀ ମହାନ୍ତି, ସତ୍ୟ ଭାମା ସାହୁ, ନିଳେନ୍ଦ୍ରୀ ବେହେରା, ସସ୍ମିତା ଦାଶ, ରାମେଶ୍ୱରୀ ସାହୁ, ଅନୁରାଧା ଶତପଥୀ, ସାଗରିକା ମିଶ୍ର, ପୂଜା ରାୟ, ବର୍ଷା ପାଣିଗ୍ରାହୀ, ଚିନ୍ମୟୀ ପାଇକରାୟ, ପ୍ରକାଶ ସିଂହ,ସୁରେଶ ପଣ୍ଡା ଓ ଗୀତା ପ୍ରମୁଖ ସହଯୋଗ କରିଥିଲେ।

# ସଂସଦରେ ବକ୍ତବ୍ୟ ରଖିବେ ମାଝୀଧନୁଆର ଛାତ୍ର ବସନ୍ତ



କୋଷାଗୁମୁଡା,୨୧।୧୨(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀ ବାଜପେୟୀ ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ସ୍ୱାଧୀନତା ସଂଗ୍ରାମୀ ମଦନମୋହନ ମାଲବ୍ୟଙ୍କର ୧୫୦ ତମ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ସଂସଦ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଉନ୍ନୀତ ଉଚ୍ଚବିଦ୍ୟାଳୟ ମାଝୀଧନୁଆର ଛାତ୍ର ବସନ୍ତ ଚଣ୍ଡାଳ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମ ୨୫ ଡିସେମ୍ବରରେ ସଂସଦ ଭବନରେ ଅନୁଷ୍ଠିତ ହେବ। ଏଥିରେ ଛାତ୍ର ବସନ୍ତ ଚଣ୍ଡାଳ ବକ୍ତବ୍ୟ ରଖିବେ।ଏହି ସଫଳତା ପଛରେ ମାର୍ଗଦର୍ଶକ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳଙ୍କ ଅକ୍ଲାନ୍ତ ପରିଶ୍ରମ ରହିଛି। ଏହି ଖବର ପହଞ୍ଚିବା ପରେ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକଙ୍କ ସମେତ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

● ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନ

# ଦୁଇଦିନିଆ ଜିଲ୍ଲାସ୍ତରୀୟ ତାଲିମ ଶିବିର



ନବରଙ୍ଗପୁର,୨୧।୧୨(ସମିସ): ଶହେ ଦିନିଆ ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନ ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ ଠାରେ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ତାଲିମ ଓ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ଆସୋସିଏସନ ଫର୍ ଭୋଲ୍ୟୁଣ୍ଟାରୀ ଆକ୍ସନ ତରଫରୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗର ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଉଦଘାଟନ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତପନକୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାଲ୍ୟବିବାହ ମୁକ୍ତି ହେଉଛି ପ୍ରଶାସନ ଓ ସମାଜର ସାମୂହିକ ଦାୟିତ୍ୱ ଏବଂ ନବରଙ୍ଗପୁର ଜିଲ୍ଲାକୁ ବାଲ୍ୟବିବାହ ମୁକ୍ତ କରିବା ପାଇଁ ଜିଲ୍ଲା ପ୍ରଶାସନ ପୂର୍ଣ୍ଣ ସହଯୋଗ ଦେବ ବୋଲି ନିଶ୍ଚିତ କରାଇଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବ୍ୟାଖ୍ୟା କରି କହିଥିଲେ। ଚାଇଲ୍ଡ ରାଇଟ୍ସ ଆସୋସିଏଟ ସୌରଭ ଉପାଧ୍ୟାୟ ଏ ସମ୍ପର୍କରେ ଅବଗତ କରାଇଥିଲେ। ଅଧିବକ୍ତା କିଶୋରୀ ପଟ୍ଟନାୟକ ବାଲ୍ୟବିବାହରେ ଜଡିତ ବ୍ୟକ୍ତିଙ୍କୁ ଦୁଇ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଓ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ ବୋଲି କହିଥିଲେ। ୱେମେନ୍ ହବ୍‌ରୁ ସସ୍ମିତା ପାତ୍ର ବାଲ୍ୟବିବାହ ପ୍ରତିରୋଧ ଉପରେ ପିପିଟି ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଂଶଗ୍ରହଣକାରୀ ବାଲ୍ୟବିବାହ ବିରୋଧରେ ଶପଥ ଗ୍ରହଣ କରିଥିଲେ।

ବିଶ୍ୱ ଧ୍ୟାନ ଦିବସ ପାଳିତ

# ‘ଧ୍ୟାନକୁ ଅଭ୍ୟାସରେ ପରିଣତ କର’



ରାୟଗଡା,୨୧।୧୨(ସମିସ): ବ୍ୟକ୍ତିଗତ ପରିବର୍ତ୍ତନରେ ସମଷ୍ଟିର ପରିବର୍ତ୍ତନ’ ବାର୍ତ୍ତା ବହନ କରୁଥିବା ଦ୍ୱିତୀୟ ବିଶ୍ୱ ଧ୍ୟାନ ଦିବସ ଆଜି ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ରୀଡ଼ା ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ଅଧ୍ୟକ୍ଷା ଡ. ସରସ୍ୱତୀ ରାୟ ଏବଂ ମୁଖ୍ୟ ଅତିଥି ମହର୍ଷି ବିଦ୍ୟାମନ୍ଦିର ଅଧ୍ୟକ୍ଷ ରଞ୍ଜନ ସାହୁ। ଉଭୟେ ନିଜ ବକ୍ତବ୍ୟରେ ଧ୍ୟାନର ଉପାଦେୟତା ସମ୍ପର୍କରେ ବୁଝାଇଥିଲେ। ମୁଖ୍ୟ ଅତିଥି ଧ୍ୟାନକୁ ଅଭ୍ୟାସରେ ପରିଣତ କରିବା ପାଇଁ ସମସ୍ତଙ୍କୁ ଉପଦେଶ ଦେଇଥିଲେ। ଅଧ୍ୟକ୍ଷା ତଥା ଆର୍ଟ ଅଫ୍ ଲିଭିଂ ପ୍ରଶିକ୍ଷିକା ଡ.ସରସ୍ୱତୀ ରାୟ ସହାଭାଗୀ ମାନଙ୍କୁ ବିଭିନ୍ନ ଯୋଗାସନ ଶିକ୍ଷା ଦେବା ସହ ଗୁରୁଦେବଙ୍କ ନିର୍ଦ୍ଦେଶିତ ପଞ୍ଚକୋଷ ଧ୍ୟାନ କରାଇ ଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଧ୍ୟାପକ ଏମ. ଶ୍ରୀନିବାସ ଅଚାରୀ। ଧ୍ୟାନର ଅନୁଭବକୁ ବାଣ୍ଟି ଥିଲେ ଲେଫ୍‌ଟନାଣ୍ଟ ଉଦୟ ନାଏକ, ସୁବ୍ରତ ପ୍ରଧାନ, ଭବେଶ ମହାନ୍ତି, ପ୍ରିୟଦର୍ଶିନୀ ବଳ। କାର୍ଯ୍ୟକ୍ରମରେ ପି. ଅରୁଣ କୁମାର, ଅଜୟ ରୈତ, ମୋନାଲିସା ପାଣିଗ୍ରାହୀ, ଶଙ୍କର ପେଦୁର, ହେମନ୍ତ ସ୍ୱାଇଁ, ଅନିତା ସାହୁ, ମନୋଜ ପଟନାୟକ, ମନ୍ମଥ ଟୋଇକା ପ୍ରମୁଖ ସହଯୋଗ କରିଥିଲେ। ଏହି ଧ୍ୟାନ ଉତ୍ସବ ରେ ବହୁ ସଂଖ୍ୟାରେ ଯୋଗ ଦେଇ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ଧ୍ୟାନର ଅନୁଭବ ନେଇଥିଲେ।

# ଟ୍ରକ୍-ବାଇକ୍ ମୁହାଁମୁହିଁ, ବାପା ପୁଅ ଗୁରୁତର

ମୁନିଗୁଡ଼ା,୨୧।୧୨(ସମିସ): କୋଇଲା ବୋଝେଇ ଟ୍ରକ ସହ ବାଇକ୍ ମୁହାଁମୁହିଁ ଧକ୍କା। ବାପା ପୁଅ ଗୁରୁତର। ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଥାନା ଅନ୍ତର୍ଗତ ପାତ୍ରଗୁଡା ଗ୍ରାମର ମୁନିଗୁଡା - ଡୁମୁଡିବନ୍ଧ ରାଜ୍ୟ ରାଜପଥ ୫ରେ ଘଟିଛି ଏଭଳି ଦୁର୍ଘଟଣା। ଦୁର୍ଘଟଣାରେ ଆହତ ମାନେ ହେଲେ ଗଲିଆଦୁ ବ୍ରେକବାଡା ଓ ତାଙ୍କ ଆଠ ବର୍ଷର ପୁଅ । ତାଙ୍କ ଘର ଚନ୍ଦ୍ରପୁର ଥାନାର ଗଲିଗୁଡା ଗ୍ରାମର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଆହତ ଗଲିଆଦୁ ବ୍ରେକବାଡା ତାଙ୍କ ଝିଅକୁ ହଷ୍ଟେଲରୁ ଘରକୁ ଆଣିବା ପାଇଁ ଆଜି ସକାଳେ ତାଙ୍କ ସାନ ପୁଅଙ୍କ ସାଙ୍ଗରେ ଅମ୍ବାଦଳାରୁ ମଙ୍ଗଳ ବିଭାଗ ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପହଞ୍ଚି ଝିଅ ଆରତୀଙ୍କୁ ନେଇ ଘରକୁ ଫେରୁଥିଲେ। ସେଠାରୁ ଘରକୁ ଫେରିବା ସମୟରେ ମୁନିଗୁଡାରୁ ଭବାନୀପାଟଣା ଅଭିମୁଖେ ଯାଉଥିବା କୋଇଲା ବୋଝେଇ ଟ୍ରକ୍ ସହ ତାଙ୍କ ବାଇକ ମୁହାଁମୁହିଁ ହୋଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଆହତଙ୍କୁ ଏକ ବୋଲେର ସହାୟତାରେ ମୁନିଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗଲିଆଦୁଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାୟଗଡା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ମୁନିଗୁଡା ପୁଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା କୋଇଲା ବୋଝେଇ ଟ୍ରକକୁ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣା ସ୍ଥଳରୁ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ସନ୍ଧ୍ୟା ସୁଦ୍ଧା ଥାନାରେ କୌଣସି ରିପୋର୍ଟ ହୋଇ ନ ଥିବା ମୁନିଗୁଡା ଥାନା ଆଇଆଇସି ସୌଦାମିନୀ ବେହେରା ସୂଚନା ଦେଇଛନ୍ତି ।

# ଥେରାପି କାର୍ଯ୍ୟକ୍ରମରେ ସାମିଲ ହେଲେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ



ମାଥିଲି, ୨୧।୧୨ (ସମିସ) ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ୨୦ଟି ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ୪୦ ଜଣ ବିଦ୍ୟାର୍ଥୀ ଜିଲ୍ଲା ସଦର ମହକୁମା ମୁଖ୍ୟ ଚିକିତ୍ସାଳୟରରେ ଥିବା ଡିଇଆଇସିରେ ଫିଜିଓ ଥେରାପି କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି। ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସଙ୍କ ନିର୍ଦ୍ଦେଶ କ୍ରମେରେ ୪୦ ଜଣ ବିଦ୍ୟାର୍ଥୀମାନଙ୍କୁ ୪ଟି ଟିମ୍ ଓ ପ୍ରତ୍ୟେକ ଟିମରେ ୧୦ ଜଣ ବିଦ୍ୟାର୍ଥୀ ଓ ୧୦ ଜଣ ଅବିଭାବକଙ୍କ ଜିଲ୍ଲା ସଦର ମହକୁମା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଫିଜିଓ ଥେରାପି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏଥିରେ ଫିଜିଓ ଥେରାପି, ସ୍ପିଚ, ବିହେବିହର ଓ ଅକୁପେସନାଲ ଥେରାପି ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କୁ ପ୍ରଦାନ କରାଯାଇଥିଲା। ବିଦ୍ୟାର୍ଥୀ ଓ ଅବିଭାବକ ମାନେ ଜିଲ୍ଲା ସମ୍ବଳ କେନ୍ଦ୍ରରେ ରହି ବିଭିନ୍ନ ପ୍ରକାରର ଥେରାପୀକୁ ଅଭ୍ୟାସ କରୁଥିଲେ। କାର୍ଯ୍ୟକ୍ରମକୁ ମାଥିଲି ଭାରପ୍ରାପ୍ତ ସମ୍ବଳ କର୍ମୀ ରତ୍ନାକର ପାଳ ସଂଯୋଜନା କରିଥିଲେ। ମାଥିଲି ବ୍ଲକର ସ୍ୱତନ୍ତ୍ର ତାଲିମି ଶିକ୍ଷକ ବିଶ୍ୱ ପାଣ୍ଡେ, ରାଜୀବ ପାଇକରାୟ ଓ ମନୋରଞ୍ଜନ ଜେନା ସହଯୋଗ କରିଥିଲା ବେଳେ ଜିଲ୍ଲା ଇନ୍‌କ୍ଲୁସିଭ ସଂଯୋଜକ ସୌମେନ୍ଦ୍ର କେଶରୀ ମହାପାତ୍ର ଉପସ୍ଥିତ ରହି ଘରକୁ ଫେରିଲା ପରେ ସମସ୍ତ ଥେରାପି ଅଭ୍ୟାସ କରିବାକୁ ବିଦ୍ୟାର୍ଥୀ ଓ ଅବିଭାବକଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରବି ଏସ କେ ପରିଚାଳକ ହରିବନ୍ଧୁ ଦେଶିଆନାୟକ, ଫିଜିଓଲୋଜିଷ୍ଟ ଡାକ୍ତର ସୃତି ସିନ୍ଧା ପ୍ରିୟଦର୍ଶନୀ, ଅଡିଓ ଲଜିଷ୍ଟ ଡାକ୍ତର ପ୍ରେମାନନ୍ଦ ସାହୁ, ଅଟୋମେଟ୍ରିକ ମିରାମ୍ବିକା ମହାପାତ୍ର, ଫିଜିଓ ଥେରୋପିଷ୍ଟ ଡାକ୍ତର ସୌରଭ ସାହୁ, ରେହାବିଲିସନ ୱର୍କର୍ ସୁରେଶ କୁମାର ରାଉତ, ସ୍ନେହାସିଶ ପରିଡ଼ା, ସୁନୀତା ପୂଜାରୀ ଓ ସୁଭାସିସ ବେହେରା ପ୍ରମୁଖ ଉପସ୍ଥିତ ରହି ବିଦ୍ୟାର୍ଥୀ ମାନଙ୍କୁ ବିଭିନ୍ନ ଥେରାପି ପ୍ରଦାନ ଓ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



ରାୟଗଡା,୨୧।୧୨(ସମିସ): ରାୟଗଡ଼ା ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ତଥା ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ରବିବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନବିନ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀ ଓ ଶାନ୍ତିଲତା ମୁନୀ, ମଙ୍ଗଳ ବିଭାଗ ଶିକ୍ଷା ନିରୀକ୍ଷକ ଶ୍ୟାମଘନ ଭୂୟାଁ, ସହକାରୀ ଜିଲ୍ଲାପାଳ କୈଳାସ ଚନ୍ଦ୍ର ସ୍ୱାଇଁ, ରାମନଗୁଡ଼ା ଶିକ୍ଷାଧିକାରୀ ସୃଜନ ମଲିକ,ଚନ୍ଦ୍ରପୁର ଶିକ୍ଷାଧିକାରୀ ଗଣେଶ ଶବର, ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ଭୋଇ ଏବଂ ବିଜ୍ଞାନ ପରିଦର୍ଶକ ଦୀପକ ବେହେରା ମଞ୍ଚାସୀନ ଥିଲେ। ରାୟଗଡ ଜିଲ୍ଲା ଜଳ ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ସର୍ବ ଭାରତୀୟ ସ୍ତରରେ ପୁରସ୍କୃତ ହୋଇଥିବା ବେଳେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଖେମୁଣ୍ଡୁ ପ୍ରଧାନମନ୍ତ୍ରୀଙ୍କ କରକମଳରୁ ଏହି ପୁରସ୍କାର ଗ୍ରହଣ କରିବା ଜିଲ୍ଲାପାଇଁ ଗୌରବର ବିଷୟ ବୋଲି କହିଥିଲେ। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ୧୧ ବ୍ଲକରୁ ଛଅଟି ଲେଖାଁଏ ମୋଟ ୬୬ ଗୋଟି ପ୍ରକଳ୍ପ, ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଏଗାରଟି ବ୍ଲକରୁ ସାତୋଟି ଥିମରେ ୭୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜିଲ୍ଲାର ୭୦ ଗୋଟି ବିଦ୍ୟାଳୟରୁ ୧୪୩ ଗୋଟି ପ୍ରକଳ୍ପ ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ୨୨ ଜଣ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରିୟ ବିଦ୍ୟାଳୟରୁ ଆନନ୍ଦ ନାଗ, ଡ. ରମେଶ ସାହୁ, ତୁହିନ ଅଧିକାରୀ, ବିଶ୍ୱରଞ୍ଜନ ମିଶ୍ର, ସେଞ୍ଚୁରିଆନ ପବ୍ଲିକ ସ୍କୁଲର ଅଞ୍ଜନା ପଟ୍ଟନାୟକ,ଉମାଶଙ୍କର ସାହୁ, ସସ୍ମିତା ପଣ୍ଡା, ରାୟଗଡ ସ୍ୱୟଂ ଶାସିତ କଲେଜର ଅନିତା ସାହୁ, ଡ. ନିରଞ୍ଜନ ବିଶ୍ୱାଳ, ମହିଳା ମହାବିଦ୍ୟାଳୟର କୈଳାଶ ଚନ୍ଦ୍ର ସାହୁ, ଚନ୍ଦନ ପ୍ରାସ୍କା ଓ ଡ. ଗୀତାଞ୍ଜଳି ପାତ୍ର ବିଚାରକ ରୂପେ ଯୋଗଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ଏଥିମଧ୍ୟରୁ ସାତୋଟି ଉତ୍କୃଷ୍ଟ ପ୍ରକଳ୍ପ କେନ୍ଦୁଝରସ୍ଥିତ ଡି ଏନ ଉଚ୍ଚ ବିଦ୍ୟାଳୟରେ ଚଳିତ ଡିସେମ୍ବର ୨୬ ରୁ ୨୮ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁଥିବା ରାଜ୍ୟ ସ୍ତରୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବେ ବୋଲି ବିଜ୍ଞାନ ପରିଦର୍ଶକ ଦୀପକ ବେହେରା ପ୍ରକାଶ କରିଛନ୍ତି। ସେମାନେ ହେଲେ ସିରିଆପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନିକିତା ମହାନନ୍ଦିଆ, କୋଲନରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରିୟଙ୍କା ସେଠୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ମିନତି ବିଭୋର, ଗୁଣୁପୁର ଓଡିଶା ଆଦର୍ଶ ବିଦ୍ୟାଳୟର ସ୍ୱରୂପ ତ୍ରିପାଠୀ, କେ ସିଂପୁର ଓଡିଶା ଆଦର୍ଶ ବିଦ୍ୟାଳୟର ରୁପେଶ ମହାନନ୍ଦିଆ, କନ୍ଧ ମାଲିଗାଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଶ୍ୱରେଖା ସାମଲ ଓ ବଡ ଇନକୁବେଟର ଉଚ୍ଚ ବିଦ୍ୟାଳୟର ଚାନ୍ଦିନୀ ବାଟେଲି। ସମସ୍ତ କୃତି ପ୍ରତିଯୋଗୀଙ୍କୁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ରାମମଣି ନର୍ସିଂ କଲେଜର ବାର୍ଷିକ ଉତ୍ସବ

ମୁନିଗୁଡା,୨୧।୧୨(ସମିସ) ରାୟଗଡ଼ା ଜିଲ୍ଲା ମୁନିଗୁଡା ଠାରେ ଥିବା ରମାମଣି ନର୍ସିଂ କଲେଜର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଷମ କଟକ ନିର୍ବାଚନ ମଣ୍ଡଳୀ ବିଧାୟକ ନୀଳମାଧବ ହିକକା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜେପି ଓବିଶି ମୋର୍ଚ୍ଚା ଉପ ସଭାପତି ରାମଚନ୍ଦ୍ର ବେହେରା, ବରିଷ୍ଠ ଆଡଭୋକେଟ ବୃନ୍ଦାବନ ଗୌଡ, ରାଧା ରମଣ ଦାସ ମଞ୍ଚାସୀନ ଥିଲେ। ସନ୍ଧ୍ୟାରେ କଲେଜର ଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।




# ମୃତ ବିହାରୀ ଯୁବକଙ୍କ ଅନ୍ତିମ ସଂସ୍କାର କଲେ ସମାଜସେବୀ

ମାଲକାନଗିରି,୨୧।୧୨(ସମିସ): ବିହାରର ଯୁବକଙ୍କ ମର ଶରୀର ଅନ୍ତିମ ସଂସ୍କାର କରାଇଲେ ମାଲକାନଗିରି ଜିଲ୍ଲାର କିଛି ସମାଜସେବୀ। ସୂଚନା ଅନୁଯାୟୀ, ବିହାର ରାଜ୍ୟର ସାହର୍ଷା ଜିଲ୍ଲା ରହୁଆମନି ଗ୍ରାମର ସତୀଶ କୁମାର (୨୨ ) ଗତ କିଛି ଦିନ ପୂର୍ବେ ଛତିଶଗଡ ରାଜ୍ୟ ସୁକୁମା ଜିଲ୍ଲାରେ ଏକ ଘରୋଇ କଂପାନୀର ବଡ଼ ପାଣି ଟାଙ୍କି ତିଆରି କରିବା କାର୍ଯ୍ୟରେ ନିୟୋଜିତ ଥିଲେ। ଗତ ୧୮ ତାରିଖ ଦିନ କାମ କରୁଥିବା ସମୟରେ ୩୦ ଫୁଟ ଉଚ୍ଚତାରୁ ଖସିପଡି ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ସୁକୁମା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତରୀ ଦଳ ତାଙ୍କୁ ଜଗଦଲପୁର୍ ନେବା ପାଇଁ ପରାମର୍ଶ ଦେଇଥିଲେ। ତେବେ ଅର୍ଥାଭାବରୁ ସମ୍ପର୍କୀୟ ମାନେ ତାଙ୍କୁ ମାଲକାନାଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରିବା ସମୟରେ ମାଥିଲି ଥାନା ଅନ୍ତର୍ଗତ ଗୋବିନ୍ଦପାଲି ଘାଟିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ମାଥିଲି ଥାନାରେ ଏକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ମାଲକାନାଗିରି ପଠା ଯାଇଥିଲା। ବିହାରରୁ ମୃତ ଯୁବକଙ୍କ ବାପା ଏବଂ ସମ୍ପର୍କୀୟ ମାନେ ଆସି ଆଜି ମାଲକାନାଗିରି ପହଞ୍ଚି ଥିଲେ। କିନ୍ତୁ ଅର୍ଥ ଅଭାବ ଯୋଗୁଁ ମର ଶରୀରକୁ ବିହାର ନେବା କିମ୍ବା ଅନ୍ତିମ ସଂସ୍କାର କରିବା ପାଇଁ ମଧ ସେମାନେ ସକ୍ଷମ ନଥିବା ଦେଖିବାକୁ ମିଳିଥିଲା। ଏହି ଖବର ପାଇ ମାଲକାନଗିରି ପୌର ଅଧ୍ୟକ୍ଷ ମନୋଜ କୁମାର ବାରିକ, କାଉନ୍‌ସିଲର ଗଣେଶ ସାହା, ସମାଜସେବୀ କୁନ୍ଦନ କୁମାର ଓ ଏମ ଚନ୍ଦ୍ର ରାଓ ମର ଶରୀରର ଅନ୍ତିମ ସଂସ୍କାର କରିବା ପାଇଁ ସହାୟତାର ହାତ ବଢାଇଥିଲେ। ଅନ୍ତିମ ସଂସ୍କାର ପାଇଁ ଆବଶ୍ୟକୀୟ ସମସ୍ତ ସାମଗ୍ରୀ ଯୋଗାଇବା ସହ ନିଜେ ଉପସ୍ଥିତ ରହି ଅନ୍ତିମ ସତ୍କାର କରିଥିଲେ।

# ତଳମାଳି ପାହାଡ଼ ଶିଖରରେ ମେଗା ସିଏସ୍‌ପି ମିଟ୍



ସେମିଳିଗୁଡା, ୨୧।୧୨ (ସମିସ): କୋରାପୁଟ ଜିଲ୍ଲା ସ୍ତରୀୟ ମେଗା ସିଏସ୍‌ପି ବ୍ୟାଙ୍କ୍ ସଂଚାଳକ ମାନଙ୍କ ଏକ ବନ୍ଧୁମିଳନ ସହ ସାଧାରଣ ସଭା ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ତାଳମାଳି ପାହାଡ଼ ଶିଖରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ଆର୍ ଏମ୍ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ନିର୍ଦ୍ଧାରିତ କାର୍ଯ୍ୟ ଓ ଯୋଜନାର ସଦୁପଯୋଗ କରି ଗ୍ରହକ ମାନଙ୍କଙ୍କୁ ସହଜ ଓ ସୁବିଧା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। କୋରାପୁଟ ଜିଲ୍ଲାରେ ପ୍ରଥମ ଥର ଏହି ଭଳି ଏକ ଜିଲ୍ଲା ସ୍ତରୀୟ ସିଏସ୍‌ପି ମେଗା ମିଟ୍ ଆୟୋଜନ ନେଇ ଖୁସି ପ୍ରକାଶ କରିଥିଲେ ଆର୍‌ଏମ୍ ସରି ବେହେରା । ଅନ୍ୟତମ ଅତିଥି ଭାବେ ଏଫଆଇ ମ୍ୟାନେଜର ଜିତେନ୍ ଜେନା ଯୋଗଦେଇ ଏ ନେଇ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ସ୍ୱଦେଶୀ ଜିଲ୍ଲା ଅଧିକାରୀ ପ୍ରଣୟ ପ୍ରସାଦ ପଟ୍ଟନାୟକ, ନବରଙ୍ଗପୁର ଜିଲ୍ଲା ଅଧିକାରୀ ଗୌରୀ ଶଙ୍କର ବେହେରା ଓ ମାଲକାନଗିରି ଜିଲ୍ଲା ଅଧିକାରୀ ଅସିତ୍ ସାହୁ ପରିଚାଳନା କରିଥିବା ବେଳେ ଜିଲ୍ଲାର ସମସ୍ତ ସିଏସ୍‌ପି ସଂଚାଳକ ସଂଚାଳିକା ମାନେ ଯୋଗ ଦେଇଥିଲେ।

# ପିଏମ୍‌ଶ୍ରୀ ସରକାରୀ ନୋଡାଲ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ



ମାଲକାନାଗିରି, ୨୧।୧୨(ସମିସ): ପିଏମ୍‌ଶ୍ରୀ ସରକାରୀ ନୋଡାଲ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଓ ବାର୍ଷିକ ଉତ୍ସବ ଆଜି ସ୍କୁଲ ପ୍ରାଙ୍ଗଣରେ ଉ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସଭାର ପରିଚାଳନା ବିଷ୍ଣୁ ପ୍ରସାଦ ସୁବୁଦ୍ଧି କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ପ୍ରତିରକ୍ଷା ମୁଖ୍ୟ ଓକିଲ ଅଶୋକ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷଧିକାରୀ ଭାଗିରଥି ବେହେରା, ମହିଳା ମହା ବିଦ୍ୟାଳୟର ଅଧ୍ୟକ୍ଷ ଦୁଷ୍ମନ୍ତ ଜେନା, ମାଲକାନଗିରି ଉଚ୍ଚ ମହା ବିଦ୍ୟାଳୟର ବାଣିଜ୍ୟ ବିଭାଗର ଅଧ୍ୟାପକ ଡ. ରଞ୍ଜନ କୁମାର ସ୍ୱାଇଁ, ସାମ୍ବାଦିକ ରତ୍ନାକର ଦାସ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ସ୍କୁଲର ସମଗ୍ର ଉନ୍ନତି ପ୍ରୟାସକୁ ସ୍ତୁତି କରି, ଛାତ୍ରଛାତ୍ରୀଙ୍କୁ ଶିଷ୍ଟାଚାର ଓ ନବୀନତାରେ ଅଗ୍ରସର ହେବାକୁ ପ୍ରେରିତ କରିଥିଲେ। ମୁଖ୍ୟବକ୍ତା ଅଶୋକ ପଟ୍ଟନାୟକ ସମୟର ସଦ୍‌ଯୋଗ କରି ସଫଳ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷୟତ୍ରୀ ଶାନ୍ତି ରାଣୀ ବିଶ୍ୱାସ ଛାତ୍ରଛାତ୍ରୀଙ୍କ ସଫଳତାରେ ଗର୍ବ ପ୍ରକାଶ କରି ଶିକ୍ଷକମାନଙ୍କ ନିଷ୍ଠାକୁ ସ୍ୱୀକାର କଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ରିତାଞ୍ଜଳି ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଗଣିତ ଶିକ୍ଷୟିତ୍ରୀ ଏମ୍. ନନ୍ଦିନୀ ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟ ସଙ୍ଗୀତ ଓ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ଜିସିଡି ୱାକର୍ସ କ୍ଲବ୍‌ର ନୂତନ କର୍ମକର୍ତ୍ତା ଚୟନ




ରାୟଗଡା,୨୧।୧୨(ସମିସ): ରବିବାର ଦିନ ରାୟଗଡ଼ା ଜିସିଡି ୱାକର୍ସ କ୍ଲବର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୂତନ ସଭାପତି ଭାବରେ ଜଗନ୍ନାଥ ସାହୁ, ଉପ ସଭାପତି ଭାବରେ ବିବେକାନନ୍ଦ ସାହୁ ଏବଂ ଜାମି ରାଜା, ସମ୍ପାଦକ ଭାବରେ ମୁଚି ରବି, ଉପ ସମ୍ପାଦକ କିନ୍ତାଲି ସୁରେଶ, ଯୋଲି ୱାକର୍ସ ଗୁଡଲା ନେହେରୁ ଓ କୋଷାଧ୍ୟକ୍ଷ ଭାବରେ ସୁବାଷ ଚନ୍ଦ୍ର ବାରିକ ଚୟନ ହୋଇଛନ୍ତି। ଜିସିଡି ୱାକର୍ସ କ୍ଲବ୍ ପ୍ରତିଷ୍ଠାତା ସୁରେନ୍ଦ୍ର ସାହୁ ଉପସ୍ଥିତ ଥିଲେ। କ୍ଲବ୍‌ର ପୂର୍ବତନ ସଭାପତି ବିଜୟ ମୋହନ ବାର୍ଷିକ ବିବରଣୀ ପାଠ କରିଥିଲେ। ବୈଠକରେ ପୂର୍ବତନ ସଭାପତି ମନୋଜ ରଥ, ଦୀପକ ପୃଷ୍ଟି ଏବଂ ଅଜିତ କୁମାର ସୁବୁଦ୍ଧି ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ସଂଘ ଉପଦେଷ୍ଟା ବରିଷ୍ଠ ନାଗରିକ ସୁରେଶ କୁମାର ମିଶ୍ର କ୍ଲବ୍‌ରେ ସମସ୍ତ ସଦସ୍ୟଙ୍କୁ ସ୍ୱାସ୍ଥ୍ୟ ହିଁ ସମ୍ପଦ ବୋଲି କହିଥିଲେ। କ୍ଲବର ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ଝୁନା ପଣ୍ଡା, ସତ୍ୟ ପାଢ଼ୀ, ଶିବ ରାମ ମିଶ୍ର, ମହେଶ ରତନ, ଡିପି ବାବୁ, ଅମର ପାତ୍ର, ଦୀପକ ଫୁନ୍ଦନାନୀ, କେ. ଭାନୁ, ଗୋପାଳ ନାୟକ ପ୍ରମୁଖ ରହି ଶୁଭେଚ୍ଛା ଜଣାଇଥିଲେ।

‘ପରବ’ର ତୃତୀୟ ସନ୍ଧ୍ୟା

# କୋରାପୁଟ ନମ୍ବର-୧ ଜିଲ୍ଲା : ଯୋଗାଣ ମନ୍ତ୍ରୀ





କୋରାପୁଟ,୨୧।୧୨(ସମିସ): ଲୋକ ମହୋତ୍ସବ ‘ପରବ-୨୦୨୫’ର ତୃତୀୟ ସନ୍ଧ୍ୟାରେ ଭରପୂର ଜନସମାଗମ ଦେଖିବାକୁ ମିଳିଥିଲା। ‘ପରବ’ ପଡ଼ିଆରେ ଜିଲ୍ଲାପାଳ ତଥା ପରବ କମିଟି ଅଧ୍ୟକ୍ଷ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋରାପୁଟ ଏସ୍‌ପି ରୋହିତ ବର୍ମା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୁଜାରିପୁଟ ବିଦ୍ୟାଳୟ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅତିଥି ବୃନ୍ଦ ‘ପରବ’ ପାଳନର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୋରାପୁଟ ଜିଲ୍ଲାର ଆଦିବାସୀ ମହୋତ୍ସବ ‘ପରବ’ ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ମୁଖ୍ୟ ଅତିଥି ବକ୍ତବ୍ୟ ରଖିଥିଲେ। ଏହା ଶ୍ରେଷ୍ଠ ଜିଲ୍ଲା ମହୋତ୍ସବ ବୋଲି ମୁଖ୍ୟ ଅତିଥି ବକ୍ତବ୍ୟ ରଖିଥିଲେ। ଭୂସ୍ୱର୍ଗ କୋରାପୁଟ ଜିଲ୍ଲା ଧାନର ଜନ୍ମଦାତ୍ରୀ, ଏଠାରେ ୪୪ ପ୍ରକାର ଧାନ ଉତ୍ପାଦିତ ହେଉଛି। କେବଳ ଧାନ ନୁହେଁ, ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତ୍ୟନ୍ତ ବିରଳ। କୋରାପୁଟ କଫି ଆଜି ବିଶ୍ୱ ପ୍ରସିଦ୍ଧ । ତେଣୁ କୋରାପୁଟ ସବୁ କ୍ଷେତ୍ରରେ ନମ୍ବର ୧ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ। ଏହି ଅବସରରେ ଜିଲ୍ଲାରେ ଉନ୍ନୟନ କାର୍ଯ୍ୟ ପାଇଁ ଉଲ୍ଲେଖନୀୟ ଅବଦାନ ଥିବାରୁ ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା ମାନଙ୍କୁ ସମ୍ମାନିତ କରାଯାଇଥିଲା। ସଭା ଶେଷ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା ସାଂସ୍କୃତିକ ଦଳ ନୃତ୍ୟ ପ୍ରଦର୍ଶନ କରି ଥିବାବେଳେ ସନ୍ଧ୍ୟା ରାଣୀ ପାଟଯୋଷିଙ୍କ ‘ରସ ଜାମୁଡ଼ାଳି’ ଗୀତରେ ପରବ ପଡ଼ିଆ ନାଚି ଉଠିଥିଲା।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ଗିରଫ ହେଲେ ରେଞ୍ଜର ରାଜେନ୍ଦ୍ର ସାମନ୍ତରାୟ

ଜଗତସିଂହପୁର,୨୧।୧୨(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି ଜଗତସିଂହପୁର ଜିଲ୍ଲାରେ କାର୍ଯ୍ୟରତ ରାହାମା ବନଖଣ୍ଡର ରେଞ୍ଜର ରାଜେନ୍ଦ୍ର ସାମନ୍ତରାୟ। ଗତ ୨୦ ତାରିଖରେ ତାଙ୍କ ବାସଭବନ ସମେତ ୪ଟି ସ୍ଥାନରେ ଓଡ଼ିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତିଙ୍କ



ସର୍ଚ୍ଚ ୱାରେଣ୍ଟ ବଳରେ ୨ ଜଣ ଏଏସପି, ୫ଜଣ ଡିଏସପି ଏବଂ ୮ ଜଣ ଇନ୍ସପେକ୍ଟର ଏହି ଚଢ଼ଉରେ ସାମିଲ ହୋଇଥିଲେ। ଶ୍ରୀ ସାମନ୍ତରାୟଙ୍କ ସାମନ୍ତରାୟପୁର ସ୍ଥିତ ପୈତୃକ ବାସଭବନ, ଚାଟ୍ରାସ୍ଥିତ ୩ ମହଲା ବିଶିଷ୍ଟ ବାସଭବନ, ସାଁପୁର ସ୍ଥିତ ସରକାରୀ କାର୍ଯ୍ୟାଳୟ ଏବଂ ସରକାରୀ ବାସଭବନରେ ଏକକାଳୀନ ଏହି ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ସମୟରେ ତାଙ୍କ ଘରୁ ନଗଦ ୩ ଲକ୍ଷ ୬୯ ହଜାର ଟଙ୍କା, ୮୦.୬୮ ଲକ୍ଷର ବ୍ୟାଙ୍କ ଓ ପୋଷ୍ଟାଲ ଇନସ୍ୟୁରାନ୍ସ ଜମା, ୨୫୦ ଗ୍ରାମ ସୁନା, ଗୋଟିଏ ବୋଲେରୋ, ୨ଟି ବାଇକ୍, ଜଗତସିଂହପୁର ସହରରେ ୩ଟି ମୂଲ୍ୟବାନ ପ୍ଲଟ, କଟକ ସହର ବାହାରେ ୨ଟି ପ୍ଲଟ, ଗୋଟିଏ ୩ ମହଲା ଘର ଏବଂ ଗୋଟିଏ ୨ ମହଲା ଘର ଠାବ କରିଥିଲା ଭିଜିଲାନ। ଏଥି ସହିତ ୧୧ ଲକ୍ଷ ଟଙ୍କାର ଘରକରଣା ସାମଗ୍ରୀ ଓ ଆସବାବପତ୍ର ଭିଜିଲାନ୍ସ ନଜରକୁ

### ଆୟଠାରୁ ୨୩୨ % ଅଧିକ ସଂପତ୍ତି

ଆସିଥିଲା। ଶ୍ରୀ ସାମନ୍ତରାୟଙ୍କ ଆୟ ଠାରୁ ଏହା ୨୩୨ ପ୍ରତିଶତ ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ଆକଳନ କରାଯାଇଥିଲା। ତେଣୁ ଆୟ ବହିର୍ଭୂତ ସମ୍ପତ୍ତି ଆହରଣ କରିଥିବା ସ୍ପଷ୍ଟ ହେବା ପରେ ଶ୍ରୀ ସାମନ୍ତରାୟଙ୍କୁ ଆଜି ଗିରଫ କରି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବଚାର ପାଇଁ ହାଜର କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଶ୍ରୀ ସାମନ୍ତରାୟଙ୍କ ୨୦୨୩ ଅଗଷ୍ଟ ୩୧ରେ ପଦୋନ୍ନତି ପାଇ ରାହାମା ରେଞ୍ଜର ଭାବେ ଜଗତସିଂହପୁର ଜିଲ୍ଲାରେ ଦାୟିତ୍ୱ ଗ୍ରହଣ କରିଥିଲେ।

## ଧାର୍ଯ୍ୟ କରିପାରିଲାନି ଶ୍ରୀମନ୍ଦିର ପ୍ରଶାସନ

# ଅବଢ଼ା ଦରବୃଦ୍ଧି ପାଇଁ ସେବାୟତଙ୍କ ସଜବାଜ

ପୁରୀ,୨୧।୧୨(ସମିସ): ଅବଢ଼ା ଦର ଉପରେ ଶ୍ରୀମନ୍ଦିର ପ୍ରଶାସନର କୌଣସି ନିୟନ୍ତ୍ରଣ ନାହିଁ। ସୁଆର ସେବକମାନେ ମନଇଚ୍ଛା ଅବଢ଼ା ବିକିଥା'ନ୍ତି। ଏହାକୁ ନେଇ ବିଭିନ୍ନ ସମୟରେ ଆନନ୍ଦବଜାରରେ ବିଶୃଙ୍ଖଳା ସୃଷ୍ଟି ହୋଇଥାଏ। ଭକ୍ତ-ସୁଆର ସେବକ କଥା କଟାକଟି ବି ହୁଅନ୍ତି। ତେଣୁ, ଏହାର ସ୍ଥାୟୀ ସମାଧାନ ପାଇଁ ଅବଢ଼ା ଦର ଧାର୍ଯ୍ୟ ଲାଗି ନିଷ୍ପତ୍ତି ନିଆଯାଇଥିଲା। ହେଲେ, ନିଷ୍ପତ୍ତିକୁ ୭ବର୍ଷ ବିତିଲାଣି, କିନ୍ତୁ ମହାପ୍ରସାଦର ଦର ଧାର୍ଯ୍ୟ କରିପାରିଲାନି ଶ୍ରୀମନ୍ଦିର ପ୍ରଶାସନ। ଅନ୍ୟପକ୍ଷରେ, ଅବଢ଼ା ଦରବୃଦ୍ଧି ପାଇଁ ସୁଆର ମହାସୁଆର ନିଯୋଗ ସଜବାଜ ହେଲାଣି। ଏଥିପାଇଁ ନିଯୋଗ ପକ୍ଷରୁ ଅବଢ଼ା ଦୋକାନୀଙ୍କୁ ନେଇ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ, ସେବକଙ୍କ ପକ୍ଷରୁ ଧାର୍ଯ୍ୟ ଦରକୁ ମନ୍ଦିର ପ୍ରଶାସନ ସ୍ୱୀକୃତି ଦେବ ନା ସେମାନେ ମନଇଚ୍ଛା ଯାହା ଦର ଧାର୍ଯ୍ୟ କରିବେ, ତାହା ଭକ୍ତଙ୍କ ଉପରେ ଲଦିଦେବେ, ତାହାକୁ ନେଇ ପ୍ରଶ୍ନ ଉଠିଛି।

ଆନନ୍ଦବଜାରକୁ ଶୃଙ୍ଖଳିତ କରିବା ଏବଂ ଭକ୍ତ ଯେପରି ଶୋଷଣର ଶିକାର ନ ହେବେ, ତାକୁ ଗୁରୁତ୍ୱ ଦେଇଥିଲା ଶ୍ରୀମନ୍ଦିର ପ୍ରଶାସନ। ମହାପ୍ରସାଦ ଦର ନିର୍ଦ୍ଧାରଣ କରାଯାଇ ଆନନ୍ଦବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ତାଲିକା (କୁଡୁଆ ଚିତ୍ର ସହ କାହାର ମୂଲ୍ୟ କେତେ) ଲଗାଯିବା ପାଇଁ



ନିଷ୍ପତ୍ତି ନେଇଥିଲା। ଏପରି ହେଲେ ଅବଢ଼ା କିଣିବାକୁ ନେଇ ସୁଆରଙ୍କ ସହ କାହାକୁ ମୂଲଚାଲ କରିବାକୁ ପଡ଼ିବ ନାହିଁ କି କେହି ଦୁର୍ବ୍ୟବହାରର ଶିକାର ହେବେ ନାହିଁ। ୨୦୧୮ ସେପ୍ଟେମ୍ବରରେ ସୁଆର-ମହାସୁଆର ନିଯୋଗ ସହ ତତ୍କାଳୀନ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ବୈଠକ କରି ଏହି ନିଷ୍ପତ୍ତି ନେଇଥିଲେ। ପ୍ରକ୍ରିୟା ବି ଜୋର୍‌ଦାର ଆରମ୍ଭ ହେଲା। ସେହିବର୍ଷ ଅକ୍ଟୋବର ୧୬ରେ ପୁନଶ୍ଚ ବୈଠକ ବସି ବିଭିନ୍ନ ନିଷ୍ପତ୍ତି ନିଆଯାଇଥିଲା। ଥରେ ଅବଢ଼ା ରୋଷେଇ, ମନ୍ଦିର ପ୍ରଶାସନ ଆବଶ୍ୟକ ଚାଉଳ, ଡାଲି, କୁଡୁଆ ଯୋଗାଇବା, କୋଠ ରୋଷରେ ରୋଷେଇ, ଦେଉଳକରଣ ଏବଂ ସୁପରଭାଇଜରଙ୍କ ନିରୀକ୍ଷଣ ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସେହିପରି ରୋଷେଇ ସରିବା ପରେ ସାମଗ୍ରୀ କିଣାରେ କେତେ ଖର୍ଚ୍ଚ ହେଉଛି ଏବଂ ସୁଆର ସେବକ କେତେ ଲାଭ ପାଇବେ, ତାହା ଶ୍ରୀମନ୍ଦିର ପ୍ରଶାସନ ସ୍ଥିର କରିବ ବୋଲି ନିଷ୍ପତ୍ତି ବି ନିଆଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ରୋଷେଇ ଲାଗି ଏକାଧିକ ତାରିଖ ସ୍ଥିର କରାଯାଇ ସମୟ ଗଡ଼ିଥିଲା। ଶେଷରେ ୨୦୧୮ ଡିସେମ୍ବର ୪ରେ ମହାପ୍ରସାଦ ଦର ନିର୍ଦ୍ଧାରଣ ଲାଗି ରୋଷେଇ ହୋଇଥିଲା। ଖୁବ୍‌ଶୀଘ୍ର ଦର ତାଲିକା ଚୂଡ଼ାନ୍ତ କରାଯାଇ ଆନନ୍ଦବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ଲଗାଯିବ ବୋଲି ତତ୍କାଳୀନ ମୁଖ୍ୟ ପ୍ରଶାସକ କହିଥିଲେ।

ରୋଷେଇ ହେବାର ୭ ବର୍ଷ ବିତିଗଲାଣି, ହେଲେ ଏ ପର୍ଯ୍ୟନ୍ତ ମହାପ୍ରସାଦ ଦର ନିର୍ଦ୍ଧାରଣ ହୋଇପାରିଲା ନାହିଁ। ନିଷ୍ପତ୍ତି ନିଆଯିବା ପରେ ଅନେକଥର ଶ୍ରୀମନ୍ଦିରରେ ଅବଢ଼ା ଦରକୁ ନେଇ ଭକ୍ତ-ସେବକ ମୁହାଁମୁହିଁ ହୋଇଛନ୍ତି। ନିଷ୍ପତ୍ତି ନେଇଥିବା ମୁଖ୍ୟ ପ୍ରଶାସକଙ୍କ ସମେତ ଏକାଧିକ ଅଧିକାରୀ ବଦଳିଗଲେଣି। କିନ୍ତୁ ଅବଢ଼ା ଦର ଧାର୍ଯ୍ୟ ହୋଇପାରୁନାହିଁ।

ଏଭଳି ସ୍ଥିତିରେ ସୁଆର ମହାସୁଆର ନିଯୋଗ ଅବଢ଼ା ଦରବୃଦ୍ଧି ନେଇ ପ୍ରାରମ୍ଭିକ ବୈଠକ କରିସାରିଛି। ଜାଳେଣି କାଠ, ସଉଦା ଓ ପରିବା ଆଦିର ମୂଲ୍ୟ ବୃଦ୍ଧି ହେଉଥିବାରୁ ମହାପ୍ରସାଦର ଦରବୃଦ୍ଧି ନେଇ ଏହି ପ୍ରକ୍ରିୟା ଆରମ୍ଭ କରାଯାଇଥିବା ନିଯୋଗର ଜଣେ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ସେ କହିଛନ୍ତି, ସବୁର ଦରଦାମ୍ ବଢ଼ିଲାଣି। ସେଇ ଅନୁସାରେ ମହାପ୍ରସାଦରେ ଦରବୃଦ୍ଧି ହୋଇନାହିଁ। ଏବେ ସାଧାରଣ ମହାପ୍ରସାଦ ପତ୍ର ମୁଣ୍ଡ ପିଛା ୧୦୦ ଟଙ୍କାରେ ବିକ୍ରି ହେଉଥିଲେ ହେଁ ରାତି ହେଲେ ଆହୁରି କମ୍‌ରେ ଦିଆଯାଉଛି। ଅନ୍ୟପକ୍ଷରେ ଜାଳେଣି କାଠ କେଜି ୧୫ ଟଙ୍କା ହେଲାଣି। ସଉଦା ଓ ପରିବା ଦରବୃଦ୍ଧି ଘଟିଚାଲିଛି। ଭକ୍ତଙ୍କ ନିକଟରେ ଅବଢ଼ା ପହଞ୍ଚିବା ବେଳକୁ ୧୨ଟି ପର୍ଯ୍ୟାୟ ହୋଇ ପହଞ୍ଚୁଛି। ଜାଳେଣି କାଠ ଯୋଗାଣ, ସଉଦା ଯୋଗାଣ, ପାଣି ଯୋଗାଣ, ବାଇହାଣ୍ଡି ଯୋଗାଣ ଆଦି ଏହିଭଳି ବିଭିନ୍ନ ସେବାଧାରୀଙ୍କ ମାଧ୍ୟମ ହୋଇ ଭକ୍ତଙ୍କ ନିକଟରେ ପହଞ୍ଚୁଛି। ତେଣୁ ଅବଢ଼ା ଦରବୃଦ୍ଧି କରିବା ପାଇଁ ଦୋକାନୀମାନଙ୍କୁ ନେଇ ପ୍ରାରମ୍ଭିକ ଆଲୋଚନା ହୋଇଛି। ଆଗାମୀ ଦିନରେ ଏ ସଂକ୍ରାନ୍ତରେ ପୁଣି ଏକ ବୈଠକ ବସିବା ପରେ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯିବ ବୋଲି ସମ୍ପୃକ୍ତ ସେବକ କହିଛନ୍ତି।

ସୂଚନାଯୋଗ୍ୟ, ଏବେ ଶ୍ରୀମନ୍ଦିର ଆନନ୍ଦ ବଜାରରେ ୮୫ଟି ଅବଢ଼ା ଦୋକାନୀ ରହିଛନ୍ତି। ମାତ୍ର ଏପର୍ଯ୍ୟନ୍ତ ମହାପ୍ରସାଦ ଦର ତାଲିକା ଲାଗିପାରିଲା ନାହିଁ।

## ବ୍ୟାନରରୁ ଫଟୋ ଗାଏବ

# ମଞ୍ଚ ଉପରେ ଅସନ୍ତୋଷ ଝାଡ଼ିଲେ ବିଜେପି ସାଂସଦ

ଝାରସୁଗୁଡ଼ା, ୨୧।୧୨ (ସମିସ): ବ୍ୟାନରରେ ଫଟୋ ନଥିବା ଦେଖି ରାଗି ନିଆଁବାଣ ସାଂସଦ। ଭାଷଣ ଦେବା ବେଳେ ମଞ୍ଚ ଉପରୁ ଅସନ୍ତୋଷ ଝାଡ଼ିଲେ। ପ୍ରୋଟୋକଲ୍ ସଂପର୍କରେ ଜିଲ୍ଲାପାଳଙ୍କୁ ପ୍ରଶ୍ନ କରିବା ସହ ଜଣେ ନିର୍ବାଚିତ ସାଂସଦଙ୍କୁ କାହିଁକି ଅପମାନିତ କରାଯାଉଛି ବୋଲି ସିଧାସଳଖ ପଚାରିଲେ। ଝାରସୁଗୁଡ଼ା ଜିଲ୍ଲା କୋଲାବିରାଠାରେ ଆୟୋଜିତ କୃଷକ ସମାବେଶରେ

### କ୍ଷମା ପ୍ରାର୍ଥନା କଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

ଆଜି ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ନିଜ ଦଳ ଓ ସରକାର ବିରୋଧରେ ଏପରି ଢଙ୍ଗରେ ଅସନ୍ତୋଷ ଝାଡ଼ିବା ଘଟଣା ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ଏହି କୃଷକ ସମାବେଶର ବ୍ୟାନରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଫଟୋ ରହିଥିଲା। ସମ୍ମାନିତ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ନାମ ଥିଲେ ହେଁ



ବ୍ୟାନରରେ ତାଙ୍କ ଫଟୋ ସ୍ଥାନିତ ହୋଇନଥିଲା। ଏହା ଦେଖି ସାଂସଦ ଶ୍ରୀ ପୁରୋହିତ ପ୍ରତିକ୍ରିୟାଶୀଳ ହୋଇପଡ଼ିଥିଲେ। ବିଜେପି ଦଳ ବର୍ତ୍ତମାନ ସରକାରରେ ଥିବା ବେଳେ ତାଙ୍କୁ କାହିଁକି ଅପମାନିତ କରାଯାଉଛି ବୋଲି ସର୍ବସମ୍ମୁଖରେ ମଞ୍ଚ ଉପରେ ଅଭିଯୋଗ କରିବା ସହ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ପ୍ରୋଟୋକଲକୁ ନେଇ ପ୍ରଶ୍ନ କରିଥିଲେ। ଜନସାଧାରଣ ତାଙ୍କୁ ବହୁମତରେ ବିଜୟୀ କରିଥିବା ବେଳେ ସର୍ବସାଧାରଣରେ ତାଙ୍କୁ କାହିଁକି ଏପରି ଅପମାନିତ କରାଯିବ ବୋଲି ମଧ୍ୟ ସେ ପ୍ରଶ୍ନ କରିଥିଲେ। ତେବେ ଏହାକୁ ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ସଭାରେ କ୍ଷମା ପ୍ରାର୍ଥନା କରିଥିଲେ।

ସଭାରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ବିଜେପି ସରକାରରେ କୃଷକମାନଙ୍କ ପ୍ରତି ଅତ୍ୟାଚାର ଓ ଅନ୍ୟାୟ ସହ୍ୟ କରାଯିବ ନାହିଁ। ତେଣୁ ଚାଷୀଙ୍କ ଧାନ ବିକ୍ରୟ ବିଳମ୍ବ ହେଉଥିଲେ ମଧ୍ୟ ଚିନ୍ତା କରିବାର କିଛି ନାହିଁ। ସରକାର ଚାଷୀଙ୍କ ଧାନ ଉଚିତ୍ ମୂଲ୍ୟରେ କିଣିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଯେଉଁ ମିଲ ମାଲିକ ଧାନରେ କଟନିଛଟନି କରିବା ପାଇଁ ଚାଷୀଙ୍କ ଉପରେ ଚାପ ପକାଉଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଧାନ ବ୍ୟତୀତ ଅନ୍ୟ ଫସଲ ଯଥା ମାଣ୍ଡିଆ ଓ ଡାଲି ଜାତୀୟ ଫସଲ ଅମଳ କରିବା ପାଇଁ ମୁଖ୍ୟ ଅତିଥି ଶ୍ରୀ ସିଂଦେଓ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ।

ସମ୍ମାନିତ ଅତିଥି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମିଲର୍ସଙ୍କ ଦ୍ୱାରା କୃଷକ ଶୋଷଣ ନୀତିକୁ ଆଦୌ ସହ୍ୟ କରାଯିବ ନାହିଁ ବୋଲି କହିଥିଲେ। ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହ୍ୱାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, କୋଲାବିରା ବିଡିଓ ଅଶୋକ ମାଝୀ, ଉଦ୍ୟାନ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ପ୍ରଫୁଲ୍ଲ ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ନନ୍ଦ ଧନ୍ୟବାଦ ଦେଇଥିଲେ।

## ତିନି ପ୍ରସଙ୍ଗରେ ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ

# ୨୬ରେ ସାରା ରାଜ୍ୟରେ ପ୍ରତିବାଦ ସମାବେଶ



ଭୁବନେଶ୍ୱର, ୨୧।୧୨(ସମିସ): ଟାଟା ପାୱାର୍‌ର ଶୋଷଣ, ମନରେଗାର ନାମ ପରିବର୍ତ୍ତନ ଆଳରେ ମହାତ୍ମା ଗାନ୍ଧୀଙ୍କୁ ବାଦ୍ ଏବଂ ଧାନକିଣାରେ ଅବ୍ୟବସ୍ଥା ଆଦି ୩ଟି ପ୍ରସଙ୍ଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ଉପରେ ବର୍ଷିଛି କଂଗ୍ରେସ। ରବିବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତାମାନେ ଏକାଠି ହୋଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି, ଟାଟା ପାୱାର ଅତିରିକ୍ତ ଜମାରାଶି ତଥା ମିଟର ଏବଂ ବିଲରେ ଚଞ୍ଚକତା କରି ସାଧାରଣ ଜନତାଙ୍କୁ ଶୋଷଣ କରୁଛି। ଏହା ବିରୋଧରେ କଂଗ୍ରେସ ଏକ ଜନ ଜାଗରଣ ଆରମ୍ଭ କରିବ। ଏହା ବିରୋଧରେ ପତ୍ୟେକ ଜିଲ୍ଲା ମୁଖ୍ୟାଳୟରେ ୨୬ ଡିସେମ୍ବର ଦିନ ରାଲି ଏବଂ ଟାଟା କମ୍ପାନୀ ବିରୋଧରେ ସାଧାରଣ ସଭା ହେବ। ଏହାସହ ଏ ସଂପର୍କରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦିଆଯିବ ବୋଲି ସେ କହିଛନ୍ତି। ଅତିରିକ୍ତ ସୁରକ୍ଷା ଜମା ରାଶି ନୋଟିସ୍‌କୁ ପ୍ରତ୍ୟାଖାନ ନ କଲେ, ଡିସେମ୍ବର ୨୯ରେ ବିଜୁଳି ବିଭାଗର ଯେତେ କାର୍ଯ୍ୟାଳୟ ଅଛି, ସେଠି ଆନ୍ଦୋଳନ ଓ ପ୍ରତିବାଦ କରାଯିବ ବୋଲି ଦଳ ନିଷ୍ପତ୍ତି ନେଇଛି।

ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଲେ ଯେ ଯଦି ବିଜୁଳି ଉପଭୋଗ ଅଧିକ ହେଲା ବିଲ୍ ବଢ଼ିବ। କିନ୍ତୁ ତାହା ନ କରି ଅତିରିକ୍ତ ସୁରକ୍ଷା ଜମାରାଶି ଆଳରେ ଏପରି ଅର୍ଥ ଆଦାୟ କରାଯିବା ସମୀଚିନ ନୁହେଁ। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ମନରେଗାର ନାମ ପରିବର୍ତ୍ତନକୁ ବିରୋଧ କରି କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ନାମ ପରିବର୍ତ୍ତନ କରିବା ଗଣତନ୍ତ୍ର ପ୍ରତି ଏକ ଆହ୍ୱାନ। ସେହିପରି କୃଷକଙ୍କ ଉତ୍ପାଦିତ ଧାନ କିଣାରେ ବ୍ୟାପକ ଅବହେଳା ଯୋଗୁଁ ଚାଷୀ ରାସ୍ତାରେ ଧାରଣାରେ ବସିଛି ଏବଂ ମିଲର ଟଙ୍କା ଗଣୁଛି ବୋଲି କହି ସେ ସରକାରଙ୍କ ଉପରେ ବର୍ଷିଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ନେତୃତ୍ୱଙ୍କ ସହ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଶରତ ରାଉତ ପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର ଯୋଗଦେଇ ନିଜ ବ୍ୟକ୍ତବ୍ୟ ରଖିଥିବାବେଳେ ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ସାମ୍ବାଦିକ ସମ୍ମିଳନୀ ପରିଚାଳନା କରିଥିଲେ।

# ବିଦ୍ୟାଳୟରେ ବିଜେପି ମନ୍ତ୍ରୀଙ୍କ ମିଶ୍ରଣ ସଭା

ଯାଜପୁର,୨୧।୧୨(ସମିସ): ସ୍କୁଲରେ ଦଳୀୟ କାର୍ଯ୍ୟକ୍ରମ। ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ୍ ଗୋବର୍ଦ୍ଧନପୁର ପଞ୍ଚାୟତ ଅଲେଖପୁର ପ୍ରାଥମିକ



ବିଦ୍ୟାଳୟରେ ବିଜେପି ପକ୍ଷରୁ ଏକ ଦଳୀୟ ମିଶ୍ରଣ କାର୍ଯ୍ୟକ୍ରମ ଆୟୋଜନ ଘଟଣା ଚର୍ଚ୍ଚାର ବିଷୟହୋଇଛି। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନାନୁଯାୟୀ, ସୁକିନ୍ଦା ବିଧାୟକ ତଥା ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ ମିଶ୍ରଣ ସଭା ସଂପର୍କରେ ଖୋଦ୍ ମନ୍ତ୍ରୀ ନିଜ ସାମାଜିକ ଗଣମାଧ୍ୟମରେ ବି ସୂଚନା ଦେଇଥିଲେ। ଏହାକୁ ସାମାଜିକ ଗଣମାଧ୍ୟମରେ ଲୋକେ ନିନ୍ଦା କରିଛନ୍ତି। ବିଦ୍ୟାଳୟରେ କମ ଉପସ୍ଥାନ ହେତୁ ଏହାକୁ କିଛି ବର୍ଷ ହେଲା ବନ୍ଦ କରିଦିଆଯାଇଛି। କିନ୍ତୁ ବନ୍ଦ ବିଦ୍ୟାଳୟକୁ କିଭଳି ଦଳୀୟ କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରାଗଲା, ତାକୁ ନେଇ ନାନା ପ୍ରଶ୍ନ ଉଠିଛି। ଏ ସଂପର୍କରେ ଦାନଗଦୀ ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରେ ସେ ଏ ସଂପର୍କରେ କିଛି ଜାଣିନଥିବା ଏବଂ ପରେ ଏ ସଂପର୍କରେ ଅନୁଧ୍ୟାନ କରି ଜଣାଇବେ ବୋଲି କହିଥିଲେ।

# ହଷ୍ଟେଲରେ ପିଟି ପିଟି ମାରିଦେଲେ ସହପାଠୀ

ସୋନପୁର, ୨୧।୧୨ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ୍ ଚାରଭଟା ପିଏମଶ୍ରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜଣେ ଛାତ୍ରଙ୍କୁ ତାଙ୍କ ସହପାଠୀମାନେ ପିଟିପିଟି ହତ୍ୟା କରିଛନ୍ତି। ମୃତ ଛାତ୍ରଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ହତ୍ୟା ମାମଲା ରୁଜୁ କରିଛି। ଏହି ଘଟଣାରେ ୮ ଜଣ ନାବାଳକ ଛାତ୍ରଙ୍କୁ କିଶୋର ନ୍ୟାୟ ବୋର୍ଡରେ ହାଜର କରାଯାଇଛି। ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଚାରଭଟା ପିଏମଶ୍ରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ଦ୍ୱିତୀୟ ବର୍ଷର ଛାତ୍ର ଆର୍ଯ୍ୟନ ସୁନା(୧୭)ଙ୍କ ହଷ୍ଟେଲରେ ଗତ ୧୬ତାରିଖରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ଏହାର ପର୍ଦ୍ଦାଫାସ ହୋଇଛି। ମୃତ ଛାତ୍ର ଆର୍ଯ୍ୟନଙ୍କ ବାପା ବଡ଼ନୂଆପାଲି ଗ୍ରାମର ବିଷ୍ଣୁ ସୁନା ତରଭା ଥାନାରେ ପୁଅକୁ ପିଟିପିଟି ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିବା ପରେ ତରଭା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ବିଦ୍ୟାଳୟର ୯ ଜଣ ଛାତ୍ରଙ୍କୁ ଆଣି ପଚରାଉଚରା କରିଥିଲା। ରବିବାର ବିଦ୍ୟାଳୟର ୮ ଜଣ ଅଭିଯୁକ୍ତ ନାବାଳକ ଛାତ୍ରଙ୍କୁ କିଶୋର ନ୍ୟାୟ ବୋର୍ଡରେ ହାଜର କରିବା ପରେ ସେମାନଙ୍କୁ ରାଉରକେଲା ନିରାପଦ/ନିରୀକ୍ଷଣ ଗୃହକୁ ପଠାଇ ଦିଆଯାଇଛି। ସେହିପରି ଜଣେ ସାବାଳକ ଛାତ୍ର ତରଭା ଥାନା ପୁରୁଣାପାଣି ଗ୍ରାମର ଅଜିତ ହରିପାଲ(୧୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସମସ୍ତ ଅଭିଯୁକ୍ତ ଛାତ୍ର ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ର ଏବଂ ଆର୍ଯ୍ୟନର ସହପାଠି। ମୋବାଇଲ ଲୁଚାଇବା ଘଟଣାକୁ କେନ୍ଦ୍ରକରି ମୃତ ଛାତ୍ରଙ୍କ ସହ ସହପାଠୀଙ୍କ ଗଣ୍ଡଗୋଳରୁ ହତ୍ୟାକାଣ୍ଡ ଘଟିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

# ପ୍ରିୟଙ୍କା ଗାନ୍ଧୀଙ୍କୁ ଭେଟିଲେ ଅରୋ ପ୍ରସାଦ

ଭୁବନେଶ୍ୱର,୨୧।୧୨(ସମିସ): ଅଖିଳ ଭାରତୀୟ କଂଗ୍ରେସ କମିଟିର ରିସର୍ଚ୍ଚ ବିଭାଗର ଜାତୀୟ ସଂଯୋଜକ ଅରୋ ପ୍ରସାଦ ମିଶ୍ର ଏଆଇସିସି ସାଧାରଣ ସମ୍ପାଦିକା ତଥା ଲୋକସଭା ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କୁ ଭେଟିଛନ୍ତି। ଶ୍ରୀ ମିଶ୍ର ୧୦ ଜନପଥଠାରେ ପ୍ରିୟଙ୍କାଙ୍କୁ ସାକ୍ଷାତ କରି ପ୍ରାୟ ୪୦ ମିନିଟ୍ ଧରି ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ଶ୍ରୀମତୀ ଗାନ୍ଧୀ ଆଗାମୀ ବର୍ଷ ହେବାକୁ ଥିବା କେରଳ ବିଧାନସଭା ନିର୍ବାଚନ ଓ ଓଡ଼ିଶାରେ କଂଗ୍ରେସର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି। କିଭଳି ଓଡ଼ିଶାରେ କଂଗ୍ରେସ ତାର ଉଚ୍ଚତମ ପ୍ରୟାସ ଜାରି ରଖିଛି, ଜନସାଧାରଣଙ୍କ ହକ ପାଇଁ କଂଗ୍ରେସ ପ୍ରତିବାଦ କରିବା ସହ ନ୍ୟାୟ ପାଇଁ ଲଢୁଛି ଏବଂ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ତୃଣମୂଳ ସ୍ତରରେ ସୁଦୃଢ଼ ହେଉଛି, ସେ ସଂପର୍କରେ ପ୍ରିୟଙ୍କାଙ୍କୁ ଅବଗତ କରାଇଛନ୍ତି ଶ୍ରୀ ମିଶ୍ର।



# ଚାଷୀଙ୍କ ନିଦ ହଜାଇଛନ୍ତି ହାତୀପଲ

ଢେଙ୍କାନାଳ, ୨୧।୧୨(ସମିସ): ଢେଙ୍କାନାଳ ବନଖଣ୍ଡର ସଦର ରେଞ୍ଜ ଗଦାଶିଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଶଙ୍କର ପ୍ରତାପ ଗ୍ରାମଠାରୁ ହରିପୁର ପର୍ଯ୍ୟନ୍ତ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ସଞ୍ଜ ହେଲେ ପଲପଲ ହାତୀ ଜମିରେ ପଶି ଫସଲ ନଷ୍ଟ କରୁଛନ୍ତି। ହାତୀ ଭୟରେ ଚାଷୀ ଧାନ ଜମି ସହ ଫସଲକୁ ଜଗି ରହୁଥିବା ବେଳେ ଗ୍ରାମବାସୀ ରାତି ଅନିଦ୍ରା ହେଉଛନ୍ତି।

### ସୁରକ୍ଷା ଦେବାରେ ବିଫଳ ବନ ବିଭାଗ

ଏହି ସେକ୍ସନ ଅନ୍ତର୍ଗତ ପୋହଳି ଗ୍ରାମ ନିକଟରେ ଥିବା ଜାମୁଚକଡ଼ା ଜଙ୍ଗଲ ହାତୀ ପାଇଁ ସୁରକ୍ଷିତ ରହଣି ସ୍ଥାନ ପାଲଟିଛି। ଆଜକୁ ୧୫ ଦିନ ହେବ ସନ୍ଧ୍ୟା ହେବା ମାତ୍ରେ ପଲପଲ ହୋଇ ହାତୀ ଜଙ୍ଗଲରୁ ବାହାରି ଆସୁଛନ୍ତି। ଗଦାଶିଳା ପଞ୍ଚାୟତର ପୋହଳି, ଶଙ୍କରପ୍ରତାପପୁର, ଚାଇଁପୁର, ଗଦାଶିଳା, ସାଇଁବିରି, ମହେନ୍ଦ୍ରପୁର, ସିମିନଇ, ଅଙ୍କରାନ୍ତିପୁର, ମୂଳିସିଂହ, ପଞ୍ଚୁପଟିରେ ଉପଦ୍ରବ କରୁଛନ୍ତି। କେତେକ ସ୍ଥାନରେ ଧାନ ଫସଲ ଖାଇ ନଷ୍ଟ କରୁଛନ୍ତି। ସେହିପରି ହାତୀପଲ କାଶିଆଡିହ ପଞ୍ଚାୟତ ମହୀଧରପୁର, କାଶିଆଡିହ, ବଳରାମପୁର ପଞ୍ଚାୟତର ବଳରାମପୁର, ସାରିଆପଡ଼ା ଗ୍ରାମ ନିକଟସ୍ଥ ଜମିରେ ଉପଦ୍ରବ କରୁଥିବା ବେଳେ ଗୁଣ୍ଡିଚାପଡ଼ା ପଞ୍ଚାୟତର ଗୁଣ୍ଡିଚାପଡ଼ା, ହରିପୁର, ଛାଟିଆ, ଡେଙ୍ଗବୋରେଇରେ ମଧ୍ୟ ଉତ୍ପାତ କରୁଛନ୍ତି। ତେଣୁ ସନ୍ଧ୍ୟା ହେବା ମାତ୍ରେ ଚାଷୀ ନିଆଁ ଜାଳି ଜଗି ରହୁଛି।



ହାତୀପଲ ତିନି ଚାରି ଭାଗରେ ବିଭକ୍ତ ହୋଇ ପ୍ରବେଶ କରୁଛନ୍ତି।

ଗଦାଶିଳା-ବଳରାମପୁର ରାସ୍ତା ପାର୍ ହେଉଥିବା ବେଳେ ହାତୀ ଦେଖିବାକୁ ରାସ୍ତା ଉପରେ ଲୋକଙ୍କ ଭିଡ଼ ଜମୁଛି। ସେହିପରି ସଞ୍ଜ ହେଲେ ରାସ୍ତାଘାଟ ଶୂନଶାନ୍ ହୋଇପଡୁଛି। ହାତୀପଲ ପ୍ରତିଦିନ ୮ କିଲୋମିଟର ଅଞ୍ଚଳରେ ଉପଦ୍ରବ କରୁଥିବା ବେଳେ ସକାଳ ପାହିବା ମାତ୍ରେ ପୁଣି ରାସ୍ତା ପାର ହୋଇ ଜଙ୍ଗଲକୁ ଚାଲିଯାଉଛନ୍ତି। ହାତୀ ପଲକୁ ଦେଖିବା ପାଇଁ ସକାଳ ସମୟରେ ମଧ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଲୋକ ଛିଡ଼ା ହୋଇ ରହୁଛନ୍ତି। ହାତୀପଲକୁ ନିୟନ୍ତ୍ରଣ କରିବା ପାଇଁ ଗଦାଶିଳା ଫରେଷ୍ଟ ସେକ୍ସନର କର୍ମଚାରୀ ସଜାଗ ରହୁଥିବା କହୁଛନ୍ତି। ତଥାପି ହାତୀ ଚଳପ୍ରଚଳ ନେଇ ନିକଟସ୍ଥ ଗ୍ରାମଗୁଡ଼ିକରେ ମାଇକ୍ ଯୋଗେ ସଚେତନ କରାଯାଉ ନ ଥିବାରୁ ରାତିରେ ହାତୀଙ୍କ ଉପସ୍ଥିତି ନେଇ ଅସନ୍ତୋଷ ଦେଖାଦେଉଛି। ହାତୀର ଗତି ବିଧି ସମ୍ପର୍କରେ ପ୍ରଚାର କରିବାକୁ ଦାବି ହୋଇଛି।

# ସମୁଦ୍ରକୁ ଶଙ୍ଖେ ଓୟୁଏଟି ପିଲାଙ୍କ ଛାତ୍ରବୃତ୍ତି

## ୨ ଜଣ ପିଜି ପିଲାଙ୍କୁ ମାସିକ ୧୫ଶହ ଓ ଜଣେ ପିଏଚ୍‌ଡି ପିଲାକୁ ୨ ହଜାର

ଭୁବନେଶ୍ୱର, ୨୧।୧୨(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପିଲାଙ୍କୁ ମିଳୁଥିବା ଛାତ୍ରବୃତ୍ତି ସମୁଦ୍ରକୁ ଶଙ୍ଖେ। ପିଜି ପିଲାଙ୍କ ମଧ୍ୟରୁ ମାତ୍ର ୨ ଜଣଙ୍କୁ ମାସକୁ ମାତ୍ର ୧୫୦୦ ଟଙ୍କା ମିଳୁଥିବା ପିଏଚ୍‌ଡି ପିଲାଙ୍କ ମଧ୍ୟରୁ ଜଣଙ୍କୁ ମାତ୍ର ୨ହଜାର ଟଙ୍କା ପ୍ରଦାନ କରାଯାଉଛି। ବୃତ୍ତି ରାଶିର ପରିସୀମା ବଢ଼ାଇବାକୁ ବାରମ୍ବାର ଦାବି କରୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି।

ଓୟୁଏଟିରେ ମୋଟ୍ ୨୬୮ ପିଲା ସ୍ନାତକୋତ୍ତର ଶ୍ରେଣୀରେ ପଢୁଛନ୍ତି। ତନ୍ମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଥିବା ମାତ୍ର ୨ଜଣ ପିଲାଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାସକୁ ମାତ୍ର ୧୫୦୦ଟଙ୍କା ଲେଖାଏଁ ମେରିଟ୍ ସ୍କଲାରସିପ୍ ପ୍ରଦାନ କରାଯାଉଛି। ଅନୁରୂପ ଭାବେ ମୋଟ୍ ୫୭ ଜଣ ଛାତ୍ରଛାତ୍ରୀ ପିଏଚ୍‌ଡି କରୁଥିବା ବେଳେ ତନ୍ମଧ୍ୟରୁ ମାତ୍ର ଜଣକୁ ମାସିକ ମାତ୍ର ୨ହଜାର ଟଙ୍କା ସ୍କଲାରସିପ୍ ଦିଆଯାଉଛି। ଅପରପକ୍ଷରେ ରାଜ୍ୟ ବାହାରୁ ପଢୁଥିବା ଛାତ୍ରଛାତ୍ରୀମାନେ ବହୁ ଅଧିକ ସ୍କଲାର୍‌ସିପ୍ ପାଉଛନ୍ତି। ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ମିଳୁ ନ ଥିବାରୁ ଅନେକ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇ

- ବାରମ୍ବାର ଦାବି ସତ୍ତ୍ୱେ କର୍ଣ୍ଣପାତ କରୁନାହାନ୍ତି ସରକାର ଓ କୁଳପତି
- ଆଜିଠୁ ଆମରଣ ଅନଶନରେ ବସିବେ ସମସ୍ତ ଛାତ୍ରଛାତ୍ରୀ

ପାଠପଢ଼ାରେ ପୂର୍ଣ୍ଣଚ୍ଛେଦ ପକାଉଛନ୍ତି। ଗବେଷଣାରତ ଛାତ୍ରଛାତ୍ରୀମାନେ ଋଣ ଉପରେ ଭରସା କରୁଛନ୍ତି। ଯାହା ମାନସିକ ଭାବେ ଚାପଗ୍ରସ୍ତ କରୁଛି। ଏଣୁ ଓଡ଼ିଶାରୁ ପଢୁଥିବା ସମସ୍ତ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ମାସିକ ୧୦ ହଜାର ଏବଂ ପିଏଚ୍‌ଡି ପିଲାଙ୍କୁ ୨୦ ହଜାର ଲେଖାଏଁ ସ୍କଲାରସିପ୍ ପ୍ରଦାନ କରିବାକୁ ଛାତ୍ରଛାତ୍ରୀମାନେ ଦାବି କରୁଛନ୍ତି।

ଦାବି ସମ୍ପର୍କରେ ଦୀର୍ଘଦିନରୁ ଛାତ୍ରଛାତ୍ରୀମାନେ ସରକାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଦାବି ପୂରଣ ପାଇଁ ଗୁହାରି କରିଛନ୍ତି। ପ୍ରତିଶ୍ରୁତି ମଧ୍ୟ ପାଇଛନ୍ତି। ମାତ୍ର ସେମାନଙ୍କ ଦାବି ପୂରଣ ପ୍ରତି ସରକାର କର୍ଣ୍ଣପାତ କରୁ ନଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ବାରମ୍ବାର ଅବଗତ କରି ଆଲୋଚନା କଲେ କୌଣସି ସୁଫଳ ମିଳୁନାହିଁ। ଏଣୁ ଆସନ୍ତାକାଲି ଅର୍ଥାତ୍ ସୋମବାର ଦିନଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆମରଣ ଅନଶନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏନେଇ କୁଳପତିଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ସମସ୍ତ ଛାତ୍ରଛାତ୍ରୀଙ୍କ ଦରଖାସ୍ତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଅଫିସ୍ ସମସ୍ୟା ସମାଧାନ ହେବ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଇଲେକ୍ଟ୍ରିକ, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ଜମି ବିବାଦ ମାମଲା ସମାଧାନ ହେବ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ। ଅଫିସରେ ନୂଆ ପ୍ରୋଜେକ୍ଟରେ ସାମିଲ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ। କମ୍ ସମୟରେ ଅଧିକ କାମ କରିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ଅଫିସ୍‌ରେ ନୂଆ ଦାୟିତ୍ୱ ତୁଲାଇବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଇତିହାସ

- ୧୮୪୩- ଦେବେନ୍ଦ୍ରନାଥ ଟାଗୋର ବ୍ରାହ୍ମ ସମାଜରେ ଯୋଗ ଦେଲେ।
- ୧୮୫୧- ରୁର୍କୀରୁ ଚାଲିଲା ଦେଶର ପ୍ରଥମ ମାଲଗାଡ଼ି।
- ୧୮୫୩- ରାମକୃଷ୍ଣ ପରମହଂସଙ୍କ ପତ୍ନୀ ଶାରଦା ଦେବୀଙ୍କ ଜନ୍ମ।
- ୧୯୦୧- ଶାନ୍ତିନିକେତନରେ ଖୋଲିଲା ବ୍ରହ୍ମଚର୍ଯ୍ୟ ଆଶ୍ରମ।
- ୧୯୭୧- ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କଲା।

# ଜାତୀୟ ଗଣିତ ଦିବସ



ଦୈନନ୍ଦିନ ଜୀବନରେ ଗଣିତର ଆବଶ୍ୟକତାକୁ ହୃଦବୋଧ କରି ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ଗଣିତ ଦିବସ ଭାବେ ପାଳନ କରାଯାଉଛି। ମହାନ୍ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ୍‌ଙ୍କ ଏହା ଜନ୍ମ ଦିବସ। ୨୦୧୨ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ମାଡ୍ରାସ ବିଶ୍ୱବିଦ୍ୟାଳୟରେ ଶ୍ରୀନିବାସ ରାମାନୁଜନ୍‌ଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ କରିବା ଅବସରରେ ତାଙ୍କର ଜନ୍ମଦିବସକୁ 'ଜାତୀୟ ଗଣିତ ଦିବସ' ରୂପେ ପାଳନ କରିବା ପାଇଁ ଘୋଷଣା କରିଥିଲେ। ସେହିଦିନଠାରୁ ଡିସେମ୍ବର ୨୨କୁ ଜାତୀୟ ଗଣିତ ଦିବସ ଭାବେ ପାଳନ କରାଯାଉଅଛି। ଗଣିତର ମହତ୍ତ୍ୱ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ରାମାନୁଜନ୍ ୧୮୮୭ ମସିହା ଆଜିର ଦିନରେ ତାମିଲନାଡୁର କୋଏମ୍ବାଟୁରର ଇରୋଡ଼ରେ ଜନ୍ମଗ୍ରହଣ କରିଥିଲେ। ପିଲାଦିନରୁ ତାଙ୍କର ଗଣିତ ପ୍ରତି ଦୁର୍ବଳତା ଥିଲା। ଏପରିକି ୧୨ ବର୍ଷରୁ ସେ 'କୋଏମ୍ବାଟୁରର ବିସ୍ମୟ ବାଳକ' ଭାବେ ପରିଚୟ ଲାଭ କରିଥିଲେ। ତାଙ୍କର ଅଧିକାଂଶ ସମୟ ଗଣିତ ପଢ଼ିବା ତଥା କଷିବାରେ ଅତିବାହିତ ହେଉଥିଲା। ଏଥିପାଇଁ ଅନ୍ୟାନ୍ୟ ବିଷୟରେ ସେ କମ୍ ମାର୍କ ରଖୁଥିଲେ। ସେହିପରି ସେ ୧୨ ବର୍ଷ ବୟସରୁ ତ୍ରିକୋଣମିତିରେ ପାରଦର୍ଶିତା ହାସଲ କରିଥିଲେ। ରାମାନୁଜନ୍ ବିଶ୍ୱପ୍ରସିଦ୍ଧ ବ୍ରିଟିଶ୍ ଗଣିତଜ୍ଞ ହାର୍ଡିଙ୍କ ସହ ପତ୍ରାଳାପ କରି ତାଙ୍କ ପ୍ରତିଭାର ପରିଚୟ ଦେବା ସହ ତାଙ୍କ ଅନୁଗ୍ରହରୁ ମାଡ୍ରାସ ଏବଂ ପରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଛାତ୍ରବୃତ୍ତି ପାଇ ଅଧ୍ୟୟନର ସୁବିଧା ହାସଲ କରିପାରିଲେ। ରାମାନୁଜନ୍ ଇଂଲଣ୍ଡରେ ପାଞ୍ଚ ବର୍ଷ ରହିଥିଲେ। ସେହି ସମୟ ଭିତରେ ସେ ପ୍ରକାଶ କରିଥିଲେ ଅତି ଉଚ୍ଚମାନର ଗବେଷଣା ଆଧାରିତ ୨୧ଟି ମୌଳିକ ଗଣିତ ପ୍ରବନ୍ଧ। ଗାଣିତିକ ବିଶ୍ଳେଷଣ, ସଂଖ୍ୟାତତ୍ତ୍ୱ, ଅନନ୍ତକ୍ରମ ଇନ୍‌ଫାଇନାଇଟ୍ ସିରିଜ୍, ଅବିରତ ଭଗ୍ନାଂଶ ବା କଣ୍ଟିନ୍ୟୁଡ୍ ଫ୍ରାକସନ ଇତ୍ୟାଦି କ୍ଷେତ୍ରରେ ତାଙ୍କର ରହିଛି ଗୁରୁତ୍ୱପୂର୍ଣ୍ଣ ଅବଦାନ। ମାତ୍ର ସଂଖ୍ୟାତତ୍ତ୍ୱ ପ୍ରତି ଥିଲା ତାଙ୍କର ସ୍ୱତନ୍ତ୍ର ଆକର୍ଷଣ। ଗଣିତ କ୍ଷେତ୍ରରେ ଏପରି ଉଲ୍ଲେଖନୀୟ ଅବଦାନ ପାଇଁ ସେ ମାତ୍ର ୩୦ବର୍ଷ ବୟସରେ ଫେଲୋ ଅଫ୍ ଦ ରୟାଲ ସୋସାଇଟି ଏବଂ ଫେଲୋ ଅଫ ଟ୍ରିନିଟି କଲେଜ ସମ୍ମାନରେ ସମ୍ମାନିତ ହୋଇଥିଲେ। ୨୬ ଏପ୍ରିଲ, ୧୯୨୦ରେ ମାତ୍ର ୩୨ ବର୍ଷ ବୟସରେ, ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ଗଣିତ ଦିବସ ଅବସରରେ ଦେଶର ବିଭିନ୍ନ ରାଜ୍ୟରେ ଅବସ୍ଥିତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଶିକ୍ଷା ଅନୁଷ୍ଠାନରେ ଗଣିତ ସହ ଜଡ଼ିତ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମ ଆୟୋଜିତ ହୁଏ। ଏଥିସହ ମହାନ ଗଣିତଜ୍ଞ ରାମାନୁଜନ୍‌ଙ୍କ ଜୀବନୀ ଏବଂ ଗଣିତ ପ୍ରତି ତାଙ୍କ ଅବଦାନ ବାବଦରେ ଆଲୋକପାତ କରାଯାଏ।

# 'ବାରାଣସୀ' ସେଟ୍‌କୁ ଆସିବାକୁ ଇଚ୍ଛା କଲେ 'ଅବତାର' ନିର୍ଦ୍ଦେଶକ


'ବାହୁବଳି', 'ଆର୍‌ଆର୍‌ଆର୍' ଭଳି ବ୍ଲକ୍‌ବଷ୍ଟର ଫିଲ୍ମ ଦେଇଥିବା ନିର୍ଦ୍ଦେଶକ ଏସ୍. ଏସ୍ ରାଜମୌଳି ଏବେ ତାଙ୍କ ଫିଲ୍ମ 'ବାରାଣସୀ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। 'ଆର୍‌ଆର୍‌ଆର୍' ଫିଲ୍ମର 'ନାଟୁ ନାଟୁ' ଗୀତକୁ ଓସ୍କାର ମିଳିବା ପରେ ରାଜମୌଳି ଏବେ ବିଶ୍ୱସ୍ତରର ଜଣେ ଫିଲ୍ମ ନିର୍ମାତା ପାଲଟି ଯାଇଛନ୍ତି। ମହେଶ ବାବୁ, ପ୍ରିୟଙ୍କା ଚୋପ୍ରା ଓ ପୃଥ୍ୱୀରାଜ ସୁକୁମାରନଙ୍କ ଅଭିନୀତ ଏହି ଫିଲ୍ମକୁ ନେଇ 'ଅବତାର: ଫାୟାର ଆଣ୍ଡ ଆଶ୍' ନିର୍ଦ୍ଦେଶକ ଜେମସ୍ କ୍ୟାମରୁନ୍ ବେଶ୍ ଉତ୍ସାହିତ ଅଛନ୍ତି। ଏହି ଫିଲ୍ମର ପ୍ରଥମ ଝଲକ ରାମୋଜି ଫିଲ୍ମ ସିଟିରେ ଏକ ଭବ୍ୟ ସମାରୋହରେ ପ୍ରଦର୍ଶନ କରାଯାଇଥିଲା। ଏଥିରେ ପାଖାପାଖି ୫୦ ହଜାର ଲୋକ ଯୋଗ ଦେଇଥିଲେ। ଏବେ କ୍ୟାମରୁନ୍ ଏହି ଫିଲ୍ମକୁ ପରଦା ଉପରେ ଦେଖିବା ପାଇଁ ବେଶ୍ ଉତ୍ସାହିତ ଥିବା ଜଣାପଡ଼ିଛି। ଏପରିକି ଏହି ଫିଲ୍ମର ସୁଟିଂ ସେଟ୍‌କୁ ମଧ୍ୟ ସେ ଆସିବା ପାଇଁ ଆଗ୍ରହୀ ଥିବା ଜଣାପଡ଼ିଛି। 'ଅବତାର' ୩' ରିଲିଜ୍ ପୂର୍ବରୁ କ୍ୟାମରୁନ୍ ରାଜମୌଳିଙ୍କୁ ଭିଡିଓ କଲ୍ କରି ଭାରତ ଆସି 'ବାରାଣସୀ' ସେଟ୍‌କୁ ଦେଖିବା ପାଇଁ ଇଚ୍ଛା କରୁଥିବା କଥା କହିଥିଲେ। ରାଜମୌଳି ଏହା ଶୁଣି ଖୁସି ହେବା ସହ ସେ ଆସିଲେ ପୂରା ସିନେ ଇଣ୍ଡଷ୍ଟ୍ରି ତାଙ୍କର ସ୍ୱାଗତ କରିବ ବୋଲି କହିଥିଲେ। ଯେତେବେଳେ ସେ କୌଣସି ରୋମାଞ୍ଚକର ସିନ୍ ସୁଟ୍ କରିବେ ସେତେବେଳେ ତାଙ୍କୁ ଡାକିବା ପାଇଁ କ୍ୟାମରୁନ୍ ରାଜମୌଳିଙ୍କୁ କହିଥିଲେ।





## ଆଜି ଆସିଥିଲେ

# ପଲ୍ଲୀକବି ନନ୍ଦକିଶୋର



ଉତ୍କଳର ମାଟି, ପାଣି, ପବନକୁ ମନୋରମ ଛନ୍ଦରେ ଛନ୍ଦାୟିତ କରି କାବ୍ୟକବିତାର ରୂପ ଦେବାରେ ବେଶ୍ ଧୂରୀଣ ଥିଲେ ପଲ୍ଲୀକବି ନନ୍ଦକିଶୋର ବଳ। ତାଙ୍କ କବିତାରେ ପଲ୍ଲୀର ଦୃଶ୍ୟ, ପଲ୍ଲୀ ଜୀବନ, ମାଟି ପ୍ରତି ଭଲପାଇବା ଏବଂ ଭାଷା ସାହିତ୍ୟକୁ ବଞ୍ଚାଇ ରଖିବାର ଆବେଗ ମୁଖର ହୋଇଛି। ଗ୍ରାମ୍ୟ ସମାଜକୁ କୁସଂସ୍କାର ମୁକ୍ତ କରି ଏକ ସୁସ୍ଥ ସମାଜ ଗଠନ କରିବା ତାଙ୍କର ସ୍ୱପ୍ନ ଥିଲା। ସେ ନିଜ ରଚନାରେ ପଲ୍ଲୀ ଜୀବନର ନିଖୁଣ ଚିତ୍ରକୁ ଏଭଳି ଭାଷାରେ ବର୍ଣ୍ଣନା କରିଥିଲେ, ଯାହା ପାଠକ ମନରେ ପଲ୍ଲୀର ଛବିକୁ ଜୀବନ୍ତ କରିଦେଉଥିଲା। ଓଡ଼ିଶାର ଗାଁ ଗଣ୍ଡାର ପ୍ରାକୃତିକ ପରିବେଶ ଉପରେ ତାଙ୍କର ଅଧିକାଂଶ କବିତା ପର୍ଯ୍ୟବସିତ। ସେ ଓଡ଼ିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ 'ପଲ୍ଲୀ କବି' ବୋଲି ସମ୍ବୋଧନ କରାଯାଇଥାଏ। ପିଲାଦିନେ ତାଙ୍କ ନାମ ରଖାଯାଇଥିଲା ରସାନନ୍ଦ। ପରେ ତାଙ୍କ ନାମ ବଦଳାଇ ନନ୍ଦ କିଶୋର ବଳ ରଖାଯାଇଥିଲା। ସେ ଓଡ଼ିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଁରେ ୧୮୭୫ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଭଜନାନନ୍ଦ ଜେନା ଓ ମାତାଙ୍କ ନାମ ହିରଣ୍ମୟୀ ଦେବୀ ଥିଲା। ତାଙ୍କ ବାଲ୍ୟଜୀବନ କୁସୁପୁରରେ ହିଁ କଟିଥିଲା। ତୁଳସୀ ଦୁଇପତ୍ରରୁ ବାସିଲା ପରି ବାଲ୍ୟକାଳରୁ ତାଙ୍କ ସାରସ୍ୱତ ପ୍ରତିଭାର ଉନ୍ମେଷ ଘଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ୍ ସ୍କୁଲ୍, ରେଭେନ୍ସା କଲିଜିଏଟ୍ ସ୍କୁଲ୍, କେନ୍ଦ୍ରାପଡ଼ା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ୧୮୯୬ ମସିହାରେ ସେ କୋକିଳା ଦେବୀଙ୍କୁ ବିବାହ କରିଥିଲେ। ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକର ଟାଉନ୍ ସ୍କୁଲରେ ନନ୍ଦକିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ଏହାର କିଛି ବର୍ଷ ପରେ ସ୍କୁଲ୍ ସବ୍ ଇନ୍ସପେକ୍ଟର୍ ଭାବେ ପଦୋନ୍ନତି ପାଇଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କଲେ। ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡ଼ିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କ ଦକ୍ଷତା ଓ କୃତିତ୍ୱକୁ ସ୍ୱୀକୃତି ଜଣାଇ ୧୯୨୪ ମସିହାରେ ଇଂରେଜ ସରକାର ତାଙ୍କୁ "ରାୟ ବାହାଦୂର" ଉପାଧି ପ୍ରଦାନ କରିଥିଲେ। ନନ୍ଦକିଶୋର କଲେଜ ପଢ଼ିବାଠୁ ହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରବନ୍ଧକୁ ସେ 'ପଲ୍ଲୀଚିତ୍ର' ନାମରେ କବିତାର ରୂପ ଦେଇଥିଲେ। ସେ ୧୦୦ରୁ ଅଧିକ ସନେଟ୍ ମଧ୍ୟ ଲେଖିଯାଇଛନ୍ତି। ତାଙ୍କ ସନେଟ୍‌ଗୁଡ଼ିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ଛୋଟ ପିଲାଙ୍କ ପାଇଁ 'ନାନାବାୟା ଗୀତ' ଲେଖି ଓଡ଼ିଶାର ପୁରପଲ୍ଲୀରେ ପରିଚିତ ହୋଇଥିଲେ। ତାଙ୍କ ଦ୍ୱାରା ରଚିତ ବହୁ କବିତା ବିଦ୍ୟାଳୟ ପାଠ୍ୟପୁସ୍ତକରେ ସ୍ଥାନିତ ହୋଇଛି। ପଲ୍ଲୀ କବିଙ୍କର ସୃଷ୍ଟି ଭିତରେ 'ନିର୍ଝରିଣୀ', 'ବସନ୍ତ କୋକିଳ', 'ପ୍ରଭାତ ସଙ୍ଗୀତ', 'ପଲ୍ଲୀଚିତ୍ର', 'ନିର୍ମାଲ୍ୟ', ଓ 'ଜନ୍ମଭୂମି' ଆଦି ଗୀତି କବିତା ଖୁବ୍ ଲୋକପ୍ରିୟ। ସେହପରି ତାଙ୍କ ଦ୍ୱାରା ରଚିତ କାବ୍ୟ ଭିତରେ 'ସୀତା ବନବାସ', 'କୃଷ୍ଣକୁମାରୀ', 'ଶର୍ମିଷ୍ଠା', 'ତରଙ୍ଗିଣୀ', 'ଚାରୁଚିତ୍ର' ଆଦି ବହୁ ପାଠକୀୟ ଆଦୃତି ଲାଭ କରିପାରିଛି। କେବଳ ପଲ୍ଲୀ ଜୀବନକୁ ନେଇ ତାଙ୍କର ସୃଷ୍ଟି ନ ଥିଲା। ଯୌତୁକ ପରି ସାମାଜିକ ବ୍ୟାଧି ବିରୋଧରେ ସେ 'କନକଲତା' ନାମକ ଉପନ୍ୟାସ ରଚନା କରିଥିଲେ। ସ୍ୱଭାବ ସୁଲଭ ଢଙ୍ଗରେ ନିଜ ରଚନାରେ ସମାଜ ସଂସ୍କାର ପାଇଁ ସେ ବହୁ ଉଦ୍ୟମ କରିଥିଲେ। ପଲ୍ଲୀକବିଙ୍କ କବିତାର ପ୍ରତିଟି ପୃଷ୍ଠାରେ ପଲ୍ଲୀ ଜୀବନଧାରା ଜୀବନ୍ତ ଭାବେ ପରିସ୍ଫୁଟ ହୋଇଥିଲା। ଓଡ଼ିଆ ସାହିତ୍ୟକୁ ତାଙ୍କ ବହୁବିଧ ସୃଷ୍ଟି ସମ୍ଭାର ପାଇଁ ସେ ଚିରକାଳ ସ୍ମରଣୀୟ ହୋଇ ରହିବେ।

# ଗ୍ରହ ସହ ଅଙ୍ଗୁଳିର ସମ୍ବନ୍ଧ

**ହସ୍ତରେଖା ଶାସ୍ତ୍ର ଅନୁସାରେ, ହାତର ପାଞ୍ଚ ଅଙ୍ଗୁଳିର ସମ୍ବନ୍ଧ କୌଣସି ନା କୌଣସି ଗ୍ରହ ସହ ସମ୍ବନ୍ଧ ରଖନ୍ତି। ଏହାର ଶୁଭାଶୁଭ ପ୍ରଭାବ ମଧ୍ୟ ଜୀବନରେ ପଡ଼ିଥାଏ।**



**ବୁଢ଼ା ଅଙ୍ଗୁଳି:** ବୁଢ଼ା ଅଙ୍ଗୁଳିର ସମ୍ବନ୍ଧ ଶୁକ୍ର ଗ୍ରହ ସହ ଥାଏ। ଶୁକ୍ର ଗ୍ରହ ପ୍ରେମ, ସୌନ୍ଦର୍ଯ୍ୟ, ଧନ, ଐଶ୍ୱର୍ଯ୍ୟର କାରକ। ଏହି ଅଙ୍ଗୁଳି ଶୁଭ ଗୁଣ ଯୁକ୍ତ ହୋଇଥିଲେ ଭୌତିକ ସୁଖ ପ୍ରାପ୍ତ ହୁଏ। ଉତ୍ତମ ଇଚ୍ଛାଶକ୍ତି, ଆତ୍ମବିଶ୍ୱାସ ଓ ତର୍କ ଶକ୍ତି ଥାଏ।

**ତର୍ଜନୀ ଅଙ୍ଗୁଳି:** ତର୍ଜନୀ ଅଙ୍ଗୁଳିର ସମ୍ବନ୍ଧ ଗୁରୁ ଗ୍ରହ ସହିତ ରହିଛି। ଏହି ଅଙ୍ଗୁଳି ଶୁଭ ଗୁଣ ଯୁକ୍ତ ହୋଇଥିଲେ ଲୋକେ ଧର୍ମ-କର୍ମରେ ସାମିଲ ହୁଅନ୍ତି। ଏଭଳି ଲୋକ ବହୁତ ବୁଦ୍ଧିମାନ ହୋଇଥାନ୍ତି।

**ମଧ୍ୟମା ଅଙ୍ଗୁଳି:** ମଧ୍ୟମା ଅଙ୍ଗୁଳି ଉପରେ ଶନି ଗ୍ରହର ପ୍ରଭାବ ଥାଏ। ଶୁଭ ଗୁଣ ସହିତ ଏହି ଅଙ୍ଗୁଳି ଜଡ଼ିତ ଥିଲେ ବ୍ୟକ୍ତି ସଂଗୀତପ୍ରେମୀ ହୋଇଥାନ୍ତି। ଈଶ୍ୱରଙ୍କ ପ୍ରତି ଗଭୀର ଭକ୍ତି ଥାଏ। ଏଭଳି ଲୋକେ ପ୍ରାଣୀପ୍ରେମୀ ବି ହୋଇଥାନ୍ତି।

**ଅନାମିକା ଅଙ୍ଗୁଳି:** ଅନାମିକା ଅଙ୍ଗୁଳି ଉପରେ ସୂର୍ଯ୍ୟଙ୍କ ପ୍ରଭାବ ଥାଏ। ଏହି ଅଙ୍ଗୁଳି ଶୁଭ ଗୁଣ ଯୁକ୍ତ ହୋଇଥିଲେ, ବ୍ୟକ୍ତି ସମାଜରେ ସମ୍ମାନ ପ୍ରାପ୍ତ କରନ୍ତି। ଏଭଳି ଲୋକେ ବହୁତ ମହତ୍ତ୍ୱାକାଂକ୍ଷୀ ହୋଇଥାନ୍ତି ଏବଂ ଅଧିକ ଧନ ଉପାର୍ଜନ କରନ୍ତି।

**କନିଷ୍ଠା ଅଙ୍ଗୁଳି:** ଏହି ଅଙ୍ଗୁଳିର ସମ୍ବନ୍ଧ ବୁଧ ଗ୍ରହ ସହିତ ଅଛି। ବୁଧ ଗ୍ରହ ବୁଦ୍ଧି, ବାଣୀ ଓ ପଢ଼ାର କାରକ। ଏହି ଅଙ୍ଗୁଳି ଶୁଭ ଗୁଣ ଯୁକ୍ତ ହୋଇଥିଲେ ପଢ଼ାଲେଖାରେ ମନୋନିବେଶ କରନ୍ତି। ଏଭଳି ଲୋକ ପ୍ରଫେସର, ସାହିତ୍ୟକାର ହୋଇଥାନ୍ତି। ବୁଦ୍ଧି ସହିତ ଜଡ଼ିତ କାମରେ ସଫଳତା ଲାଭ କରନ୍ତି।

## ସୃଷ୍ଟି

# ରୋଷେଇ ଜିନିଷ ବାରମ୍ବାର ପଡୁଥିଲେ...

**ରୋଷେଇ ଘରେ ଥିବା ଜିନିଷ ବାରମ୍ବାର ପଡ଼ିବା ବାସ୍ତୁ ଦୋଷ ଏବଂ ଗ୍ରହର ଦୁର୍ବଳ ସ୍ଥିତିର ସଙ୍କେତ ପ୍ରଦାନ କରିଥାଏ। ବାରମ୍ବାର ଏଭଳି ହେବାକୁ ଅଶୁଭ ବୋଲି କୁହାଯାଏ। ଏହାଦ୍ୱାରା ପରିବାରର ସମୃଦ୍ଧି ପ୍ରଭାବିତ ହୁଏ।**

- ବାରମ୍ବାର ରୋଷେଇ ଘରେ ଲୁଣ ପଡ଼ିବା ଗ୍ରହର ସ୍ଥିତି ଦୁର୍ବଳକୁ ଇଙ୍ଗିତ କରେ। ଏହାର ପ୍ରଭାବ, ଧନ, ସୌଭାଗ୍ୟ, ପାରିବାରିକ ଶାନ୍ତି ଉପରେ ପଡ଼େ।
- ସେହିପରି ବାରମ୍ବାର ସୋରିଷ ତେଲ ପଡ଼ିବା ଶନି ଗ୍ରହ ସହିତ ସମ୍ବନ୍ଧିତ ସମସ୍ୟାର ସଙ୍କେତ ଦିଏ। ଏହାର ପ୍ରଭାବ ମାନସମ୍ମାନ ଏବଂ ଧନ ଉପରେ ପଡ଼େ।
- କ୍ଷୀର ଚନ୍ଦ୍ରର ପ୍ରତୀକ। ବାରମ୍ବାର କ୍ଷୀର ପଡ଼ିବା ଚନ୍ଦ୍ର ଦୁର୍ବଳ ସ୍ଥିତିରେ ଥିବା ସୂଚାଏ। ଏହାର ପ୍ରଭାବ ପରିବାରର ସୁଖ-ଶାନ୍ତି ଓ ସମୃଦ୍ଧି ଉପରେ ପଡ଼ିଥାଏ।
- ରୁଟି, ଅନ୍ନ ଆଦି ଅନ୍ୟାନ୍ୟ ରନ୍ଧା ଖାଦ୍ୟ ବାରମ୍ବାର ତଳେ ପଡ଼ିବାକୁ ଗୁରୁତର ବାସ୍ତୁ ଦୋଷ ବୋଲି କୁହାଯାଏ। ଏହା ଦରିଦ୍ରତା ଏବଂ ଅନ୍ନପୂର୍ଣ୍ଣାଙ୍କ ପ୍ରତି ଅପମାନକୁ ଦର୍ଶାଏ।



# ମନ୍ଦିରରୁ ଫେରି ଗୋଡ଼ ଧୋଇବା ମନା


**ମନ୍ଦିର କେବଳ ପୂଜା କରିବାର ସ୍ଥାନ ନୁହେଁ, ବରଂ ଏହା ଶାନ୍ତି ଓ ସକାରାତ୍ମକ ଶକ୍ତି ପ୍ରଦାନ କରେ। ସୁଖ ତଥା ଶାନ୍ତି ଜୀବନ ଲାଗି ଲୋକେ ମନ୍ଦିରରେ ପ୍ରାର୍ଥନା କରନ୍ତି। ହେଲେ ମନ୍ଦିରରୁ ଫେରି ତୁରନ୍ତ ପାଦ ଧୋଇବା କିମ୍ବା ଗାଧୋଇବା ଭଲ ନୁହେଁ।**



ସାଧାରଣତଃ ମନ୍ଦିରରୁ ଫେରିବା ପରେ ଲୋକେ ଗୋଡ଼ ହାତ ଧୁଅନ୍ତି। ଏହା ଏକ ସାଧାରଣ ଅଭ୍ୟାସ। ତେବେ ଧାର୍ମିକ ଦୃଷ୍ଟିକୋଣରୁ ଏହା ଠିକ୍ ନୁହେଁ। ତେଣୁ ମନ୍ଦିରରୁ ତୁରନ୍ତ ଫେରିବା ପରେ ଗାଧୋଇବା ତଥା ଗୋଡ଼ ଧୋଇବା ଭଲ ନୁହେଁ। ଏହା ଦ୍ୱାରା ମନ୍ଦିରରୁ ମିଳିଥିବା ପବିତ୍ରତା ଏବଂ ସକାରାତ୍ମକ ଶକ୍ତି ହ୍ରାସ ପାଏ। କିଛି ସମୟ ସେହି ଶକ୍ତି ନିଜ ଭିତରେ ରଖିବା ପାଇଁ ଏଭଳି ନ କରିବାକୁ କୁହାଯାଇଛି। ମନ୍ଦିରରେ ପୂଜାପାଠର ପ୍ରଭାବ ସିଧା ଶରୀର ଓ ମନ ଉପରେ ପଡ଼ିଥାଏ। ମନ୍ଦିରରୁ ଯେଉଁ ଶକ୍ତି ମିଳେ, ତାହା କିଛି ସମୟ ପାଇଁ ଆମ ଆଖପାଖରେ ରହେ। ମନକୁ ଶାନ୍ତି ପ୍ରଦାନ କରେ। ତେବେ ମନ୍ଦିରରୁ ଫେରିବା ପରେ କିଛି ସମୟ ବସି ଠାକୁରଙ୍କ ଧ୍ୟାନ କରିବା ଉଚିତ। ଏହାଦ୍ୱାରା ମନ ଶାନ୍ତ ହୁଏ ଏବଂ ଦିନଟି ଭଲ ଭାବେ ବିତିଥାଏ। ଶାସ୍ତ୍ରରେ କୁହାଯାଇଛି ମନ୍ଦିରକୁ ଯିବା ପୂର୍ବରୁ ହାତ ଗୋଡ଼ ଧୋଇବା ଉଚିତ। ହେଲେ ସେଠାରୁ ଫେରିବା ପରେ ଏଭଳି କରିବା ଅନୁଚିତ। ଅନ୍ୟପକ୍ଷରେ ମନ୍ଦିରରୁ ଫେରି ତୁରନ୍ତ ପାଣିର ବ୍ୟବହାର ନ କରିବା ଭଲ।

# ଦକ୍ଷିଣ ଦିଗରେ ଲଗାନ୍ତୁ ହନୁମାନଙ୍କ ଫଟୋ

ହନୁମାନଙ୍କୁ ସଙ୍କଟମୋଚନ କୁହାଯାଏ। ତେବେ ବାସ୍ତୁ ଅନୁସାରେ ହନୁମାନଙ୍କ ଫଟୋ ଲଗାଇବା ଦ୍ୱାରା ସମସ୍ତ ପ୍ରକାର ସଙ୍କଟ ଓ ବାଧା ଦୂର ହୁଏ। ଏହାଦ୍ୱାରା ସବୁ ପ୍ରକାର ନକାରାତ୍ମକ ଶକ୍ତି ମଧ୍ୟ ଘରୁ ଦୂର ହୋଇଥାଏ। ତେବେ ବାସ୍ତୁ ଶାସ୍ତ୍ର ଅନୁସାରେ, ହନୁମାନଙ୍କ ଫଟୋ ଦକ୍ଷିଣ ଦିଗରେ ଲଗାଇବା ଉଚିତ। ଏହି ଦିଗରେ ହନୁମାନଙ୍କ ପ୍ରଭାବ ଅଧିକ ଥାଏ। ତେଣୁ ଏହି ଦିଗକୁ ଶୁଭ ବୋଲି ବିବେଚନା କରାଯାଏ।



ଦକ୍ଷିଣ ଦିଗରେ ହନୁମାନଙ୍କ ଫଟୋ ଲଗାଇବା ଦ୍ୱାରା ସୁଖ ଓ ସମୃଦ୍ଧି ବୃଦ୍ଧି ପାଏ। ତା'ସହ ବାସ୍ତୁ ଦୋଷ ଦୂର ହୁଏ ଏବଂ ସମସ୍ତଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହେ। ସେହିପରି ମଙ୍ଗଳ ଦୋଷ ଦୂର ହୋଇ ଶୁଭ ପରିଣାମ ମିଳିଥାଏ। କେବଳ ସେତିକି ନୁହେଁ, ହନୁମାନଙ୍କ ଆଶୀର୍ବାଦ ଓ କୃପା ପ୍ରାପ୍ତି ହୁଏ। ଏହାବାଦ୍ ସମସ୍ତ କାର୍ଯ୍ୟରେ ସଫଳତା ପ୍ରାପ୍ତ ହୁଏ। ଅନ୍ୟପକ୍ଷରେ ହନୁମାନଙ୍କ ଫଟୋ ଶୋଇବା ଘର ଏବଂ ରୋଷେଇ ଘରେ ଲଗାଇବା ଅନୁଚିତ।

**୧୯ ବର୍ଷରୁ କମ୍ ଏସିଆ କପ୍‌ରେ ସମୀର ଶ୍ରେଷ୍ଠ ଖେଳାଳି**

## ଭାରତ ରନର୍ସଅପ୍‌ରେ ସନ୍ତୁଷ୍ଟ

**ଦୁବାଇ,୨୧।୧୨(ଏଜେନ୍ସି):** ଓପନର ମିଥୁନ ମାନହାସଙ୍କ ବିସ୍ଫୋରକ ଶତକ ବଳରେ ଏଠାରେ ଶେଷ ହୋଇଥିବା ୧୯ ବର୍ଷରୁ କମ୍ ଏସିଆ କପ୍‌ରେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି। ସମୀର ୧୧୩ ବଲ୍‌ରେ ୧୭୨ ରନ୍ କରିବା ଫଳରେ ପାକିସ୍ତାନ ଏହି ଫାଇନାଲକୁ ୧୯୧ ରନ୍‌ରେ ଜିତି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏଠାରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୩୪୭ ରନ୍ କରିଥିଲା। ମିନ୍‌ହାସ ସର୍ବାଧିକ ୧୭୨ ରନ୍ କରିଥିଲେ। ଜବାବରେ ଭାରତ ୨୬.୨ ଓଭରରେ ମାତ୍ର ୧୯୧ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ନଂ-୧୦ ବ୍ୟାଟର ଦୀପେଶ ଦେବେନ୍ଦ୍ରନ ସର୍ବାଧିକ ୩୬ ରନ୍ କରିଥିଲେ। ତାରକା ଖେଳାଳିଙ୍କ ମଧ୍ୟରେ ଓପନର ବୈଭବ ସୂର୍ଯ୍ୟବଂଶୀ ୧୦ବଲ୍‌ରେ ୨୬, ଅଧିନାୟକ ଆୟୁଷ ମାହାତ୍ରେ ୨, ଆରନ ଜର୍ଜ ୧୬, ବିହାନ ମାଲହୋତ୍ରା ୭ ବେଦାନ୍ତ ତ୍ରିବେଦୀ ୯ ଓ ଅଭିଜ୍ଞାନ କୁଣ୍ଡୁ ୧୩ ରନ୍ କରିଥିଲେ। ମାହାତ୍ରେଙ୍କ ସହ ଉଇକାଉଇ କରିଥିବା ଅଲି ରାଜା ସର୍ବାଧିକ ୪ଟି, ମହମ୍ମଦ୍ ସାୟମ, ଅବଦୁଲ ଶୁଭମ ୨ଟି ୱିକେଟ ନେଇଥିଲେ।

## ୧ ମିଲିୟନ ଜିତିବାରେ ୟଙ୍ଗ୍ ପ୍ରଥମ ସଟଲର୍

**ହାଙ୍ଗଝୋଉ, ୨୧।୧୨ (ଏଜେନ୍ସି):** ଦକ୍ଷିଣ କୋରିଆର ଆନ୍ ସି-ୟଙ୍ଗ ଚାଇନାରେ ଅନୁଷ୍ଠିତ ସମ୍ମାନଜନକ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଫାଇନାଲ୍ସରେ ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ୟଙ୍ଗ୍ ୨୧-୧୩, ୧୮-୨୧, ୨୧-୧୦ ଗେମରେ ଘରୋଇ ଚାଇନାର ୱାଙ୍ଗ୍ ଝି ୟିଙ୍କୁ ହରାଇଥିଲେ। ଏଥିସହ ବିଶ୍ୱର ଏକ ନମ୍ବର ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ୟଙ୍ଗ୍‌ଙ୍କ ସିଜନର ଏହା ୧୧ତମ ଟାଇଟଲ୍ ଥିଲା। ସେହିଭଳି ୨୦୨୫ରେ ୟଙ୍ଗ ଜିତିଥିବା ୧୧ଟି ଟାଇଟଲ୍‌ରେ ମୋଟ୍ ୧ ମିଲିୟନ ଆମେରିକୀୟ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୮ କୋଟି ୯୫ ଲକ୍ଷ) ପୁରସ୍କାର ରାଶି ଜିତିସାରିଛନ୍ତି। ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ଗୋଟିଏ ସିଜନରେ ୧ ମିଲିୟନ ପୁରସ୍କାର ଜିତିବାରେ ୟଙ୍ଗ ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି।

**ଜେମିମା ରୋଡ୍ରିଗ୍ରେଜ୍‌ଙ୍କ ଅପରାଜିତ ଅର୍ଦ୍ଧଶତକ**

# ପ୍ରଥମ ଟି-୨୦ରେ ଭାରତର ବିଜୟ

ବିଶାଖାପାଟଣା,୨୧।୧୨(ଏଜେନ୍ସି)

ଜେମିମା ରୋଡ୍ରିଗ୍ରେଜ୍‌ଙ୍କ ଅର୍ଦ୍ଧଶତକ ଓ ବୋଲରଙ୍କ ନିୟନ୍ତ୍ରିତ ପ୍ରଦର୍ଶନ ବଳରେ ଏଠାରେ ରବିବାର ଖେଳାଯାଇଥିବା ପ୍ରଥମ ମହିଳା ଟି-୨୦ ମୁକାବିଲାରେ ଭାରତ ୮ ୱିକେଟରେ ଭ୍ରମଣକାରୀ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଏହିଠାରେ ଆସନ୍ତା ୨୩ ତାରିଖରେ ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୨୧ ରନ୍ କରିଥିଲା। ଜବାବରେ ଜେମିମାଙ୍କ ଅପରାଜିତ ୬୯ ରନ୍ ସହାୟତାରେ ଭାରତ ୧୪.୪ ଓଭରରେ ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଜେମିମାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ଓପନର ସ୍ମୃତି ମନ୍ଧାନା (୪୦୦୭) ପ୍ରଥମ ଭାରତୀୟ ଓ ସମସ୍ତ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ନ୍ୟୁଜିଲାଣ୍ଡର ସୁଜି ବେଟ୍ସ (୪୭୧୬) ପରେ ବିଶ୍ୱରେ ଦ୍ୱିତୀୟ ଖେଳାଳିଭାବେ ୪,୦୦୦ ରନ୍ ପୂରଣ କରିବାରେ ସମର୍ଥ ହୋଇଛନ୍ତି।

ଏହି ମ୍ୟାଚ୍‌ରେ ଭାରତ ଆଗରେ ଭ୍ରମଣକାରୀ ଶ୍ରୀଲଙ୍କା ୧୨୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ଭାରତ ୧୩ ରନ୍‌ରେ ଶେଫାଳି ବର୍ମା (୯) ଓ ୯ମ ଓଭରରେ ସ୍ମୃତି ମନ୍ଧାନା (୨୫)ଙ୍କ ୱିକେଟ ହରାଇଥିଲା।



ଏହା ପରେ ଜେମିମାଙ୍କ ସହ ମିଶି ହରମନପ୍ରୀତ୍ କୌର ଆଉ କୌଣସି କ୍ଷତି ନ ଘଟାଇ ଦଳକୁ ବିଜୟୀ କରାଇଥିଲେ। ଜେମିମା ଦ୍ୱିତୀୟ ୱିକେଟ ଭାଗୀଦାରିରେ ମନ୍ଧାନାଙ୍କ ସହ ୪୧ବଲ୍‌ରୁ ୫୪ ଓ ତୃତୀୟ ୱିକେଟରେ ହରମନପ୍ରୀତ୍‌ଙ୍କ ସହ ୩୯ ବଲ୍‌ରୁ ୫୫ ରନ୍ ଉଠାଇଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ଜେମିମା ୪୪ବଲ୍ ଖେଳି ୧୦ ଚୌକା ସହ ୬୯ ଓ ହରମନପ୍ରୀତ୍ ୧୬ ବଲ୍‌ରୁ ୧୫ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଏଠାରେ ଭାରତୀୟ ଅଧିନାୟିକା ହରମନପ୍ରୀତ କୌର ଟସ୍ ଜିତିବା ପରେ ଭ୍ରମଣକାରୀ ଶ୍ରୀଲଙ୍କାକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା। ଭାରତୀୟ ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ଆଗରେ ଶ୍ରୀଲଙ୍କାର କୌଣସି ବ୍ୟାଟର ହାତଖୋଲା ସଟ୍ ଖେଳିବାକୁ ସମର୍ଥ ହୋଇ ନ ଥିଲେ। କେବଳ ଓପନର ଭିଷ୍ମି ଗୁଣରତ୍ନେ ଦୃଢ଼ତାର ସହ ବ୍ୟାଟିଂ କରି ୪୩ବଲ୍‌ରୁ ସର୍ବାଧିକ ୩୯ ରନ୍ କରିଥିଲେ। ସେ ଦ୍ୱିତୀୟ ୱିକେଟ ଭାଗୀଦାରିରେ ହାସିନୀ ପରେରାଙ୍କ ସହ ୩୮ ବଲ୍‌ରୁ ୩୧ ଓ ତୃତୀୟ ୱିକେଟରେ ହର୍ଷିତା ମାଦଭୀଙ୍କ ସହ ୩୬ ବଲ୍‌ରୁ ୩୮ ରନ୍ ଉଠାଇ ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ।

**୪୦୦୦ ରନ୍ ପୂରଣରେ ମନ୍ଧାନା ପ୍ରଥମ ଭାରତୀୟ**

ଭାରତ ପକ୍ଷରୁ ଦୁଇ ସ୍ପିନର ଦୀପ୍ତି ଶର୍ମା ଓ ଡେବ୍ୟୁଟାଣ୍ଟ ବାମହାତୀ ସ୍ପିନର ବୈଷ୍ଣବୀ ଶର୍ମା କଞ୍ଜୁସ ବୋଲିଂ କରିଥିଲେ। ଦୀପ୍ତି ତାଙ୍କ ୪ ଓଭର ସ୍ପେଲ୍‌ରେ ୨୦ ରନ୍ ଦେଇ ଗୋଟିଏ ୱିକେଟ ପାଇଥିଲାବେଳେ ବୈଷ୍ଣବୀ ୧୬ ରନ୍ ଦେଇଥିଲେ ମଧ୍ୟ କୌଣସି ୱିକେଟ ପାଇ ନ ଥିଲେ। ଫାଷ୍ଟ ବୋଲର କ୍ରାନ୍ତି ଗୌଡ଼ ଓ ଶ୍ରୀ ଚରଣିଙ୍କୁ ଆଉ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ଭାରତୀୟ ଫିଲ୍ଡରମାନେ ୪ଟି କ୍ୟାଚ୍ ଡ୍ରପ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ୩ଜଣ ବ୍ୟାଟର ଭିଷ୍ମି, ନିଳାକ୍ଷୀ ଡି ସିଲ୍‌ଭା (୮) ଓ କାଭିସା ଦିଲହାରୀ (୬) ରନ୍‌ଆଉଟ ହୋଇଥିଲେ।

**ଆସେସ୍ ସିରିଜ; ଇଂଲଣ୍ଡର ହ୍ୟାଟ୍ରିକ୍ ପରାଜୟ**

# ଅଷ୍ଟ୍ରେଲିଆ ୩-୦ରେ ଆଗୁଆ

**ଆଡିଲେଡ୍, ୨୧।୧୨ (ଏଜେନ୍ସି):** ଆଡିଲେଡ୍ ଓଭାଲରେ ଅନୁଷ୍ଠିତ ଚଳିତ ଆସେସ୍ ସିରିଜର ତୃତୀୟ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ୮୨ ରନରେ ବିଜୟୀ ହୋଇଛି। ୪୩୫ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଇଂଲଣ୍ଡ ରବିବାର ଅନ୍ତିମ ତଥା ୫ମ ଦିବସରେ ୩୫୨ ରନ କରି ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ ହୋଇ ପରାଜୟବରଣ କରିଥିଲା। ଓପନର୍ ଜ୍ୟାକ୍ କ୍ରାଲୀ ଓ ଜେମି ସ୍ମିଥ୍ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ପ୍ରଥମ ପାଳିରେ ଶତକ ଓ ଦ୍ୱିତୀୟ ପାଳିରେ ଅର୍ଦ୍ଧଶତକ ହାସଲ କରିଥିବା ଆଲେକ୍ସ କାରୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୂର୍ବରୁ ପ୍ରଥମ ଦୁଇଟି ଟେଷ୍ଟକୁ ୮ ୱିକେଟ୍‌ରେ ଜିତିଥିବା ଅଷ୍ଟ୍ରେଲିଆ ଦଳ ଏଥିସହ ୩-୦ରେ ଆଗୁଆ ସିରିଜ କବ୍‌ଜା କରିନେଇଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜର ୪ର୍ଥ ମୁକାବିଲା ଡିସେମ୍ବର ୨୬ରୁ ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ଆରମ୍ଭ ହେବ। ୪୩୫ ରନର ଟାର୍ଗେଟ୍‌କୁ ପିଛା କରିଥିବା ବେନ୍ ଷ୍ଟୋକ୍ସଙ୍କ ଇଂଲଣ୍ଡ ଦଳ ଶନିବାର ୪ର୍ଥ ଦିବସ ଷ୍ଟମ୍ପ ସୁଦ୍ଧା ୬ ୱିକେଟ୍‌ରେ ୨୦୭ ରନ କରିଥିଲା।



ରବିବାର ଏହି ଅସମାପ୍ତ ସ୍କୋରରୁ ଦ୍ୱିତୀୟ ପାଳି ଆରମ୍ଭ କରି ଇଂଲଣ୍ଡ ନିମ୍ନକ୍ରମରେ ଲଢ଼େଇ କରିଥିଲେ ମଧ୍ୟ ହାର ମାନିଥିଲା। ନିମ୍ନକ୍ରମରେ ୱିକେଟକିପର ସ୍ମିଥ ୬୦, ୱିଲ୍ ଜ୍ୟାକ୍ସ ୪୭ ଓ ବ୍ରାଇଡନ କ୍ରାସ ଅପରାଜିତ ୩୯ ରନ କରିଥିଲେ କିଛିଟା ଲଢ଼େଇ କରିଥିଲେ। ବିଜୟୀ ଅଷ୍ଟ୍ରେଲିଆ ପକ୍ଷରୁ ଅଧିନାୟକ ପ୍ୟାଟ୍ କମିନ୍ସ, ମିଚେଲ ଷ୍ଟାର୍କ ଓ ନାଥନ ଲାୟନ ୩ଟି ଲେଖାଏ ୱିକେଟ୍ ନେଇଥିଲେ।

**ଘରୋଇ ମାଟିରେ ଅପରାଜେୟ**

ଏଠାରେ ୩-୦ରେ ଆଗୁଆ ସିରିଜ ବିଜୟ ହେବା ସହ ଅଷ୍ଟ୍ରେଲିଆ ଦଳ ଏହାର ଅପରାଜେୟଧାରାକୁ ୧୨ ବର୍ଷ ହେବ ବଜାୟ ରଖିବାରେ ସଫଳ ହୋଇଛି। ଘରୋଇ ପରିବେଶରେ ଖେଳିଥିବା ଶେଷ ୪ଟି ଆସେସ୍ ସିରିଜରେ ଅଷ୍ଟ୍ରେଲିଆ ଯଥାକ୍ରମେ ୫-୦ (୨୦୧୩-୧୪), ୪-୦ (୨୦୧୭-୧୮), ୪-୦ (୨୦୨୧-୨୨) ଏବଂ ୩-୦ରେ ଅଗ୍ରଣୀ (ଚଳିତ ସିରିଜ)ରେ ଟ୍ରଫି ବଜାୟ ରଖିଛି।

**କାରୀଙ୍କ କୀର୍ତ୍ତିମାନ**

ଅଷ୍ଟ୍ରେଲିଆ ୱିକେଟକିପର ଆଲେକ୍ସ କାରୀ ଏହି ୩ୟ ଟେଷ୍ଟରେ ଉଭୟ ପାଳିରେ ଯଥାକ୍ରମେ ୧୦୬ ଓ ୭୨ ରନ କରିଥିଲେ। ସେହିଭଳି ୱିକେଟ୍ ପଛରେ ସେ ୭ଟି ଡିସ୍‌ମିସାଲ ମଧ୍ୟ କରି ମ୍ୟାଚର ଶ୍ରେଷ୍ଠ ପୁରସ୍କାର ହାତେଇ ନେଇଥିଲେ। ଆସେସ ସିରିଜର କୌଣସି ଏକ ଟେଷ୍ଟରେ ଜଣେ ୱିକେଟ୍‌କିପର ମ୍ୟାଚର ଶ୍ରେଷ୍ଠ ଖେଳାଳି ହେବାରେ ଏହା ୩ୟ ଘଟଣା। ଏଥିପୂର୍ବରୁ ୧୯୯୭ରେ ଇଆନ ହେଲୀ ଓ ୨୦୦୧ରେ ଆଡାମ ଗିଲକ୍ରିଷ୍ଟ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ଟାର୍ଗେଟ୍ ୪୬୨; ୱେଷ୍ଟଇଣ୍ଡିଜ ୪୩/୦

**ମାଉଣ୍ଟ ମାଉଙ୍ଗାନୁଇ, ୨୧।୧୨ (ଏଜେନ୍ସି):** ଘରୋଇ ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚାଲିଥିବା ଅନ୍ତିମ ତଥା ୩ୟ ଟେଷ୍ଟ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୪୬୨ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ରବିବାର ୪ର୍ଥ ଦିବସ ଷ୍ଟମ୍ପ ସୁଦ୍ଧା ଦ୍ୱିତୀୟ ପାଳିରେ ୧୬ ଓଭରରେ କୌଣସି ୱିକେଟ୍ ନ ହରାଇ ୪୩ ରନ ସଂଗ୍ରହ କରିଛି। ସୋମବାର ମ୍ୟାଚର ଅନ୍ତିମ ତଥା ୫ମ ଦିବସ। ୱେଷ୍ଟଇଣ୍ଡିଜକୁ ବିଜୟ ଲାଗି ୯୦ ଓଭରରେ ୪୧୯ ରନର ଏକ କଷ୍ଟସାଧ୍ୟ ଲକ୍ଷ୍ୟ ରହିଛି। ସିରିଜରେ ୧-୦ରେ ପଛୁଆ ରହିଥିବା ୱେଷ୍ଟଇଣ୍ଡିଜ ଯଦି ଏଠାରେ ବିଜୟୀ ହୁଏ ତେବେ ଡ୍ର ରହିବ। ପୂର୍ବରୁ ତିନି ମ୍ୟାଚ୍‌ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଡ୍ର ରହିଥିବାବେଳେ ନ୍ୟୁଜିଲାଣ୍ଡ ୨ୟ ଟେଷ୍ଟକୁ ୯ ୱିକେଟ୍‌ରେ ବିଜୟୀ ହୋଇଥିଲା।

**ଇତିହାସରେ ୧୦ମ ଖେଳାଳି**

ନ୍ୟୁଜିଲାଣ୍ଡର ଓପନର୍ ଡେଭନ କନ୍‌ୱେ ଦମ୍‌ଦାର ବ୍ୟାଟିଂ କରି ନିଜ ନାମକୁ ରେକର୍ଡ ବୁକ୍‌ରେ ଲିପିବଦ୍ଧ କରିଛନ୍ତି। ପ୍ରଥମ ପାଳିରେ ୨୨୭ ରନ କରିଥିବା କନୱେ ଦ୍ୱିତୀୟ ପାଳିରେ ମଧ୍ୟ ଶତକ ମାରିଛନ୍ତି। ଫଳରେ ଟେଷ୍ଟ ଇତିହାସର ୧୦ମ ଖେଳାଳି ଭାବେ କନୱେ ଗୋଟିଏ ମ୍ୟାଚରେ ଦ୍ୱିଶତକ ଓ ଶତକୀୟ ପାଳି ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ସେହିଭଳି ଟମ୍ ଲଥାମ ମଧ୍ୟ ଏହି ମ୍ୟାଚର ଉଭୟ ପାଳି (୧୩୭ ଓ ୧୦୧ ରନ)ରେ ଶତକ ହାସଲ କରିଛନ୍ତି। ଉଭୟ ପାଳିରେ ଶତକ ହାସଲ କରିବାରେ ଲାଥମ ୬ଷ୍ଠ ନ୍ୟୁଜିଲାଣ୍ଡ ଖେଳାଳି ହୋଇଛନ୍ତି।

## ଗଣ୍ଡରପୁର କପ୍ ଜିତିଲା ମା' ମଙ୍ଗଳା

**ଭୁବନେଶ୍ୱର, ୨୧।୧୨ (ସମିସ):** ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ୨୩ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଉତ୍ତର ଭୁବନେଶ୍ୱରର ଗଣ୍ଡପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ରବିବାର ୩ଟି ବିଭାଗରେ ଫାଇନାଲ ଖେଳାଯାଇଥିଲା। ସହରାଞ୍ଚଳ ବିଭାଗର ଫାଇନାଲରେ ଢେଙ୍କାନାଳର ମା' ମଙ୍ଗଳା ଦଳ ୨-୦ ଗୋଲରେ ଜଗା ୟୁନାଇଟେଡ୍ (ଭୁବନେଶ୍ୱର)କୁ ପରାସ୍ତ କରି ଟ୍ରଫି ଜିତିଥିଲା। ଚାମ୍ପିଅନ ଦଳ ମା ମଙ୍ଗଳାକୁ ଟ୍ରଫି ସହ ୭୫ ହଜାର ଟଙ୍କା ଓ ରନର୍ସଅପ୍ ଜଗା ୟୁନାଇଟେଡକୁ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଗ୍ରାମାଞ୍ଚଳ-ଏ ବିଭାଗରେ ମା ମଙ୍ଗଳା (ଗୋଠପୁର) ଟ୍ରାଇବ୍ରେକରରେ ୫-୪ ଗୋଲରେ ପ୍ରତାପ କ୍ଲବ (ପ୍ରତାପନଗରୀ)କୁ ହରାଇ ଚାମ୍ପିଅନ ହେବା ସହ ୧ ଲକ୍ଷ ଟଙ୍କା ପୁରସ୍କାର ପାଇଥିଲା। ରନର୍ସଅପ୍ ପ୍ରତାପ କ୍ଲବ ୭୫ ହଜାର ଟଙ୍କା ହାସଲ କରିଥିଲା। ଅପରପକ୍ଷରେ ଗ୍ରାମାଞ୍ଚଳ-ବି ବିଭାଗରେ କୃଷକ ବନ୍ଧୁ କ୍ଲବ ଟାଇଟଲ୍ ହାସଲ କରିଛି। ଫାଇନାଲରେ କୃଷକ ବନ୍ଧୁ ଦଳ ୧-୦ ଗୋଲରେ ବାରଙ୍ଗ ବାୟାର ଦଳକୁ ପରାସ୍ତ କରିଥିଲା। ଏହି ବିଭାଗରେ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଯଥାକ୍ରମେ ୪୦ ହଜାର ଓ ୩୦ ହଜାର ଟଙ୍କା ଦିଆଯାଇଥିଲା।



ସେହିଭଳି ସହରାଞ୍ଚଳ ବିଭାଗ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଦିଲ୍ଲୀପ ଦେହୁରୀ ଏବଂ ଗ୍ରାମାଞ୍ଚଳ-ଏ ବିଭାଗର ଅଜିତ ରାଉତ ପୁରସ୍କାର ବାବଦକୁ 'ପଲସର୍' ଗାଡ଼ି ପାଇଥିଲେ। ଗ୍ରାମାଞ୍ଚଳ-ବି ବିଭାଗର ଶ୍ରେଷ୍ଠ ଖେଳାଳି ରାଜାଙ୍କୁ ଏକ ଇଲେକ୍ଟ୍ରି ବାଇକ ଦିଆଯାଇଥିଲା।

ଫାଇନାଲରେ ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଲକ ପ୍ରସାଦ ମହାପାତ୍ର, ସୁବାସ ଚନ୍ଦ୍ର ପାତ୍ର, ଦୂତୀ ଚାନ୍ଦ, ପ୍ରତାପ ଚନ୍ଦ୍ର ରାଉତ, ଅନୁପ ଖୁଣ୍ଟିଆ ଓ ପିଙ୍କି ସ୍ୱାଇଁ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

## ମେସିଙ୍କ ଲାଗି ୧୦୦ କୋଟି

**କୋଲକାତା,୨୧।୧୨(ଏଜେନ୍ସି):** କିଂବଦନ୍ତୀ ଫୁଟବଲ ଖେଳାଳି ଲିଓନେଲ ମେସିଙ୍କ ଭାରତ ଗସ୍ତ ଲାଗି ୧୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହା ମଧ୍ୟରୁ ମେସି ୮୯ କୋଟି ଟଙ୍କା ନେଇଛନ୍ତି ଓ ଭାରତ ସରକାର ଟିକସ ଆକାରରେ ୧୧ କୋଟି ଟଙ୍କା କାଟି ରଖିଛନ୍ତି। ଏହି ଅର୍ଥର ୩୦ ପ୍ରତିଶତ ପ୍ରାୟୋଜକ, ୩୦ ପ୍ରତିଶତ ଟିକଟରୁ ମିଳିଥିଲା ବୋଲି ତଦନ୍ତକାରୀ ସଂସ୍ଥାକୁ ମୁଖ୍ୟ ଆୟୋଜକ ଶତଦ୍ରୁ ଦତ୍ତ ଜଣାଇଛନ୍ତି। ଦତ୍ତଙ୍କ ଆକାଉଣ୍ଟରୁ ୨୦ କୋଟି ଟଙ୍କା ମେସିଙ୍କୁ ଦିଆଯାଇଛି। ଏହି ଅର୍ଥ କେଉଁଠୁ ଆସିଲା ତାହାର ତଦନ୍ତ କରାଯାଉଛି।

## ନୀଲାବ୍‌ଜାଙ୍କୁ ଦ୍ୱିତୀୟ ପଦକ

**ଭୁବନେଶ୍ୱର,୨୧।୧୨(ସମିସ):** ଚେନ୍ନଇର ଏସ୍‌ଆର୍‌ଏମ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଚାଲିଥିବା ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଆଜି ସନ୍ତରଣରେ କିଟ୍ ଡିମ୍‌ଡ ୟୁନିଭର୍ସିଟିକୁ ଗୋଟିଏ ପଦକ ମିଳିଥିଲାବେଳେ ଭଲିବଲ୍‌ର ଉଭୟ ପୁରୁଷ ଓ ମହିଳା ଦଳ ପ୍ରଥମ ୨ଟି ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗତକାଲି ୫୦ ମିଟର ବଟରଫ୍ଲାଏରେ ନୀଲାବ୍‌ଜା ଘୋଷ କାଂସ୍ୟ ଜିତିବା ପରେ ଆଜି ରବିବାର ଅନୁଷ୍ଠିତ ୫୦ ମିଟର ଫ୍ରିଷ୍ଟାଇଲରେ ତୃତୀୟ ସ୍ଥାନ ଅଧିକାର କରି ଦ୍ୱିତୀୟ କାଂସ୍ୟ ପଦକ ଜିତିଛନ୍ତି। ୨୦୦ ମିଟର ବଟରଫ୍ଲାଏରେ ଦିବ୍ୟାଙ୍କା ପ୍ରଧାନ ୬ଷ୍ଠ ଓ ମିକ୍ସଡ ୪ ଗୁଣା ୧୦୦ ମିଟର ରିଲେ ଟିମ୍‌କୁ ଚତୁର୍ଥ ସ୍ଥାନ ମିଳିଛି।

**ଅରାତି ବିଜୟ ମହାନ୍ତି ସ୍ମାରକୀ ଓପନ୍ ଶିଶୁ ଚେସ୍**

## ଆଦୀଶା, ଦିବ୍ୟା, ଆଦିତ୍ୟ, ପ୍ରାଂଶୁ ଚାମ୍ପିଅନ









**ଭୁବନେଶ୍ୱର,୨୧।୧୨(ସମିସ):** ଓଡ଼ିଶା ରାଜ୍ୟ ଚେସ ସଂଘ ଓ ପ୍ରୟାସ ଚେସ୍ ଏକାଡେମୀର ମିଳିତ ସହଯୋଗରେ ଚତୁର୍ଥ ଅରାତି ବିଜୟ ମହାନ୍ତି ଓପନ ଶିଶୁ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ୪ଟି ବିଭାଗରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏହା ମଧ୍ୟରୁ ୮ ବର୍ଷରୁ କମ୍ ବିଭାଗରେ ପୋଖରୀପୁଟ ଡିଏଭି ସ୍କୁଲ୍‌ର ଆଦୀଶା କାନୁନଗୋ ଚାମ୍ପିଅନ, ଲୟଲା ସ୍କୁଲ୍‌ର ଦେବାଂଶୀ ସାହୁ ରନର୍ସଅପ୍, ୧୦ ବର୍ଷରୁ କମ୍ ବିଭାଗରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଦିବ୍ୟା ଦୃଷ୍ଟି ଶତପଥୀ ଚାମ୍ପିଅନ, ସେଣ୍ଟ ଆର୍ଣ୍ଣୋଲ୍ଡ ସ୍କୁଲ୍‌ର ଅନୀଶା ଆଚାର୍ଯ୍ୟ ରନର୍ସ ଅପ୍, ୧୨ ବର୍ଷରୁ କମ୍ ବିଭାଗରେ କଳିଙ୍ଗନଗର ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆଦିତ୍ୟ ଜେନା ଚାମ୍ପିଅନ୍ ଓ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶ ନନ୍ଦ ଗୋସ୍ୱାମୀ ରନର୍ସ ଅପ୍, ୧୪ ବର୍ଷରୁ କମ୍ ବିଭାଗରେ ଏପିଜେ ସ୍କୁଲ୍‌ର ପ୍ରାଂଶୁ ଦାସ ଚାମ୍ପିଅନ ଓ କଳିଙ୍ଗ ନଗର ଡିଏଭି ପବ୍ଲିକ୍ ସ୍କୁଲ୍‌ର ସୂର୍ଯ୍ୟାଂଶ ସାହୁ ରନର୍ସ ଅପ୍ ହୋଇଥିଲେ।

ଖେଳ ଶେଷରେ ଆମ୍ବାୟାର ହସ୍ପିଟାଲର ସିନିଅର ଅଙ୍କୋଲୋଜିଷ୍ଟ ଡାକ୍ତର ଅମିତାଭ ଜେନା ମୁଖ୍ୟ ଅତିଥି, ସିନିଅର ପାଇଥାଲୋଜିଷ୍ଟ ଡାକ୍ତର ରଶ୍ମି ପଟ୍ଟନାୟକ ଓ ଓଡ଼ିଶା ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ଏହି ପ୍ରତିଯୋଗିତାକୁ ପ୍ରୟାସ ଚେସ୍ ଏକାଡେମୀର ନିର୍ଦ୍ଦେଶକ ସୃଜନ ପ୍ରଣୟୀ ରାୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

**ସଦାଶିବ ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଉଦ୍‌ଯାପିତ**

# ସାଇ ଇଲେଭେନ୍ ଚାମ୍ପିଅନ, ତମାଣ୍ଡୋ ରନର୍ସଅପ୍

ଭୁବନେଶ୍ୱର,୨୧।୧୨(ସମିସ)

ଭୁବନେଶ୍ୱରର ସାଇ ଇଲେଭେନ୍ ୧୬ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଭାପୁର ବ୍ଲକ୍ ଅନ୍ତର୍ଗତ ନାଳିସାଗର ଖେଳପଡ଼ିଆରେ ରବିବାର ଅନୁଷ୍ଠିତ ଫାଇନାଲ ଖେଳରେ ସାଇ ଇଲେଭେନ୍ ୧୧୫ ରନ୍‌ରେ ତମାଣ୍ଡୋ କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ଚଳିତବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଫତେଗଡ୍ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ସାଇ ଇଲେଭେନ୍ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୫୩ ରନ୍ କରିଥିଲା। ଜବାବରେ ତମାଣ୍ଡୋ କ୍ରିକେଟ କ୍ଲବ୍ ୧୪.୩ ଓଭରରେ ୧୩୮ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଦଳର ବ୍ୟାଟର ଆଦିତ୍ୟ ରାଉତ ୬୦ବଲ୍‌ରେ ୧୪ ଚୌକା ଓ ୯ ଛକା ସହ ୧୧୫ ରନ୍ କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସେ ମଧ୍ୟ କ୍ରମାଗତ ଶତକ ହାସଲ କରି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାତେଇଥିଲେ। ଦଳର ଫାଷ୍ଟ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ ୫ଟି ୱିକେଟ ନେଇ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ।



ଖେଳ ଶେଷରେ ମଧ୍ୟପ୍ରଦେଶ ରାଜ୍ୟସଭା ସାଂସଦ ତଥା ଉଜ୍ଜୟିନୀ ପୀଠାଧୀଶ ବାଲଯୋଗୀ ଉମେଶନାଥ ମହାରାଜ, ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ଦଶପଲ୍ଲା ବିଧାୟକ ପ୍ରଦୀପ ସାହୁ, ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ବିଶିଷ୍ଟ କ୍ରିକେଟ କୋଚ୍ କିଶୋର ମାଣିଆ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବାବଦରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୧.୫ ଲକ୍ଷ ଓ ରନର୍ସଅପ୍ ତମାଣ୍ଡୋ ଦଳକୁ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଓସିଏ ଅମ୍ପାୟାର ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ଆଶୁତୋଷ ପାଣି ଖେଳ ପରିଚାଳନା କରିଥିଲେ। ବୁବୁ ସିହ୍ନା, ସରୋଜ ମହାପାତ୍ର ଓ ଜନ୍ମେଜୟ ଦଳାଇ ଧାରାବିବରଣୀ ପ୍ରଦାନ କରିଥିଲେ।

**ମୁକ୍ତେଶ୍ୱର କପ୍**

## ଗ୍ରୀନ୍ସ ଏକାଡେମୀ, ଆଇଆଇସି ବିଜୟୀ

**ଭୁବନେଶ୍ୱର, ୨୧।୧୨ (ସମିସ):** ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ମୁକ୍ତେଶ୍ୱର କପ୍‌ରେ ରବିବାର ଦୁଇଟି କ୍ୱାଲିଫାୟର ମ୍ୟାଚ୍ ଖେଳାଯାଇଛି। ଏଥିରେ ଗ୍ରୀନ୍ସ କ୍ରିକେଟ୍ ଏକାଡେମୀ ଓ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ୍ (ଆଇଆଇସି) ବିଜୟୀ ହୋଇଛି। ଦିବସର ପ୍ରଥମ ମ୍ୟାଚରେ ଆଇଆଇସି ଦଳ ୧୫ ରନରେ ଖୋର୍ଦ୍ଧା ଜିଲ୍ଲା କ୍ରିକେଟ୍ ସଂଘକୁ ପରାସ୍ତ କରିଥିଲା। ସେହିଭଳି ଦ୍ୱିତୀୟ ମୁକାବିଲାରେ ଗ୍ରୀନ୍ସ କ୍ରିକେଟ୍ ଏକାଡେମୀ ୮ ୱିକେଟ୍‌ରେ ବିଶ୍ୱଭାରତୀ କ୍ରିକେଟ୍ କ୍ଲବକୁ ପରାସ୍ତ କରିଛି । ଆଇଆଇସିର ରାଜବୀର ସାମନ୍ତରାୟ (୩ ୱିକେଟ୍) ଓ ଓମ୍ ସାହୁ (୩ ୱିକେଟ୍) ଶ୍ରେଷ୍ଠ ଖେଳାଳି ହୋଇଥିଲେ। .

ନନ୍ଦିଘୋଷ
'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ
କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS